بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 37

ବାର୍ଷିକ ଦେୟ: ୫୦୦/-

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

13 ସେପ୍ଟେମ୍ବର୍ 2018 13 ତବୁକ୍ 1397 ହି.ଶ 02 ମୋହରମ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡۤا اَنۡفِقُوۡا
مِنۡ طَیِّبٰتِ مَا کَسَبۡتُمۡ
وَمِمَّاۤ اَخۡرَجۡنَا لَکُمۡ مِّنَ الۡاَرۡضِ

(سورۃ البقرہ:268)

**ଅନୁବାଦ** - ହେ ବିଶ୍ୱାସକାରୀମାନେ ! ଯାହାକିଛି ତୁମେମାନେ ଉପାର୍ଜନ କରିଅଛ ସେଥିରୁ ସୁଧ ବସ୍ତୁମାନ ଏବଂ ଯାହା ଆମ୍ଭେ ତୁମମାନଙ୍କ ଲାଗି ଭୂମିରୁ ବାହାର କରିଅଛୁ, ତା ମଧ୍ୟରୁ (ସାଧ୍ୟ ଅନୁଯାୟୀ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କର ।

(ବକ୍ରାଃ: ୨୬୮)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ପ୍ରତ୍ୟେକ ଯେଉଁମାନେ ଆକାଶୀୟ ଅନୁଗ୍ରହରୁ ରୁହୁଲ୍ କୁଦୁସ୍ ଜରିଆରେ ଉତମ ଚରିତ୍ରର ଭାଗ ପାଏନାହିଁ ତାର ଚରିତ୍ରବାନ୍ ହେବାର ଦାବି ହେଉଛି ମିଥ୍ୟା ଓ ତା ପାଣିତଳେ ବହୁତ କାଦୁଅ ରହିଛି । ଏବଂ ବହୁତ ଗୋବର ରହିଛି, ଯାହା ବିଷୟ ବାସନାର ଉଦ୍‌ଗାର ସମୟରେ ପ୍ରକାଶ ହୋଇଥାଏ ।
ତେଣୁ ତୁମେ ନିଜ ଇଶ୍ୱରଙ୍କ ସହିତ ସୁସମ୍ପର୍କ ସ୍ଥାପନ କର । ଥଟ୍ଟା, ପରିହାସ, କପଟତା, କୁଭାଷା, ଲୋଭ, ମିଥ୍ୟା, ବ୍ୟଭିଚାର, କୁଦୃଷ୍ଟି, କୁଭାବନା, ଭୌତିକବାଦୀ, ଗର୍ବ, ଅହଂକାର, ସ୍ୱେଚ୍ଛାଚାରିତା, ଧୃଷ୍ଟତା ଓ କୁତର୍କକୁ ପରିତ୍ୟାଗ କର ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ସୁରା ଫାତିହାର ଦୁଆ ଆମକୁ ଶିଖାଇଛି କି ଖୁଦାଙ୍କୁ ଏ ପୃଥିବୀରେ ସଦାସର୍ବଦା ସେହି ପ୍ରଭୁତ୍ୱ ହାସଲ ରହିଛି, ଯେପରି କି ଅନ୍ୟ ବ୍ରହ୍ମାଣ୍ଡ ଉପରେ (ତାର) ପ୍ରଭୁତ୍ୱ ହାସଲ ଅଛି । ସୁରା ଫାତିହାର ପ୍ରାରମ୍ଭରେ ଖୁଦାଙ୍କ ସେହି ସବୁ ପୂର୍ଣ୍ଣ ପ୍ରଭୁତ୍ୱର ବିଶେଷ ଗୁଣଗୁଡିକର ଚର୍ଚ୍ଚା କରାଯାଇଛି, ଯାହାକୁ ଏ ଦୁନିଆରେ କୌଣସି ଅନ୍ୟ ପୁସ୍ତକ ଏପରି ସ୍ପଷ୍ଟ ରୂପେ ଚର୍ଚ୍ଚା କରିନାହିଁ । ଯେପରିକି ଅଲ୍ଲାଃତାଲା କହୁଛନ୍ତି କି ସେ ହେଉଛନ୍ତି ରହ୍‌ମାନ୍ (ଅଶେଷ ଦୟାବାନ୍), ସେ ହେଉଛନ୍ତି ରହିମ୍ (ସଦା କରୁଣାମୟ), ସେ ହେଉଛନ୍ତି ମାଲିକି ୟୋମିଦ୍ଦିନ୍ (ହିସାବ ନିକାସ ଦିନର ମାଲିକ) । ପୁଣି ତାଠାରୁ ଦୁଆ ମାଗିବା ପାଇଁ ଶିକ୍ଷା ଦିଆଯାଇଛି ଓ ଯେଉଁ ଦୁଆ ଏଥିରେ ମଗାଯାଇଛି ତାହା ମସିହ୍‌ଙ୍କ ତାଲିମ୍‌ରେ ଥିବା ଦୁଆ ସଦୃଶ କେବଳ ପ୍ରତ୍ୟେକ ଦିନର ରୁଟି ପାଇବାର ଦରଖାସ୍ତ ନୁହେଁ ବରଂ ମନୁଷ୍ୟର ପ୍ରକୃତିରେ ପ୍ରାରମ୍ଭରୁ ଯେଉଁ ସାମର୍ଥ୍ୟ ତାକୁ ପ୍ରଦାନ କରାଯାଇଛି ଏବଂ ତାହାର ତୃଷ୍ଣା ଲଗାଇ ଦିଆଯାଇଛି ସେହି (ସମସ୍ତ) ଦୁଆ ଶିଖାଯାଇଛି । ଏବଂ ତାହା ହେଉଛି *ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକୀମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତ ଆଲୈହିମ୍* ଅର୍ଥାତ୍- ହେ ଏହି ସମସ୍ତ ବିଶେଷ ଗୁଣର ମାଲିକ ଓ ଏପରି ଦାତା, ଅର୍ଥାତ୍ ଅଣୁଅଣୁ ତୁମଠାରୁ ଲାଳନ ପାଳନ ହେଉଛନ୍ତି ଓ ତୁମର ରହ୍‌ମାନୀୟତ୍ (ଅଶେଷ ଦୟା) ଏବଂ ରହ୍‌ମୀୟତ୍ (ସଦା କରୁଣାମୟ) ଏବଂ କୁଦ୍‌ରତେ ଜଜା ସଜା (ପୁରସ୍କାର ଓ ଦଣ୍ଡଦେବାର ଶକ୍ତି)ରୁ ଲାଭ ଉଠାଉଛନ୍ତି । ତୁମେ ଆମକୁ ବିଗତ ସତ୍ୟବାଦୀ ମାନଙ୍କ ଉତରାଧିକାରୀ ବନାଓ ଏବଂ ସେହି ସମସ୍ତ ନେମତ୍ (ବୈଭବ ଓ ପୁରସ୍କାର) ଯାହା ସବୁ ସେମାନଙ୍କୁ ଦେଇଅଛ ଆମକୁ ମଧ୍ୟ ପ୍ରଦାନ କର ଓ ଆମେ ଅବଜ୍ଞାକାରୀ ହୋଇ କ୍ରୋଧର ଶିକାର ହେବାରୁ ଆମକୁ ବଂଚାନ୍ତୁ ଓ ଆମକୁ ତୁମ ସାହାଯ୍ୟରୁ ଲାଭ ନ ଉଠାଇ ବିପଥଗାମୀ ହେବାରୁ ବଂଚାନ୍ତୁ । ଆମିନ୍ !

ବର୍ତମାନ ଏହି ସମସ୍ତ ଗବେଷଣାରୁ ଇଞ୍ଜିଲ୍‌ର ଦୁଆ ଓ ପବିତ୍ର କୋରାନ୍‌ରେ ଥିବା ଦୁଆ ମଧ୍ୟରେ ଯେଉଁ ଫରକ ଅଛି ତାହା ସ୍ପଷ୍ଟ ହୋଇଗଲା । ଅର୍ଥାତ୍ ଇଞ୍ଜିଲ୍ ଇଶ୍ୱରଙ୍କ ରାଜତ୍ୱ ଆସିବାର ଗୋଟିଏ ପ୍ରତିଶୃତି ଦେଇଛି କିନ୍ତୁ ପବିତ୍ର କୋରାନ୍ କହୁଅଛି କି ଇଶ୍ୱରଙ୍କ ରାଜତ୍ୱ ତୁମମାନଙ୍କ ମଧ୍ୟରେ ନିହିତ ଅଛି । ନା କେବଳ ଅବସ୍ଥିତ ବରଂ ବାସ୍ତବରେ ତୁମ ଉପରେ (ତାର) ବଦାନ୍ୟତା ମଧ୍ୟ ଜାରି ରହିଛି । ସୁତରାଂ ଇଞ୍ଜିଲ୍‌ରେ କେବଳ ଗୋଟିଏ ପ୍ରତିଶୃତି ଅଛି । କିନ୍ତୁ ପବିତ୍ର କୋରାନ୍‌ରେ ନା କେବଳ ପ୍ରତିଶୃତି ବରଂ ପ୍ରତିଷ୍ଠିତ ରାଜତ୍ୱ ଓ ତାର ବଦାନ୍ୟତାକୁ ପ୍ରଦର୍ଶନ କରୁଅଛି । ଏବେ ପବିତ୍ର କୋରାନ୍‌ର ଶ୍ରେଷ୍ଠତା ଏଥିରୁ ବାରି ହୋଇ ପଡୁଛି କି ସେ ଏପରି ଇଶ୍ୱରଙ୍କୁ ଉପସ୍ଥାପନ କରୁଛି ଯିଏ ଏହି ଜୀବନରେ ସତ୍ୟବାଦୀଙ୍କ ମୋକ୍ଷଦାତା ଓ ଶାନ୍ତିଦାୟକ ଅଟନ୍ତି । କୌଣସି ଜୀବନ ତା ବଦାନ୍ୟତାରୁ ଖାଲିନାହିଁ ବରଂ ପ୍ରତ୍ୟେକ ଜୀବଙ୍କ ଉପରେ ତାର ରବୁବିୟତ୍ (ପାଳନକର୍ତା ହେବା), ରହ୍‌ମାନୀୟତ୍ (ଅଶେଷ ଦୟାବାନ୍ ହେବା) ଏବଂ ରହିମିୟତ୍ (ସଦା କରୁଣାମୟ ହେବା)ର ଅନୁଗ୍ରହ ଜାରି ରହିଛି । କିନ୍ତୁ ଇଞ୍ଜିଲ୍ ଏପରି ଇଶ୍ୱରଙ୍କୁ ପେଶ୍ କରୁଅଛି ଯାହାଙ୍କ ରାଜତ୍ୱ ବର୍ତମାନ ପୃଥିବୀକୁ ଆସିନାହିଁ, କେବଳ ପ୍ରତିଶୃତି ରହିଛି । ଏବେ ଚିନ୍ତା କର କି ବୁଦ୍ଧି (ଓ ବିବେକ) କାହାର ଅନୁସରଣ କରିବାକୁ ଯୋଗ୍ୟ ଭାବୁଛି ।...........
ଇଞ୍ଜିଲ୍‌ରେ ସହନଶୀଳତା, ଦରିଦ୍ରତା ଓ ଅସହାୟ ମାନଙ୍କୁ ପ୍ରଶଂସା କରାଯାଇଛି । ତତ୍‌ସହିତ ସେମାନଙ୍କର ପ୍ରଶଂସା କରାଯାଇଛି ଯେଉଁମାନେ ଅତ୍ୟାଚାରରେ ପ୍ରପୀଡିତ ଏବଂ (ଅତ୍ୟାଚାରର) ମୁକାବିଲା କରୁନାହାଁନ୍ତି । କିନ୍ତୁ ପବିତ୍ର କୋରାନ୍ କେବଳ ଏହା କହୁନାହିଁ କି ତୁମେ ସବୁବେଳେ ଅସହାୟ ଅବସ୍ଥାରେ ରୁହ ଓ ଧୃଷ୍ଟତାର ମୁକାବିଲା କରନାହିଁ ବୋଲି ବରଂ କହୁଛି କି ସହିଷ୍ଣୁତା ଓ ଅସହାୟତା ଓ ଦରିଦ୍ରତା ଓ ମୁକାବିଲା ନକରିବା ହେଉଛି ଭଲକଥା । କିନ୍ତୁ ଯଦି କାଳ ଓ ପାତ୍ର ଦେଖି ବ୍ୟବହାର ନ କରାଯାଏ ତେବେ ତାହା ଖରାପ । ସୁତରାଂ ତୁମେ କାଳ ଓ ପାତ୍ରକୁ ଦେଖି ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟ କର । କାରଣ ସେହି ପୁଣ୍ୟ ହେଉଛି ପାପ ସଦୃଶ ଯାହା ସଠିକ୍ ସମୟରେ ନ କରାଯାଏ । ଯେପରିକି ତୁମେ ଦେଖୁଛ ଯେ ବର୍ଷା କେତେ ଉତମ ଓ ଆବଶ୍ୟକୀୟ ବସ୍ତୁ କିନ୍ତୁ ଯଦି ସେ ଅକାଳ ଓ ଅସମୟରେ ହୁଏ ତେବେ ତାହା ଧ୍ୱଂସର କାରଣ ହୋଇଯାଏ । (ପୁଣି) ତୁମେ ଦେଖୁଛ କି ଗୋଟିଏ ପ୍ରକାରର ଥଣ୍ଡା ଖାଦ୍ୟ ବା ଗରମ ଖାଦ୍ୟ ସବୁବେଳେ ବ୍ୟବହାର କରିବା ଯୋଗୁଁ ତୁମର ସ୍ୱାସ୍ଥ୍ୟ ଠିକ୍ ରହିପାରେ ନାହିଁ ବରଂ ସ୍ୱାସ୍ଥ୍ୟ ସେତେବେଳେ ଠିକ୍ ରହେ ଯେବେ ଉଚିତ୍ ସମୟରେ ସ୍ୱାସ୍ଥ୍ୟପଯୋଗୀ ଖାଦ୍ୟ ଓ ପାନୀୟ ବସ୍ତୁରେ ପରିବର୍ତନ ହେଉଥିବ । ସୁତରାଂ ତାଗିଦ୍ କରିବା, ନମ୍ର ଆଚରଣ କରିବା, କ୍ଷମା ପ୍ରଦାନ କରିବା, ପ୍ରତିଶୋଧ ନେବା, ଦୁଆ ଓ ବଦ୍‌ଦୁଆ (ପ୍ରାର୍ଥନା ଓ ଅଭିଷାପ)ଦେବା ଏବଂ ଅନ୍ୟ ସମସ୍ତ ଉତମ ଚରିତ୍ର ଯାହା ସବୁ ହେଉଛି ତୁମପାଇଁ ସମୟ ମୁତାବକ, ସେ ସବୁରେ ମଧ୍ୟ ପରିବର୍ତନ ହେବା ଉଚିତ୍ । ଉଚ୍ଚସ୍ତରର ବିନମ୍ର ଓ ଚରିତ୍ରବାନ୍ ହୁଅ କିନ୍ତୁ ନା ଅଯାଗାରେ ନା ଅସମୟରେ । ତତ୍‌ସହିତ ଏହା ମଧ୍ୟ ମନେରଖ କି ବାସ୍ତବିକ ଉତମ ଚରିତ୍ର, ଯେଉଁଥିରେ ସ୍ୱାର୍ଥପରତାର କୌଣସି ବିଷ ମିଶି ନଥାଏ, ତାହା ଉପରୁ (ଅର୍ଥାତ୍ ଇଶ୍ୱରଙ୍କ ନିକଟରୁ) ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା)ଙ୍କ ଜରିଆରେ ଆସିଥାଏ । ସୁତରାଂ ତୁମେ ସେହି ଉତମ ଚରିତ୍ର ଗୁଡିକୁ ନିଜ ଚେଷ୍ଟାବଳରେ ହାସଲ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମକୁ ଉପରୁ (ଅର୍ଥାତ୍ ଇଶ୍ୱରଙ୍କ ଠାରୁ) ଚରିତ୍ର ପ୍ରଦାନ ନ କରାଯାଇଛି । ପ୍ରତ୍ୟେକ ଯିଏ ଆକାଶୀୟ ଅନୁଗ୍ରହରୁ ରୁହୁଲ୍ କୁଦୁସ୍ ଜରିଆରେ ଉତମ ଚରିତ୍ରର ଭାଗ ପାଏନାହିଁ ତାର ଚରିତ୍ରବାନ୍ ହେବାର ଦାବି ହେଉଛି ମିଥ୍ୟା ଓ ତା ପାଣିତଳେ ବହୁତ କାଦୁଅ ଏବଂ ବହୁତ ଗୋବର ରହିଛି, ଯାହା ବିଷୟ ବାସନାର ଉଦ୍‌ଗାର ସମୟରେ ପ୍ରକାଶ ହୋଇଥାଏ । ତେଣୁ ତୁମେ ଇଶ୍ୱରଙ୍କଠାରୁ ସର୍ବଦା ଶକ୍ତି ଭିକ୍ଷା କର ଯଦ୍ୱାରା ସେହି କାଦୁଅ ଓ ଗୋବରରୁ ତୁମକୁ ମୁକ୍ତି ମିଳିବ । ଏବଂ ରୁହୁଲ୍ କୁଦୁସ୍ ତୁମ ଭିତରେ ସଚ୍ଚା ପବିତ୍ରତା ଓ କୋମଳତା ସୃଷ୍ଟି କରନ୍ତୁ । ମନେରଖ କି ସତ୍ୟତା ଏବଂ ପବିତ୍ର ଚରିତ୍ର ହେଉଛି ସତ୍ୟବାଦୀମାନଙ୍କ ଚମତ୍କାର, ଯେଉଁଥିରେ ଅନ୍ୟ କାହାର ମିଶ୍ରଣ ନାହିଁ । କାରଣ ଯେଉଁମାନେ ଇଶ୍ୱରଙ୍କ ଭିତରେ ମଗ୍ନ ନାହାଁନ୍ତି ସେମାନେ ଉପରୁ ଶକ୍ତି ପାଆନ୍ତି ନାହିଁ । ତେଣୁ ସେମାନଙ୍କ ପାଇଁ ସମ୍ଭବ ନୁହେଁ କି ସେମାନେ ପବିତ୍ର ଚରିତ୍ର ହାସଲ କରିପାରିବେ । ତେଣୁ ତୁମେ ନିଜ ଇଶ୍ୱରଙ୍କ ସହିତ ସୁସମ୍ପର୍କ ସ୍ଥାପନ କର । ଥଟ୍ଟା, ପରିହାସ, କପଟତା, କୁଭାଷା, ଲୋଭ, ମିଥ୍ୟା, ବ୍ୟଭିଚାର, କୁଦୃଷ୍ଟି, କୁଭାବନା, ଭୌତିକବାଦୀ, ଗର୍ବ, ଅହଂକାର, ସ୍ୱେଚ୍ଛାଚାରିତା, ଧୃଷ୍ଟତା ଓ କୁତର୍କକୁ ପରିତ୍ୟାଗ କର । ପୁଣି ଏହା ସବୁକିଛି ତୁମକୁ ଆକାଶରୁ ମିଳିବ । ଯେପର୍ଯ୍ୟନ୍ତ ସେହି ସର୍ବ ଶକ୍ତିମାନ, ଯିଏ ତୁମକୁ ଉଚ୍ଚକୁ ଉଠାଇଥାନ୍ତି ସେ ତୁମ ସହିତ ନାହାନ୍ତି ଏବଂ ରୁହୁଲ୍ କୁଦୁସ୍, ଯିଏ ଜୀବନ ପ୍ରଦାନ କରିଥାନ୍ତି ସେ ତୁମ ମଧ୍ୟରେ ପ୍ରେବଶ ନ କରିଛନ୍ତି ସେପର୍ଯ୍ୟନ୍ତ ତୁମେ ବହୁତ ଦୁର୍ବଳ ଓ ଅନ୍ଧକାରରେ ପଡିରହିଥିବ । ବରଂ ତୁମେ ହେଉଛ ଏକ ମୁର୍ଦ୍ଦାର, ଯାହା ମଧ୍ୟରେ ଜୀବନ ନାହିଁ । ଏପରି ପରିସ୍ଥିତିରେ ନା ତ ତୁମେ କୌଣସି ପ୍ରକାର ବିପଦର ମୁକାବିଲା କରିପାରିବ ଓ ନା ପ୍ରତିଷ୍ଠା ଓ ବୈଭବଶାଳୀ ଅବସ୍ଥାରେ ଗର୍ବ ଓ ଅହଂକାରରୁ ବଂଚିପାରିବ । ପ୍ରତ୍ୟେକ ପାର୍ଶ୍ୱରୁ ତୁମେ ଶୈତାନ୍ ଓ ଅହଂକାର କବଳରେ ରହିବ । ତେଣୁ ତୁମର ଉପଚାର ବାସ୍ତବରେ ହେଉଛି ଗୋଟିଏ, ଅର୍ଥାତ୍ ରୁହୁଲ୍ କୁଦୁସ୍ ଯିଏ ବିଶେଷ ରୂପେ ଇଶ୍ୱରଙ୍କ ହାତଦ୍ୱାରା ଅବତୀର୍ଣ୍ଣ ହୋଇଥାନ୍ତି, ସେ ତୁମର ମୁଖକୁ ପୁଣ୍ୟ ଓ ସତ୍ୟବାଦୀ ଆଡକୁ ବୁଲାଇଦିଅନ୍ତୁ । ତୁମେ ଆକାଶର ପୁତ୍ର ହୁଅ ନା କି ଭୂମିପୁତ୍ର ଏବଂ ଆଲୋକର ଉତରାଧିକାରୀ ହୁଅ ନା କି ଅନ୍ଧାରପ୍ରେମୀ । ଯଦ୍ୱାରା ତୁମେ ଶୈତାନ୍‌ର ରାସ୍ତାରୁ (ବଂଚି) ଶାନ୍ତିର (ମାର୍ଗକୁ) ଆସିଯିବ । କାରଣ ଶୈତାନ୍‌କୁ ସର୍ବଦା ରାତିରେ ସ୍ୱାର୍ଥ ରହିଛି, ଦିନରେ କିଛି ସ୍ୱାର୍ଥ ନାହିଁ କାରଣ ସେ ହେଉଛି ପୁରୁଣା ଚୋର ଯିଏ ରାତିରେ ପାଦ ଥାପିଥାଏ ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୩-୪୫)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଯଦି ଆପଣମାନେ ନିଜର ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତି ପାଇଁ ଚେଷ୍ଟା କରୁନାହାଁନ୍ତି ତେବେ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ଓ ଜମାତ୍‌ର ସଦସ୍ୟ ହେବାରେ କୌଣସି ଲାଭନାହିଁ ।

ଆପଣମାନେ ଅଧିକାଂଶ ସମୟ ଏମ୍.ଟି.ଏ ଦେଖନ୍ତୁ । ମୋ ଖୁତ୍‌ବାଜୁମା ଗୁଡିକ ଏବଂ ବିଭିନ୍ନ ଅବସରରେ ମୋ ଦ୍ୱାରା ଦିଆଯାଇଥିବା ଅଭିଭାଷଣକୁ ନିୟମିତ ଶୁଣନ୍ତୁ । ଏହାଦ୍ୱାରା ଖିଲାଫତ୍ ସହିତ ଆପଣମାନଙ୍କର ନିଷ୍ଠାର ସମ୍ପର୍କ ବଢ଼ିବ ଓ ବରକାତେ ଖିଲାଫତ୍‌ରୁ ଭାଗ ପାଇବେ ।

ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍‌ର ବରକତ୍ ସହିତ ଅବଗତ କରାନ୍ତୁ ଓ ସେମାନଙ୍କୁ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବା ପାଇଁ ଉପଦେଶ ଦିଅନ୍ତୁ ।

ଆଜି ଇସଲାମ୍‌କୁ ଜୀବିତ କରିବାର କାର୍ଯ୍ୟ ନିଜାମେ ଖିଲାଫତ୍ ସହିତ ଯୋଡ଼ି ହୋଇ ସମ୍ପାଦନ କରାଯାଇପାରିବ ।

ସେଥିଯୋଗୁ ସର୍ବଦା ଚେଷ୍ଟା କରିଚାଲନ୍ତୁ କି ଆପଣ ଓ ଆପଣଙ୍କ ଆସନ୍ତା ପିଢ଼ୀ ସର୍ବଦା ଖିଲାଫତ୍‌ର ବରକତ୍, ମାର୍ଗଦର୍ଶନ ଏବଂ ଶରଣରେ ରୁହନ୍ତୁ ।

ହେଇଟି (Haiti) ଠାରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଜଲ୍‌ସାସାଲାନା ୨୮,୨୯ ଏପ୍ରିଲ୍ ୨୦୧୮ ଅବସରରେ

ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ **ବାର୍ତା**

ଜମାତ୍ ଅହେମଦୀୟା (Haiti) ତା-୨୮,୨୯ ଏପ୍ରିଲ୍ ୨୦୧୮ ରିଖ ଦିନ ନିଜର ଦ୍ୱିତୀୟ ଜଲ୍‌ସାସାଲାନା ଅନୁଷ୍ଠିତ କରିଛି । ଏହି ଜଲ୍‌ସାରେ ଦେଶର ଦୂରଦୂରାନ୍ତରୁ ଜମାତ୍‌ର ସଦସ୍ୟମାନେ ବହୁତ ଆନନ୍ଦିତ ଓ ଉଲ୍ଲାସର ସହିତ ଆସି ଯୋଗ ଦେଇଛନ୍ତି । ଦେଶର ଅତ୍ୟନ୍ତ ଉତର ରିଜିଅନ୍‌ର ଗ୍ରାମ ବୋଶାଁରୁ ୫୧ଜଣ ସଦସ୍ୟ ପାଦରେ ଚାଲି ଓ ମୋଟର ସାଇକେଲ ଦ୍ୱାରା ଯାତ୍ରା କରି ନିକଟତମ ସହର ହୋଟ୍ ଦେ ପେ ଠାରେ ପହଂଚିଲା ଯେଉଁଠି ସେମାନେ ବସ୍ଷ୍ଟାଣ୍ଡଠାରେ ରାତ୍ରିଜାପନ କଲେ । ଆସନ୍ତା ଦିନ ୪୬ଜଣ ସଦସ୍ୟର କାଫିଲା ସେହି ସହରରେ ତାଙ୍କ ସହିତ ସାମିଲ୍ ହୋଇ ପାଖାପାଖି ୧୦୦ଜଣ ସଦସ୍ୟରେ ପରିବେଷ୍ଟିତ ଏହି କାଫିଲାଟି ଦିନ ରାତିର ଲମ୍ବା ଓ କଷ୍ଟପୂର୍ଣ୍ଣ ଯାତ୍ରା ଅତିକ୍ରମ କରି ଜଲ୍‌ସାରେ ସାମିଲ୍ ହେଲେ । ୨୮ ଏପ୍ରିଲ୍ ଦ୍ୱିପ୍ରହର ପର୍ଯ୍ୟନ୍ତ ସମସ୍ତ କାଫିଲା ପହଂଚି ସାରିଥିଲା । ପ୍ରୋଗ୍ରାମ୍ ମୁତାବକ ଦ୍ୱିପ୍ରହର ଠିକ୍ ୨ଟା ବେଳେ ମୋକରମ୍ ମୌଲାନା ଦାଉଦ୍ ଅହେମଦ୍ ହନିଫ୍ ସାହେବ୍ ଅହେମଦୀୟତ୍‌ର ଧ୍ୱଜା ଉଡାଇଲେ ଏବଂ ମୋକରମ୍ କୈସର୍ ମେହ୍‌ମୁଦ୍ ତାହେର୍ ସାହେବ୍ (Haiti) ଦେଶର ପତାକା ଉଡାଇଲେ । ନମାଜ ଜୋହର୍ ଓ ଅସର ପଢ଼ିବା ପରେ ମୋକରମ୍ କୈସର୍ ମେହ୍‌ମୁଦ୍ ତାହେର୍ ସାହେବଙ୍କ ସଭାପତିତ୍ୱରେ ଇଫ୍‌ତେତାହି (ପ୍ରାରମ୍ଭିକ) ଇଜ୍‌ଲାସ୍ ଅନୁଷ୍ଠିତ ହେଲା । ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହ୍ ଅଲ୍ ଖାମିସ୍ ଅ:ବ:ଅ ଏହି ଜଲ୍‌ସା ନିମନ୍ତେ ନିଜର ମୂଲ୍ୟବାନ୍ ବାର୍ତା ପଠାଇଛନ୍ତି, ଯାହାର ଉର୍ଦ୍ଦୁ ଅନୁବାଦ ଅଖବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ତା-୨୫ ମଇ ୨୦୧୮ରିଖ କୁ ଧନ୍ୟବାଦ । ଜଣେ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି । (କାର୍ଯ୍ୟାଳୟ)

ହଜୁର୍ ଅନୁଓ୍ୱର୍ ନିଜ ବାର୍ତାରେ ଜମାତ୍ ଅହେମଦିୟା Haiti ର ସଦସ୍ୟମାନଙ୍କ ନାମରେ ପ୍ରେମଭରା ସଲାମ୍ ପ୍ରେରଣ କରିବା ପରେ କହୁଛନ୍ତି କି ମୁଁ ଏଥିରେ ବହୁତ ଆନନ୍ଦିତ ଯେ ଜମାତ୍ ଅହେମଦୀୟା Haiti ନିଜର ଦ୍ୱିତୀୟ ଜଲ୍‌ସାସାଲାନା ୨୯ ଏପ୍ରିଲ୍‌କୁ ଅନୁଷ୍ଠିତ କରୁଅଛି । ମୋର ଏ ଦୁଆ କି ଅଲ୍ଲାଃତାଲା ଏହି ଜଲ୍‌ସା ମହାନ୍ ସଫଳତା ପ୍ରଦାନ କରନ୍ତୁ ଓ ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ସଦସ୍ୟ ଏହି ପବିତ୍ର ଅବସରରେ ଏହାର ଆଧ୍ୟାତ୍ମିକ ବରକତ୍‌ରୁ ଲାଭ ଉଠାନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅଲ୍ଲାଃତାଲାଙ୍କ କରୁଣାରୁ ଆପଣମାନେ ମସିହ୍ ମଉଦ୍ ଆ:ସଙ୍କ ବୟତ୍ କରିଛନ୍ତି । ଆପଣମାନଙ୍କୁ ମନେ ରଖିବା ଉଚିତ୍ କି ମସିହ୍ ମଉଦଙ୍କ ଆବିର୍ଭାବ ଦୁଇଟି ବଡ ଉଦ୍ଦେଶ୍ୟ ପାଇଁ ଥିଲା । ପ୍ରଥମଟି ହେଉଛି ଏହା କି ମୋମିନ୍ ମାନଙ୍କର ଏପରି ଏକ ଜମାତ୍‌ର ରୂପ ଦିଆଯାଉ ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ ବିଶେଷ ରୂପେ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରିବ ଓ ତାର ଉପାସନାକୁ ଜୀବନର ଉଦ୍ଦେଶ୍ୟ ବନାଇବେ । ଦ୍ୱିତୀୟଟି ହେଉଛି ଏହା କି ସେମାନେ ମାନବତାର ସେବା କରିବେ ଓ ଇସ୍‌ଲାମ୍‌ର ଉତମ ଗୁଣ ଗୁଡିକୁ ସଂସାରରେ ପ୍ରସାର ପ୍ରଚାର କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ବାର୍ତାରେ କହୁଛନ୍ତି କି ସେଇଥିପାଇଁ ଆପଣମାନଙ୍କୁ ଉତମ ଅହେମଦୀ ମୁସଲ୍‌ମାନ୍ ହେବାପାଇଁ ଚେଷ୍ଟା କରିବା ଉଚିତ୍ ଓ ଅହରହ ଚେଷ୍ଟା ଚଳାଇବା ଉଚିତ୍ କି ଆପଣମାନେ ଉକ୍ତ ସମସ୍ତ ବୟତର ସର୍ତାବଳୀ ଉପରେ ପରିଚାଳିତ ହୁଅନ୍ତୁ ଯାହାକୁ ଆପଣମାନେ ବୟତର ପ୍ରତିଶୃତି ନେବା ସମୟରେ କରିଛନ୍ତି । ଆପଣମାନଙ୍କୁ ସର୍ବଦା ନିଜର ଜାଏଜା (ଅନୁଶୀଳନ) ନେବା ଉଚିତ୍ । ନିଜର ଅବସ୍ଥାକୁ (ଦିନକୁ ଦିନ) ଉତମ ବନାଇବା ଉଚିତ୍ ଯଦ୍ୱାରା ଆପଣମାନେ ପୁଣ୍ୟ ଏବଂ ଧର୍ମପରାୟଣତାରେ ଅନବରତ ଆଗକୁ ବଢ଼ିଚାଲିବେ । ପ୍ରତ୍ୟେକ କାର୍ଯ୍ୟରେ (ଶାନ୍ତି/ପ୍ରତିଷ୍ଠା)ର ଧ୍ୟାନ ରଖନ୍ତୁ ଓ ଇଶ୍ୱରଙ୍କ ସୃଷ୍ଟିର ଓ ବିଶେଷ ରୂପେ ମାନବଜାତି ସହିତ ସହାନୁଭୂତି କରିବାରେ ଧ୍ୟାନ ରଖନ୍ତୁ ଏବଂ ଏହିଭଳି ଉଦାହରଣୀୟ ଅହେମଦୀ ମୁସଲ୍‌ମାନ୍ ହୁଅନ୍ତୁ । ମନେରଖନ୍ତୁ କି ଯଦି ଆପଣମାନେ ନିଜ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରୁନାହାଁନ୍ତି ତେବେ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ଓ ଜମାତ୍‌ର ସଦସ୍ୟ ହେବାରେ କୌଣସି ଲାଭନାହିଁ । ଆପଣମାନଙ୍କୁ ପାଂଚବେଳେ ବାଜମାତ୍ ନମାଜ୍ ପଢ଼ିବା ଉଚିତ୍ । ହାର୍ଦ୍ଦିକ ନିଷ୍ଠାର ସହିତ ଇଶ୍ୱରଙ୍କ ଗୁଣଗାନ କରିବା ଉଚିତ୍ । ଯଦ୍ୱାର ଅଲ୍ଲାଃତାଲାଙ୍କ ସହିତ ନିଜସ୍ୱ ସମ୍ପର୍କ ପ୍ରତିଷ୍ଠା ହେବ । ସେହିପରି ଦେଶର ଉଦାହରଣୀୟ ନାଗରିକ ହୁଅନ୍ତୁ ଓ ନିଜ ଦେଶ ସହିତ ପ୍ରେମ ପ୍ରକାଶ କରନ୍ତୁ । କାରଣ ଆଁ ହଜରତ୍ ସ:ଆ:ସଙ୍କ ଶିକ୍ଷାର ଗୋଟିଏ ମୂଳ ଶିକ୍ଷା ହେଉଛି ଦେଶପ୍ରେମ ଇମାନ୍‌ର ଏକ ଅଂଶ ବିଶେଷ ।

ହଜୁର୍ ନିଜ ବାର୍ତାରେ ପୁଣି କହୁଛନ୍ତି କି ଆପଣମାନେ ଅଧିକାଂଶ ସମୟ ଏମ୍.ଟି.ଏ ଦେଖନ୍ତୁ । ମୋ ଖୁତ୍‌ବାଜୁମା ଗୁଡିକ ଏବଂ ବିଭିନ୍ନ ଅବସରରେ ମୋ ଦ୍ୱାରା ଦିଆଯାଇଥିବା ଅଭିଭାଷଣକୁ ନିୟମିତ ଶୁଣନ୍ତୁ । ଏହାଦ୍ୱାରା ଖିଲାଫତ୍ ସହିତ ଆପଣମାନଙ୍କର ନିଷ୍ଠାର ସମ୍ପର୍କ ବଢ଼ିବ ଓ ବରକାତେ ଖିଲାଫତ୍‌ରୁ ଭାଗ ପାଇବେ । ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍‌ର ବରକତ୍ ସହିତ ଅବଗତ କରାନ୍ତୁ ଓ ସେମାନଙ୍କୁ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବା ପାଇଁ ଉପଦେଶ ଦିଅନ୍ତୁ । ଆଜି ଇସ୍‌ଲାମ୍‌କୁ ଜୀବିତ କରିବାର କାର୍ଯ୍ୟ ନିଜାମେ ଖିଲାଫତ୍ ସହିତ ଯୋଡ଼ି ହୋଇ ସମ୍ପାଦନ କରାଯାଇପାରିବ । ସେଥିଯୋଗୁ ସର୍ବଦା ଚେଷ୍ଟା କରିଚାଲନ୍ତୁ କି ଆପଣ ଓ ଆପଣଙ୍କ ଆସନ୍ତା ପିଢ଼ୀ ସର୍ବଦା ଖିଲାଫତ୍‌ର ବରକତ୍, ମାର୍ଗଦର୍ଶନ ଏବଂ ଶରଣରେ ରୁହନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ତବ୍‌ଲିଗ୍ ହେଉଛି ପ୍ରତ୍ୟେକ ଅହେମଦୀ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେରୁ ତବ୍‌ଲିଗ୍ କରିବା ପାଇଁ ରାସ୍ତା ଖୋଜନ୍ତୁ ଏବଂ ନା କେବଳ Haiti ବରଂ ଅନ୍ୟ ଇଲାକାର ଲୋକମାନଙ୍କ ପର୍ଯ୍ୟନ୍ତ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ବାର୍ତା ପହଂଚାନ୍ତୁ ।

ହଜୁର୍ ଅନୁଓ୍ୱର୍ ବାର୍ତାର ଶେଷରେ ଦୁଆ (ଆଶିଷ) ଦେଇ କହିଲେ କି ଅଲ୍ଲାଃତାଲା ଆପଣଙ୍କ ଜଲ୍‌ସାକୁ ମହାନ୍ ସଫଳତା ପ୍ରଦାନ କରନ୍ତୁ ଓ ଆପଣ ସମସ୍ତଙ୍କୁ ନିଷ୍ଠା ଓ ଆଧ୍ୟାତ୍ମିକତାରେ ବଢ଼ି ଚାଲିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ଆପଣମାନଙ୍କୁ ଧର୍ମପରାୟଣତା, ଉତମ ଚରିତ୍ର ଏବଂ ମାନବସେବା କରିବା ପାଇଁ ନିଜ ଜୀବନରେ ବାସ୍ତବିକ ପରିବର୍ତନ ଆଣିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

## ଅଖବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖବାର୍ ବଦର'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ଅନ୍‌ଓ୍ୱର୍ ଅ:ବ:ଅଙ୍କ ତାଜା ଖୁତ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତ୍ତର ଏବଂ ହଜୁର୍ ଅନୁଓ୍ୱରଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତରବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତରବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

# ଖୁତ୍‌ବା ଜୁମା

ଅଲ୍ଲାଃଙ୍କ ଅଶେଷ କୃପା ବଳରେ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଗତ ରବିବାର ଦିନ ନିଜର ବର୍‌କତ୍ ଓ ଅଲ୍ଲାଃଙ୍କ ଦୟା ଅବତୀର୍ଣ୍ଣ କରି ସମାପିତ ହେଲା । ଏହି ସ୍ଥାନରେ ଯାହା ଏକପ୍ରକାର ଗୋଟିଏ ଜଙ୍ଗଲ ଅଛି, ଏଠି ସମସ୍ତ ପ୍ରକାରର ସୁବିଧାକୁ ଯୋଗାଇ ଦେଇ ଗୋଟିଏ ଅସ୍ଥାୟୀ ସହର ନିର୍ମାଣ କରିଦେବା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ତତ୍‌ସହିତ ଏହା ମଧ୍ୟ କୌଣସି ପ୍ରକାରର ଶତପ୍ରତିଶତ କାର୍ଯ୍ୟର ଅନୁଭବ ରଖିଥିବା ଲୋକେ ଏଠାରେ କାମ କରୁନଥାନ୍ତି । ଏଠି ଯାହା ସବୁକିଛି ହେଉଅଛି ଓ ଯେଉଁ ପରିଣାମ ହାସଲ ହେଉଛି ଏହା କେବଳ ଅଲ୍ଲାଃତାଲାଙ୍କ କରୁଣାରୁ ହିଁ ହେଉଅଛି । ଅଲ୍ଲାଃତାଲା ହିଁ ଆମର ଏହି ଚେଷ୍ଟାକୁ ଅସାଧାରଣ ରୂପେ ସଫଳତା ପ୍ରଦାନ କରିଛନ୍ତି । ଓ ଯେଉଁ ଅତିଥିମାନେ ଆସୁଛନ୍ତି ସେମାନେ ଆଶ୍ଚର୍ଯ୍ୟଚକିତ ହୋଇ କାର୍‌କୁନ୍‌ମାନଙ୍କ ଉତ୍ସାହପୂର୍ଣ୍ଣ କାର୍ଯ୍ୟଗୁଡିକୁ ଦେଖି ଏକଥାକୁ ପରିପ୍ରକାଶ ମଧ୍ୟ କରୁଛନ୍ତି ।
ଏହି ଜଲ୍‌ସା ଯେଉଁଠି ନିଜ ସମ୍ପ୍ରଦାୟ ଭିତରେ ବିଶ୍ୱାସକୁ ସୁଦୃଢ଼ କରିବା ଓ ଭାଇଚାରାକୁ ବଢ଼ାଇବାର ମାଧ୍ୟମ ହେଉଅଛି
ସେଠି ଅନ୍ୟମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବତାଇବାର ମଧ୍ୟ ମାଧ୍ୟମ ହେଉଛି ।
ବର୍ତ୍ତମାନ ମୁଁ ସଂକ୍ଷେପରେ କିଛି (ଅତିଥିମାନଙ୍କର ଜଲ୍‌ସା ସମ୍ବନ୍ଧୀୟ) ମନୋଭାବକୁ ଉପସ୍ଥାପନ କରିବି,
ଯେଉଁଥିରୁ ସ୍ପଷ୍ଟ ହେଉଛି କି ଜଲ୍‌ସାର ବର୍‌କତ୍ (ବୈଭବ) ଅନ୍ୟମାନଙ୍କୁ କିଭଳି ପ୍ରଭାବିତ କରୁଛି ।
ଜଲ୍‌ସାସାଲାନାର ସୁବ୍ୟବସ୍ଥା, ଜଲ୍‌ସା ଅବସରରେ ହଜୁର୍ ଅନୱର୍ ଅ:ବ:ଅଙ୍କ ଅଭିଭାଷଣ, ଅନ୍ୟାନ୍ୟ ବକ୍ତାମାନଙ୍କର ବକ୍ତବ୍ୟ, ଜଲ୍‌ସାସାଲାନାର ପରିବେଶ ଏବଂ
ସ୍ୱେଚ୍ଛାସେବୀ କର୍ମୀମାନଙ୍କର ଉତ୍ସାହ ପୂର୍ବକ ସେବା ଏବଂ ଜଲ୍‌ସାର ବର୍‌କାତ୍ ସମ୍ବନ୍ଧରେ
ଦୁନିଆର ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କର ମନୋଭାବ ବ୍ୟକ୍ତ ଓ କିଛି ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।
ଜଲ୍‌ସାର ରେଡିଓ, ଟିଭି, ଖବରକାଗଜ ଓ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ବ୍ୟାପକର ରୂପେ ପ୍ରସାରଣ, କୋଟି କୋଟି ଲୋକଙ୍କ ପାଖରେ
ଏହି ସମସ୍ତ ମାଧ୍ୟମ ଦ୍ୱାରା ଇସ୍‌ଲାମେ ଅହେମଦୀୟତ୍‌ର ବାର୍ତ୍ତା ପହଂଚିଲା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୦ ଅଗଷ୍ଟ ୨୦୧୮ ଅନୁଯାୟୀ ୧୦ ଜହୁର ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . إِيَّاكَ نَعْبُدُ وَإِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଅଲ୍ଲାଃଙ୍କ ଅଶେଷ କୃପା ବଳରେ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଗତ ରବିବାର ଦିନ ନିଜର ବର୍‌କତ୍ ଓ ଅଲ୍ଲାଃଙ୍କ ଦୟା ଅବତୀର୍ଣ୍ଣ କରି ସମାପିତ ହେଲା । ଉକ୍ତ ତିନି ଦିନ ଅତ୍ୟନ୍ତ ବାବରକତ୍ ଥିଲା । ଜଲ୍‌ସାସାଲାନାର ପ୍ରସ୍ତୁତି ବର୍ଷ ତମାମ ଚାଲିଥାଏ । କିନ୍ତୁ ଶେଷ ତିନି ଚାରି ମାସ ବିଶେଷ ରୂପେ ଇନ୍ତେଜାମିଆ (ବ୍ୟବସ୍ଥାକାରୀ ସଂସ୍ଥା) ଏବଂ ବହୁତ ସ୍ୱେଚ୍ଛାସେବୀ ଜଲ୍‌ସାର ପ୍ରସ୍ତୁତି ନିମନ୍ତେ ଲାଗିପଡନ୍ତି ଓ ଜଲ୍‌ସା ପୂର୍ବରୁ ଦୁଇସପ୍ତାହ ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା ବହୁତ ବଢ଼ିଯାଇଥାଏ । ବିଶେଷ ରୂପେ ହଦିକତୁଲ୍ ମେହ୍‌ଦୀରେ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ କାର୍‌କୁନ୍ (କର୍ମୀମାନେ) ନିଜର ସମସ୍ତ ସାମର୍ଥ୍ୟକୁ ଖଟାଇ କାମରେ ଲାଗିପଡିଥାନ୍ତି । ସେମାନଙ୍କ ମଧ୍ୟରେ ଯୁବକ ଖୁଦ୍ଦାମ୍ ମାନଙ୍କର ସଂଖ୍ୟା ବହୁତ ଥାଏ । ଏହି ସ୍ଥାନରେ ଯାହା ଏକପ୍ରକାର ଗୋଟିଏ ଜଙ୍ଗଲ ଅଛି, ଏଠି ସମସ୍ତ ପ୍ରକାରର ସୁବିଧାକୁ ଯୋଗାଇ ଦେଇ ଗୋଟିଏ ଅସ୍ଥାୟୀ ସହର ନିର୍ମାଣ କରିଦେବା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ତତ୍‌ସହିତ ଏହା ମଧ୍ୟ କୌଣସି ପ୍ରକାରର ଶତପ୍ରତିଶତ କାର୍ଯ୍ୟର ଅନୁଭବ ରଖିଥିବା ଲୋକେ ଏଠାରେ କାମ କରୁନଥାନ୍ତି । ଏଠି ଯାହା ସବୁକିଛି ହେଉଅଛି ଓ ଯେଉଁ ପରିଣାମ ହାସଲ ହେଉଛି ଏହା କେବଳ ଅଲ୍ଲାଃତାଲାଙ୍କ କରୁଣାରୁ ହିଁ ହେଉଅଛି । ଅଲ୍ଲାଃତାଲା ହିଁ ଆମର ଏହି ଚେଷ୍ଟାକୁ ଅସାଧାରଣ ରୂପେ ସଫଳତା ପ୍ରଦାନ କରିଛନ୍ତି । ଓ ଯେଉଁ ଅତିଥିମାନେ ଆସୁଛନ୍ତି ସେମାନେ ଆଶ୍ଚର୍ଯ୍ୟଚକିତ ହୋଇ କାର୍‌କୁନ୍‌ମାନଙ୍କ ଉତ୍ସାହପୂର୍ଣ୍ଣ କାର୍ଯ୍ୟଗୁଡିକୁ ଦେଖି ଏକଥାକୁ ପରିପ୍ରକାଶ ମଧ୍ୟ କରୁଛନ୍ତି । ଜଲ୍‌ସା ପୂର୍ବରୁ ଯେଉଁ କାର୍ଯ୍ୟ ସବୁ କାର୍‌କୁନ୍‌ମାନେ କରିଥାଆନ୍ତି ସେହି ସବୁ କାର୍ଯ୍ୟ ଜଲ୍‌ସା ଦିନ ଗୁଡିକରେ ଆହୁରି ଅଧିକା ମଧ୍ୟ ବଢ଼ିଯାଇଥାଏ ଓ ପୁଣି ସେଥିରେ ଯୁବକ, ବୃଦ୍ଧ, ଛୋଟ ଛୋଟ ପିଲା, ପୁରୁଷ, ମହିଳାମାନେ ସମସ୍ତେ ସାମିଲ୍ ହୋଇଥାନ୍ତି ଓ ଅନ୍ୟ ଅତିଥିମାନଙ୍କ ନିମନ୍ତେ ଏହା ଏକ ପ୍ରକାର ଅସାଧାରଣ କଥା କି କେଉଁଭଳି ଛୋଟଛୋଟ ପିଲା ଏବଂ ବଡ ଲୋକମାନେ ସମସ୍ତେ ନିଜ କାମରେ ବିଶେଷ ରୂପେ ମଗ୍ନ ରହିଛନ୍ତି । ସେହି ଅତିଥିମାନଙ୍କୁ ଯାହାଙ୍କୁ ଏ ବିଷୟରେ କେବେ କିଛି ଅନୁଭବ ନଥିଲା, ସେମାନେ ସେମାନଙ୍କ କାର୍ଯ୍ୟ ଦ୍ୱାରା ବହୁତ ପ୍ରଭାବିତ ହେଉଛନ୍ତି । ଯେଉଁଭଳି ଏମାନେ ନିଜର ଭାବନାକୁ ପରିପ୍ରକାଶ କରୁଛନ୍ତି ତାହା ଏକ ଅସାଧାରଣ ପରିପ୍ରକାଶ । କାର୍‌କୁନ୍ ମାନଙ୍କ ସେବାକୁ ଦେଖିବା ବ୍ୟତୀତ ସେମାନେ ଏକଥା ମଧ୍ୟ ପ୍ରକାଶ କରୁଛନ୍ତି କି ଜଲ୍‌ସା ତାଙ୍କ ଉପରେ ଏକ ବିଶେଷ ପ୍ରକାରର ପ୍ରଭାବ ପକାଇଛି ଓ ଏହି ଜଲ୍‌ସା ତାଙ୍କ ଜୀବନକୁ ପରିବର୍ତ୍ତନ କରିଦେଇଛି । ଏମାନେ ମୁସଲ୍‌ମାନ୍ ନହୋଇଥିଲେ ମଧ୍ୟ ତାଙ୍କ ଉପରେ ଇସ୍‌ଲାମ୍‌ର ଶିକ୍ଷା ଏକପ୍ରକାର ପ୍ରଭାବ ପକାଇଛି । ଇସ୍‌ଲାମ୍ ଓ ଜମାତ୍ ଅହେମଦୀୟା ସମ୍ବନ୍ଧରେ ସେମାନଙ୍କର ଜ୍ଞାନରେ ବୃଦ୍ଧି ଘଟିଛି ଓ ଇସ୍‌ଲାମ୍‌ର ବିଯୁକ୍ତାତ୍ମକ ପ୍ରଭାବ ପରିବର୍ତ୍ତେ ଏହାର ସୁନ୍ଦରତା ବିଷୟରେ ସେମାନେ ଜାଣିପାରିଛନ୍ତି ।

ସୁତରାଂ ଯେଉଁଠି ଏହି ଜଲ୍‌ସା ନିଜ କମ୍ୟୁନିଟି ଲୋକମାନଙ୍କ ଇମାନ୍‌କୁ ସୁଦୃଢ଼ କରୁଛି ଭାଇଚାରାକୁ ବଢ଼ାଇବା ପାଇଁ ମାଧ୍ୟମ ହେଉଛି ସେଠାରେ ଏହି ଜଲ୍‌ସା ଅନ୍ୟ କମ୍ୟୁନିଟିର ଲୋକମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବତାଇବାର ମଧ୍ୟ ମାଧ୍ୟମ ହେଉଅଛି । ଜଲ୍‌ସାର ଦ୍ୱିତୀୟ ଦିନର ଭାଷଣରେ ବର୍ଷଯାକ ଅଲ୍ଲାଃତାଲାଙ୍କର ଯେଉଁ ଫଜଲ୍ (କରୁଣା) ଅବତୀର୍ଣ୍ଣ ହୋଇଛି ତାହାର ସାରାଂଶ ଚର୍ଚ୍ଚା କରାଯାଇଥାଏ । ଏବଂ ଅଲ୍ଲାଃତାଲାଙ୍କ ଅସୀମ କରୁଣାକୁ ଦେଖି ତାର କୃତଜ୍ଞତା ଜ୍ଞାପନ କରାଯାଇଥାଏ । ଆମେ ଦେଖୁଅଛୁ କି ଅଲ୍ଲାଃତାଲାଙ୍କ ନିମନ୍ତେ ଥିବା ଏହି କୃତଜ୍ଞତା ଉପରେ ଅଲ୍ଲାଃତାଲା ଆହୁରି ଅଧିକା ତାର କରୁଣାର ବର୍ଷା ଜଲ୍‌ସା ଦିନଗୁଡିକରେ କରିଚାଲିଛି । ଏହାର ଗୋଟିଏ ପରିପ୍ରକାଶ ଅଣ ଅହେମଦୀ/ମୁସଲ୍‌ମାନ୍ ବ୍ୟକ୍ତିବିଶେଷଙ୍କ ଏହି ଜଲ୍‌ସାସାଲାନା ସମ୍ବନ୍ଧରେ ଥିବା ମନୋଭାବ ମଧ୍ୟ ଅଛି ।

ହଜୁର ଅନୱର ଅ.ବ କହିଲେ ବର୍ତ୍ତମାନ ମୁଁ ସଂକ୍ଷିପ୍ତ ଭାବରେ କେତେକ ଅତିଥିମାନଙ୍କ ମତାମତ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବି ଯେଉଁଥିରୁ ପ୍ରକାଶିତ ହେଉଛି ଯେ, ଜଲସାର ବରକତ ଅନ୍ୟମାନଙ୍କୁ ମଧ୍ୟ ଭୀଷଣ ପ୍ରଭାବିତ କରିଥାଏ ।

ବେନିନ୍‌ର ଜଣେ ଅତିଥି ୱାଲିନଟିନ୍ ହୋଦେ (Valentine Houde) ସାହେବ ଯେ କି ଆଠ ବର୍ଷ ମନ୍ତ୍ରୀ ରହିଛନ୍ତି ଏବଂ ବର୍ତ୍ତମାନ ସାଂସଦ ମଧ୍ୟ ଅଛନ୍ତି, ସେ ଆମ ଜଲସାରେ ଯୋଗ ଦେଇଥିଲେ । ସେ କୁହନ୍ତି ମୁଁ ଜଲସା ସାଲାନାରୁ ତାହା ହାସଲ କରିଅଛି ଯାହାକି ମୁଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ କଦାପି ହାସଲ କରିପାରିନଥାନ୍ତି । ତାହା ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଆଧାତ୍ମିକ ପରିବେଶ ଥିଲା, ଯେଉଁଠାରେ ମୋତେ ରହିବାକୁ ସୁଯୋଗ ମିଳିଲା । ମୁଁ ଆଜି ପର୍ଯ୍ୟନ୍ତ ଏପରି ପୂର୍ଣ୍ଣ ଶୃଙ୍ଖଳିତ ଜନସମାଗମ ଦେଖିନଥିଲି ଯେଉଁଥିରେ ପାଖାପାଖି ୪୦,୦୦୦ଲୋକ ଏକତ୍ରିତ ହୋଇଥିଲେ । ଭିନ୍ନ ଭିନ୍ନ ଜାତି, ଧର୍ମ ଓ ବର୍ଣ୍ଣର ଲୋକ ସାମିଲ ଥିଲେ କିନ୍ତୁ ତଥାପି ଏଭଳି ଶାନ୍ତି ପୂର୍ଣ୍ଣ ବାତାବରଣ ନା କୌଣସି ପାଟିତୁଣ୍ଡ ନା ଝଗଡ଼ା ସମସ୍ତେ ସମସ୍ତଙ୍କ ସେବା କରିବାରେ ମାତି ରହିଥିଲେ । ଆବାଳ ବୃଦ୍ଧବନିତା ସମସ୍ତେ ଉତମ ଆଚରଣ ପ୍ରଦର୍ଶନ କରିବା ସହିତ ଅନ୍ୟକୁ ଆରାମ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଥିଲେ । ମୋ ପାଇଁ ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା କି ଏଭଳି ବିରାଟ ସମାଗମରେ ଶୃଙ୍ଖଳା ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ନା କୌଣସି ପୋଲିସ ନା ସେନା ମୁତୟନ ଥିଲେ । ପ୍ରତ୍ୟେକ ସ୍ଥାନରେ ଜମାଅତର ସେବକମାନେ କାର୍ଯ୍ୟରତ ଥିବା ଦୃଶ୍ୟମାନ ହେଉଥିଲେ । ତାହା ଦେଖି ମୁଁ ଚିନ୍ତା କଲି, ଆଜିର ସମୟରେ ଏଭଳି ନିସ୍ୱାର୍ଥପର ଓ ନିରାଡ଼ମ୍ବର ଭାବରେ ସେବା କରିବା କିଭଳି ସମ୍ଭବପର । ତାପରେ ମୁଁ ଏହି ପରିଣତିରେ ପହଂଚିଲି କି ଏସବୁ ଜମାଅତ ଅହେମଦିୟାରେ ଖିଲାଫତର ବ୍ୟବସ୍ଥା ଯୋଗୁଁ ସମ୍ଭବ ହୋଇ ପାରିଛି ଯିଏ ଜମାତ୍‌ର ଛୋଟ ଛୋଟ ପିଲା, ବୁଢ଼ା, ଯୁବକ ଏବଂ ମହିଳା ସମସ୍ତଙ୍କର ଏଭଳି ତର୍‌ବିୟତ୍ କରିଛି । ଏବଂ ପିଲାଦିନୁ ହିଁ ସେ ସମସ୍ତଙ୍କୁ ଜଲ୍‌ସାର ବ୍ୟବସ୍ଥା ଗୁଡିକ ଶିଖାଇବା ଆରମ୍ଭ କରିଦେଇଛି । ମୁଁ ମୁକ୍ତ ସ୍ୱରରେ କହିପାରେ ଯେ, ଜମାଅତ ଅହେମଦିୟା ସଂସାରରେ ଯେଉଁ ଇସଲାମ ଉପସ୍ଥାପନ କରୁଅଛି ଏବଂ ଯେଭଳି ଭାବରେ ନିଜ ସଦସ୍ୟମାନଙ୍କ ପ୍ରଶିକ୍ଷଣ କରୁଅଛି, ଏତତ୍ ଦ୍ୱାରା ଖୁବ୍ ଶିଘ୍ର ସମଗ୍ର ବିଶ୍ୱବାସୀ ଇସଲାମେ ଅହେମଦୀୟତ୍‌ରେ ଦାଖିଲ୍ ହୋଇଯିବେ ଏବଂ ଅହେମଦୀୟତ୍ ହିଁ ଏ ସଂସାରର ସବୁଠାରୁ ବଡ ଧର୍ମ ହେବ । (ଅହେମଦୀୟତ୍ ତ କୌଣସି ଧର୍ମ ନୁହେଁ । ଇସ୍‌ଲାମ ହିଁ ଏ ଦୁନିଆରେ ସବୁଠାରୁ ବଡ ଧର୍ମ ହେବ, ଯାହା ଅହେମଦୀୟତ୍ ଜରିଆରେ, ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ପୁନର୍ବାର ନୂଆ ରୂପରେ ସ୍ଥାପନ ହେବ । ସେ କହୁଛନ୍ତି କି ଜମାତ୍ ଅହେମଦୀୟା ଯେଉଁ ଶିକ୍ଷାକୁ ଉପସ୍ଥାପନ କରୁଛି ସଂସାରବାସୀକୁ ଏହାର ପ୍ରକୃତ ଓ ବାସ୍ତବିକ କାର୍ଯ୍ୟସ୍ୱରୂପ ଏଠି ଜଲ୍‌ସାରେ ସାମିଲ୍ ହୋଇ ଦେଖିବାକୁ ମିଳିଲା । ମୁଁ ଏହି ଜଲ୍‌ସାର ଅନେକ ସ୍ମୃତିକୁ ନେଇ ଲଣ୍ଡନ୍‌ରୁ ନିଜ ଦେଶକୁ ଫେରୁଅଛି । ମୋ ପାଇଁ ଏହି କ୍ଷଣ ଗୁଡିକ ଅବର୍ଣ୍ଣନୀୟ ଏବଂ ସୁନ୍ଦର ସ୍ମୃତି ଅଟେ । ଏହି ଜଲସାର ଅତ୍ୟନ୍ତ ମନୋରମ ଦୃଶ୍ୟ (ହୃଦୟରେ) ନେଇ ମୁଁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଅଛି ମୋ ପକ୍ଷେ ସେହି ପବିତ୍ର କ୍ଷଣଗୁଡ଼ିକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

ବେନିନର ଆଉ ଜଣେ ଅତିଥି ଚେନ୍‌ୱାନୋ ପାସକଲ୍ (Tchinwanu Pascal) ସାହେବ ଯେ କି ବେନିନ୍‌ର Plannig and Development Ministry ରେ ଉଚ୍ଚ ପଦରେ ଅଧିଷ୍ଠିତ ସେ କୁହନ୍ତି ମୁଁ ଅନେକ ସମ୍ମିଳନୀରେ ଯୋଗ ଦେଇଛି କିନ୍ତୁ ଆପଣଙ୍କ ଜଲସା ପରି ସୁବ୍ୟବସ୍ଥା ଓ ସଫଳ କାର୍ଯ୍ୟକ୍ରମ ପୂର୍ବେ କଦାପି ଦେଖି ନାହିଁ । ଏହି ଜଲସାରେ କାର୍ଯ୍ୟରତ ସମସ୍ତ ସେବକମାନେ ନିଜ ନିଜ କର୍ତବ୍ୟ ବେଶ୍ ଭଲ ଭାବରେ ଜାଣନ୍ତି ଏବଂ ତାହା ସେମାନେ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କରୁଥିଲେ । ଚାଳିଷ ହଜାର ଲୋକମାନଙ୍କୁ ଖାଦ୍ୟ ଖୁଆଇବା ଆଶ୍ଚର୍ଯ୍ୟଜନକ ଥିଲା କିନ୍ତୁ ସବୁଠାରୁ ବଳି ଏବଂ ଅବିଶ୍ୱସନୀୟ କଥା ଏହା ଥିଲା କି ସମସ୍ତ ଖାଦ୍ୟ ପ୍ରସ୍ତୁତକାରୀ ଏବଂ ଖାଦ୍ୟ ଖୁଆଇବା ଲୋକେ ରଜାକାର୍(ସ୍ୱେଚ୍ଛାସେବୀ) ଥିଲେ । ଯଦି ସମଗ୍ର ବିଶ୍ୱରେ ଏଭଳି ମନଭାବର ସହିତ କାର୍ଯ୍ୟ କରାଯାଏ ତେବେ ମୁଁ ପୂର୍ଣ୍ଣ ବିଶ୍ୱାସର ସହ କହିପାରିବି ଯେ, ବିଶ୍ୱରୁ କଳହ ଓ ଯୁଦ୍ଧ ପରିସ୍ଥିତିର ଅନ୍ତ ଘଟିବ ଏବଂ ମାନବ ଜାତିର ସମସ୍ତ ସମସ୍ୟା ଶେଷ ହୋଇଯିବ । ମୁଁ ଜମାଅତ ଅହେମଦିୟାର

ଗୁଣଗାନ ନକରି ରହିପାରିବି ନାହିଁ । ଏହାର ପିଲାମାନେ, ଯୁବକ, ବୃଦ୍ଧ ତଥା ମହିଳାମାନେ ସମସ୍ତେ ସଙ୍ଗଳିତ ଓ ଧାର୍ମିକ ଅଟନ୍ତି ।

ହେଇଟି (Haiti) ର ରାଷ୍ଟ୍ରପତିଙ୍କ ପ୍ରତିନିଧି ଜୋସେଫ୍ ପିରେ ସାହେବ କୁହନ୍ତି ଏହି ଜଲସା ମୋ ଜୀବନର ଅତ୍ୟନ୍ତ ଉତମ ଅଭିଜ୍ଞତା ପୂର୍ଣ୍ଣ ଥିଲା । ମୁଁ ଏହାକୁ କେବେ ଭୁଲିପାରିବି ନାହିଁ । କାର୍‌କୁନ୍ ମାନଙ୍କର ଉଦାହରଣୀୟ କାର୍ଯ୍ୟଶୈଳୀ ମୋ ଆଖିକୁ ଖୋଲିଦେଇଛି ବରଂ ଇସଲାମ ସମ୍ବନ୍ଧରେ ମୋ ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି ।

ଆଇଭରିକୋଷ୍ଟ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ତୋରେ ଅଲୀ ସାହେବ ଜଲସାରେ ଯୋଗ ଦେଇଥିଲେ । ସେ ସେଠାକାର National Constitution council adviser ମଧ୍ୟ ଅଛନ୍ତି । ସେ କହିଲେ ମୁଁ ଜଣେ ମୁସଲମାନ ଅଟେ ଏବଂ ଗତ ୨୦ବର୍ଷ ହେଲା ମୋତେ ବିଭିନ୍ନ ମୁସଲମାନ ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳୁଅଛି କିନ୍ତୁ ଏହି ଅବଧି ମଧ୍ୟରେ ମୋତେ ଇସଲାମର ସେହି ଶିକ୍ଷା ହାସଲ ହୋଇନଥିଲା ଯାହାକି ଆପଣଙ୍କ ଜଲସାର ଏହି ତିନି ଦିନରେ ହାସଲ ହେଲା । ଏହି ତିନି ଦିନରେ ଆଧ୍ୟାତ୍ମିକ ସ୍ତରରେ ମୋତେ ଯେଉଁ ଉନ୍ନତି ଲାଭ ହୋଇଛି ତାହା ଗତ ୨୦ବର୍ଷ ମଧ୍ୟରେ ହୋଇନଥିଲା । ସେ ପୁଣି କହୁଛନ୍ତି କି ଗଏର୍ ଅହେମଦୀ (ଅଣ ଅହେମଦୀ) ଓ୍ୱଲେମାମାନଙ୍କ ନିକଟରେ କିଛିନାହିଁ । ଇସଲାମ ସମ୍ବନ୍ଧରେ ଯଦି କେହି ପ୍ରକୃତ ଶିକ୍ଷା ହାସଲ କରିବାକୁ ଚାହୁଁଅଛି ତେବେ ତାହାକୁ ଜମାଅତ ଅହେମଦିୟା ନିକଟକୁ ଆସିବା ଉଚିତ୍ । ପୁଣି କହୁଛନ୍ତି କି ଏହି ଜଲ୍‌ସାରେ ଯେଉଁଭଳି ସ୍ୱେଚ୍ଛାସେବକମାନେ ଡ୍ୟୁଟି ଦେଉଥିଲେ ଏଥିରୁ ଜଣାଯାଉଥିଲା କି ଅହେମଦୀମାନଙ୍କୁ ଖିଲାଫତ୍ ସହିତ ବହୁତ ପ୍ରେମ ରହିଛି ଏବଂ ଏହି ପ୍ରେମଯୋଗୁ ସେମାନେ ତାଙ୍କ ଖଲିଫାଙ୍କର ସମ୍ପୂର୍ଣ୍ଣ ରୂପେ ଆଜ୍ଞାପାଳନ କରୁଛନ୍ତି ଓ ଆପୋଷରେ ବହୁତ ପ୍ରେମର ସହିତ ରହୁଛନ୍ତି । ଏହି ପ୍ରେମରେ ଏକତା ନିହିତ ଅଛି । ଏହି ସବୁ କାରଣ ଯୋଗୁ ସେମାନେ ଇସ୍‌ଲାମ୍‌ର ସଠିକ୍ ରୂପେ ସେବା କରୁଅଛନ୍ତି । ଅନ୍ୟ କୌଣସି ମୁସଲ୍‌ମାନ୍ ଫିର୍‌କା (ଗୋଷ୍ଠୀ)ଙ୍କ ନିକଟରେ ଏପରି ମାର୍ଗଦର୍ଶନ ଓ ଏପରି ଏକତା ନାହିଁ । ସେ ପୁଣି କହୁଛନ୍ତି କି ମୁଁ ଆସନ୍ତାକୁ ମଧ୍ୟ ଏହିଭଳି ଆଧ୍ୟାତ୍ମିକ ଜଲ୍‌ସାରେ ଯୋଗଦେବି । ବରଂ ନିଜ ସ୍ତ୍ରୀକୁ ମଧ୍ୟ ସାଥିରେ ନେଇକରି ଆସିବି ।

ପୁଣି ବେଲିଜ୍ (Belize) ରୁ ଜଣେ ମହିଳା ପତ୍ରକାର Sahar Vasquez ସାହିବା କହୁଛନ୍ତି ଯେବେ ମୁଁ ମିଆଁମିରୁ ଲଣ୍ଡନ ଆସିବାକୁ ଥିବା ଫ୍ଲାଇଟ୍‌ରେ ବସିଲି ସେତେବେଳେ ମୋ ମନଭିତରେ ଡର, ଭୟ ଓ ଆତଙ୍କର ବହୁତ ଭାବନା ଚାଲୁଥିଲା । ଏହି ସବୁ ଭାବନା ଏଇଥିପାଇଁ ନଥିଲା ଯେ ମୁଁ ୭ଘଂଟାର ଲମ୍ବା ଫ୍ଲାଇଟ୍‌ରେ ବସିଥିଲି ବୋଲି ବରଂ ମୋତେ ଏକଥା ଅନୁଭବ ହେଉଥିଲା କି ମୁଁ ମୋର ଆସନ୍ତା ତିନିଦିନ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ବିତାଇବି । ସାରା ଦୁନିଆରେ ହେଉଥିବା ଭୟଙ୍କର ସନ୍ତ୍ରାସବାଦ ଆକ୍ରମଣର ଘଟଣା ନିମନ୍ତେ କିଛି ମୁସଲ୍‌ମାନ୍ ହେଉଛନ୍ତି ଦାୟୀ । ମୋତେ ଏହା ଅନୁଭବ ହେଲା କି ଏବେ ମୁଁ ଫେରିକି ଯାଇପାରିବି ନାହିଁ । ଜାହାଜ ତ ଉଡିସାରିଛି । ତେଣୁ ମୋତେ ଏହିସବୁ ସମସ୍ୟାକୁ ସମ୍ମୁଖୀନ କରିବାକୁ ହେବ । ସୁତରାଂ ମୁଁ ପ୍ରାର୍ଥନା କଲି କି ମୁଁ ସନ୍ତ୍ରାସବାଦୀମାନଙ୍କର ଆତ୍ମଘାତି ଆକ୍ରମଣର ଶିକାର ନହୋଇଯାଏ । ସୁତରାଂ ମୁଁ କୌଣସି ଆକ୍ରମଣର ଶିକାର ତ ହେଲି ନାହିଁ ବରଂ ପ୍ରକୃତରେ ଏହା ସମ୍ପୂର୍ଣ୍ଣ ରୂପେ ଓଲଟା ଥିଲା । ମୋତେ ତ ଏଠି ରାଜକୁମାରୀଙ୍କ ଭଳି ରଖାଯାଇଥିଲା । ଜଲ୍‌ସାସାଲାନାର ପ୍ରଭାବ ମୋ ଜୀବନର ସବୁଠାରୁ ଉତମ ପ୍ରଭାବ ମଧ୍ୟରୁ ଗୋଟିଏ ଥିଲା । ମୁଁ ଅନେକ ଲୋକଙ୍କ ସହିତ ମିଶିଛି କିନ୍ତୁ ମୋତେ ଅହେମଦୀଙ୍କ ପରି ସହାନୁଭୁତିଶୀଳ ଲୋକେ କେବେ ମିଳିନାହାଁନ୍ତି । ମୁଁ ଗୋଟିଏ ଉଚ୍ଚ ଓ ଉତମ ଜମାତ୍‌କୁ ପାଇଛି । ଏଠାରେ ମୋତେ ବିନମ୍ରତା ଓ ପ୍ରେମର ଉଚ୍ଚତମ ସ୍ତରକୁ ଦେଖିବା ପାଇଁ ଓ ଅନୁଭବ କରିବାର ମୌକା ମିଳିଛି । ପ୍ରତ୍ୟେକ ଦିନ ଅତ୍ୟନ୍ତ ଯାଦୁଗରୀ ଥିଲା । ମୋତେ ଏଥିରେ ବହୁତ ଗର୍ବ ହେଉଛି ଯେ ମୁଁ ଏଠାରୁ ବହୁତ କିଛି ବନ୍ଧୁ ଓ ସ୍ମୃତିକୁ ସାଥିରେ ନେଇ ଯାଉଅଛି । ବାସ୍ତବରେ ଏହା ଏପରି ଏକ ଅନୁଭବ ଥିଲା ଯାହାକୁ ମୁଁ କେବେ ଭୁଲିପାରିବି ନାହିଁ ।

ପୁଣି ବେଲିଜ୍ ସହରର ମେୟର୍ Bernard Joseph ସାହେବ୍ କହୁଛନ୍ତି କି ମୋ ପାଇଁ ଜଲ୍‌ସାସାଲାନାର ଏହି ପ୍ରଥମ ଅନୁଭୁତିଟି ଅତ୍ୟନ୍ତ ମନମୁଗ୍ଧକର ଥିଲା । ମୁଁ ଏହି ତିନିଦିନ ଅହେମଦୀମାନଙ୍କର ଭାଇଚାରା ଓ ଆପୋଷରେ ଥିବା ପ୍ରେମ ଓ ମାନବଜାତି ପାଇଁ ତାଙ୍କର ଯେଉଁ ସେବା ଅଛି, ସେଥିରେ ମୁଁ ବହୁତ ପ୍ରଭାବିତ ହୋଇଛି । ମୁଁ ଏପରି ଗୋଟିଏ ଦେଶରୁ ଆସିଛି ଯେଉଁଠି ଆମକୁ ଅନେକ ସାମାଜିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ମୁଁ ବେଲିଜ୍ ସିଟିର ମେୟର୍ ଭାବେ ଏହା ବୁଝୁଛି କି ଏହି ସମସ୍ତ ସାମାଜିକ ସମସ୍ୟାରୁ ମୁକ୍ତି ହାସଲ କରିବା ନିମନ୍ତେ ବୋଧହୁଏ ଆମକୁ ନିଜ ସ୍ଥାନୀୟ ଜମାତ୍ ଅହେମଦୀୟା ବେଲିଜ୍ ନିକଟରୁ ମାର୍ଗଦର୍ଶନ ହାସଲ କରିବା ଉଚିତ୍ । ପୁଣି ସେ କହୁଛନ୍ତି କି ମୁଁ ଏଠାରୁ ବହୁତ ଭଲ ସ୍ମୃତି ସାଥିରେ ନେଇ ଯାଉଅଛି ଓ ସେହି ସବୁ ସମ୍ପର୍କକୁ ମଧ୍ୟ ସାଥିରେ ନେଇ ଯାଉଅଛି ଯାହା ଏହି ତିନିଦିନରେ ଯୋଡା ଯାଇଛି । ରହିବାର ବ୍ୟବସ୍ଥା, ଖାଇବା ପିଇବା ଓ ଯାତ୍ରା ଇତ୍ୟାଦି ସମସ୍ତ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । କାର୍‌ର ଡ୍ରାଇଭର୍‌ମାନେ, ଏୟାର୍‌ପୋର୍ଟ୍‌ଠାରେ ଛିଡା ହୋଇ ୱେଲ୍‌କମ୍ କହୁଥିବା କର୍ମୀମାନେ, ସେହିଭଳି ଜଲ୍‌ସାସାଲାନା ସମୟରେ ପାଣି ଯୋଗାଉଥିବା ଛୋଟଛୋଟ ପିଲାମାନେ, ପାର୍କିଂରେ ଡ୍ୟୁଟି ଦେଉଥିବା କର୍ମୀ, ଖାଦ୍ୟ ପ୍ରସ୍ତୁତ କରୁଥିବା ଲୋକେ ଏବଂ ସମସ୍ତ ପ୍ରକାରର ଏପରି ବ୍ୟବସ୍ଥା, ଯେଉଁମାନେ ପର୍ଦ୍ଦା ଆଢୁଆଳରେ ରହି ସେବା କରିବାର ସୌଭାଗ୍ୟ ପାଉଥିଲେ,ଏହିସବୁ ଲୋକମାନେ ଏହି ଜଲ୍‌ସାକୁ ଅତ୍ୟନ୍ତ ସ୍ମୃତିପୂର୍ଣ୍ଣ କରାଇଛନ୍ତି ।

ପୁଣି ଇଟାଲୀରୁ ଆସିଥିବା ଜଣେ ପ୍ରଫେସର୍ ହେଉଛନ୍ତି Justo Lacunza Balda ସାହେବ୍ । ସେ ହେଉଛନ୍ତି କ୍ୟାଥୋଲିକ୍ ମିଶ୍‌ନାରୀ ପାଦ୍ରୀ ଓ ପୂର୍ବତନ ପୋପ୍‌ଙ୍କ ପରାମର୍ଶଦାତା ମଧ୍ୟ ଥିଲେ । ସେ କହୁଛନ୍ତି କି ମୁଁ ଏହି ଜଲ୍‌ସାରେ ତିନିଗୋଟି କଥା ବିଶେଷ ରୂପେ ନୋଟ୍ କରିଛି । ପ୍ରଥମତଃ ବିଭିନ୍ନ ପ୍ରକାରର ଜାତିସମୂହ ଆପୋଷରେ ଏଭଳି ପ୍ରେମର ସହିତ ମିଳିବା ଓ କୌଣସି ପ୍ରକାରର ଶଙ୍କା ନ ରହିବା ବହୁତ ଆଶ୍ଚର୍ଯ୍ୟଜନକ କଥା ଥିଲା ଓ ଦୁନିଆରେ ଏପରି କେଉଁଠାରେ ଦୃଶ୍ୟ ଦୃଷ୍ଟିଗୋଚର ହେଉନାହିଁ । ଦ୍ୱିତୀୟତଃ ଏହି ଜଲ୍‌ସାରେ ମୋତେ ବହୁତ ଶାନ୍ତିପୂର୍ଣ୍ଣ ପରିବେଶ ଦୃଷ୍ଟିଗୋଚର ହେଲା । କୌଣସି ପ୍ରକାରର ଅସୁବିଧା ଓ ବିଭ୍ରାଟ ଦେଖିବାକୁ ମିଳିନଥିଲା ଓ ତୃତୀୟ କଥା ହେଉଛି ଏହା କି ଖଲିଫାଙ୍କର ଅଭିଭାଷଣ ତା ନିଜ ଭିତରେ ବହୁତ ବଡ ସ୍ପଷ୍ଟ ବାର୍ତା ରଖୁଥିଲା ଓ ସେହି ଅଭିଭାଷଣ ଗୁଡିକରେ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ପ୍ରାକ୍ଟିକାଲ୍ ଉଦଦେଶ ଥିଲା ।

ପୁଣି ଫିଲିପାଇନ୍‌ସ୍‌ର ଜଣେ ଅତିଥି ଇଲିନା ଲୋବସ୍ ସାହିବା, ଯିଏ ବର୍ତମାନ ଆରବ ନ୍ୟୁଜ୍ ପାଇଁ କାମ କରୁଛନ୍ତି ଓ ପଚ୍ଛବର୍ଷ ମନିଲା ବୁଲେଟିନ୍‌ର ପତ୍ରକାର ରୂପେ ଜଲ୍‌ସାରେ ସାମିଲ୍ ହୋଇଥିଲେ, ସେ ଏ ବର୍ଷ ପୁଣି ପୁନର୍ବାର ନିଜ ଖର୍ଚ୍ଚ ଉଠାଇ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ କହୁଛନ୍ତି କି ଜଲ୍‌ସାସାଲାନାରେ ସାମିଲ୍ ହେବା ହେଉଛି ମୋ ପାଇଁ ଦ୍ୱିତୀୟ ଅନୁଭବ । ମୋତେ କହିବାକୁ ପଡ଼ିବ କି ପ୍ରତ୍ୟେକ ଥର ଜଲ୍‌ସାସାଲାନାର ଯେଉଁ ବ୍ୟବସ୍ଥା କରାଯାଉଛି ଓ ଅନ୍ୟାନ୍ୟ ସମସ୍ତ ପ୍ରୋଗ୍ରାମ୍ ଗୁଡିକ ଅଛି, ସେ ସବୁ ମୋତେ ବହୁତ ପ୍ରଭାବିତ କରିଛି । ସେହିପରି ଲୋକମାନଙ୍କର ଇମାନି (ବିଶ୍ୱାସମୂଳକ) ଅବସ୍ଥାକୁ ଦେଖି ଓ ବିଶେଷ ରୂପେ ଏ କଥା ମୋତେ ବହୁତ ପ୍ରଭାବିତ କରିଛି କି ଏଠାରେ କିପରି ବିଭିନ୍ ପ୍ରକାରର ଜାତି, ଧର୍ମ, ବର୍ଣ୍ଣର ଲୋକେ ଆସି ଆପୋଷରେ ମିଳିମିଶି ଯାଉଛନ୍ତି ଓ କୌଣସି ପ୍ରକାରର ଜାତି, ରଙ୍ଗ ଓ ବର୍ଣ୍ଣର ଭେଦଭାବ ରହୁନାହିଁ । ଏହି ପ୍ରକାରର ଆପୋଷ ପ୍ରେମଭାବ ଓ ଭାଇଚରା ଆପଣମାନଙ୍କ ବାର୍ତାକୁ ଏକ ସୁନ୍ଦର କର୍ମମୟ ରୂପ ଦେଉଅଛି ଯାହା କୌଣସି ପ୍ରକାରର ଭାଷଣଠାରୁ ଅଧିକା ପ୍ରଭାବ ପକାଉଛି । ଏହି ପ୍ରଭାବ ବହୁତ ସମୟ ପର୍ଯ୍ୟନ୍ତ ରହୁଛି । ମୋର ଏ ବିଶ୍ୱାସ ଅଛି କି ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକେ ଏପରି ପ୍ରେମଭାବ ଓ ସମାନତାର ପରିବେଶକୁ ନିଜ ନିଜ ଦେଶକୁ ନେଇଯାଉଛନ୍ତି । ଏହିପରି ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ଦେଶ ଏହି ପରିବେଶରୁ ଲାଭାନ୍ୱିତ ହେଉଥିବେ । ସେ ପୁଣି କହୁଛନ୍ତି କି ମୋ ମତରେ ଅଧିକରୁ ଅଧିକ ଲୋକଙ୍କୁ ଅହେମଦୀୟା ଜମାତ୍ ସହିତ ଏହି ଜଲ୍‌ସାର ପରିବେଶରେ କିଛିଦିନ ବିତାଇବା ଉଚିତ୍ ଯଦ୍ୱାରା ଅଧିକରୁ ଅଧିକ ଲୋକେ ଏହା ଜାଣିପାରିବେ ଯେ ପ୍ରେମ ଓ ସମାନତା କାହାକୁ କୁହାଯାଏ ଓ ଇସ୍‌ଲାମ୍‌ର ବାସ୍ତବିକ ଚେହେରା କେତେ ସୁନ୍ଦର ।

ଜାପାନରୁ ଆସିଥିବା ଏକ ଦଳର ଜଣେ ମହିଳା ୟୁକିକୋ କୋଣ୍ଡ (Yukiko Kondo)ସାହେବା କହିଲେ ମହିଳାମାନଙ୍କ ନିମନ୍ତେ ଥିବା ଅଭିଭାଷଣରୁ ଏହା ଜଣାଯାଉଛି କି ଇମାମ ଜମାଅତ ଅହେମଦିୟାଙ୍କର ଉପଦେଶାବଳୀ ଏପରି Protection ଅଟେ ଯାହାର ଛତ୍ରଛାୟା ତଳେ ଅହେମଦିୟତ୍ ଉନ୍ନତି ପଥରେ ଅଗ୍ରସର । ସମ୍ପର୍କୀୟମାନଙ୍କୁ ଯୋଡ଼ିବା ଓ ଏହି ଯାନ୍ତ୍ରିକ ଜଗତରୁ ବାହାରିବାକୁ ବାସ୍ତବରେ ବର୍ତମାନ ସଂସାର ଆବଶ୍ୟକତା ଲୋଡୁଅଛି । ସେ କୁହନ୍ତି ଆମେ ଚିନ୍ତା କରୁଥିଲୁ କି କେଉଁ ଶକ୍ତି ବଳରେ ଜମାଅତ ଅହେମଦିୟାର ସଦସ୍ୟମାନଙ୍କ ସେବା କରିବାକୁ ଏପରି ପ୍ରେରଣା ଓ ଉତ୍ସାହ ପ୍ରତିଷ୍ଠିତ ରହିଛି । ଏହି ପ୍ରଶ୍ନ ଆମ ମସ୍ତିସ୍କରେ ଘୁରି ବୁଲୁଥିଲା କିନ୍ତୁ ଜଲସାର ପ୍ରଥମ ଦିନରେ ହିଁ ଦୁଆରେ ସାମିଲ ହୋଇ ଏବଂ ଇମାମ ଜମାଅତଙ୍କ ଉପଦେଶ ଶୁଣି ମୁଁ ସ୍ପଷ୍ଟ ଭାବରେ ଜାଣିନେଲି ଯେ ତାହା ଦୁଆର ଶକ୍ତି ଅଟେ, ଯାହାକି ଅହେମଦି ଓ ଅନ୍ୟମାନଙ୍କୁ ପୃଥକ କରୁଅଛି । ଜଲସାରେ ଆମକୁ ବାରମ୍ବାର ଦୁଆ କରିବାର ସୁଯୋଗ ମିଳିଲା ଦୁଆ କରିବା ପରେ ଆମେ ଦେଖିଲୁ ଯେ, ଆମ ହୃଦୟ ମଧ୍ୟ କୋମଳ ଓ ଭାରଶୂନ୍ୟ ଲାଭ କରିଅଛି ଏବଂ ଆମ ଆତ୍ମାକୁ ଏକ ପ୍ରକାର ସତେଜତା ପ୍ରାପ୍ତ ହୋଇଛି । ପୁଣି କହୁଛନ୍ତି ଯେ ଜଲ୍‌ସା ଦିନ ଗୁଡିକର ମୌସମ୍ ଗରମ ଥିଲା । କିନ୍ତୁ ଆମେ ଦେଖିନାହୁଁ କି ଏପରି ଗରମ ହେଉଥିବା ସତ୍ୱେ ଲୋକମାନେ ବ୍ୟତିବ୍ୟସ୍ତର ଶିକାର ହୋଇଥିବେ । କାର୍‌କୁନ୍ ମାନଙ୍କର ଚେହେରାରେ ସର୍ବଦା ହସ ଫୁଟୁଥିଲା । ଖାଇବା ପିଇବା ସମୟରେ ଶୃଙ୍ଖଳତା ଉଦାହରଣୀୟ ଥିଲା । ଯେତେବେଳେ ମୁଁ ଜାଣିବାକୁ ପାଇଲି କି ପାଣି ପିଆଉଥିବା ପିଲାମାନଙ୍କଠାରୁ ନେଇ ୱାସ୍‌ରୁମ୍‌କୁ ସଫା କରିବାର କାର୍ଯ୍ୟ ଏହି ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଭିତରୁ ଅଧିକାଂଶ ବହୁତ ଆନନ୍ଦିତ ହୋଇ ସେବା କରୁଥିଲେ ବୋଲି ସେତେବେଳେ ମୁଁ ସେମାନଙ୍କୁ ବହୁତ ଉତ୍କଣ୍ଠାର ସହିତ ଦେଖୁଥିଲି ଓ ଦୁଆ କରୁଥିଲି କି ଇଶ୍ୱର ସେ ସମସ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତୁ, ଯେଉଁମାନେ ଲୋକମାନଙ୍କୁ ଶାନ୍ତି ପ୍ରଦାନ କରିବା ପାଇଁ ନିଜର ଆରାମକୁ ଉତ୍ସର୍ଗ କରିଦେଉଛନ୍ତି ।

ଗୋଦେଲୋପ୍‌ର ଜଣେ ନୌମୁବାଏ (ନୂତନ ଅହେମଦୀ) Patrice Mayeko ସାହେବ୍ କହୁଛନ୍ତି କି ମୁଁ ମୋ ଜୀବଦଶାରେ କେବେ ଏଭଳି ପ୍ରୋଗ୍ରାମ୍ ଦେଖିନାହିଁ । ଜଲ୍‌ସାର ପ୍ରୋଗ୍ରାମ୍ ଠିକ୍ ସମୟରେ ଆରମ୍ଭ ହୋଇଯିବା ମୋ ପାଇଁ ବହୁତ ପ୍ରଭାବଶାଳୀ ଥିଲା । ଭାଷଣ ଗୁଡିକରେ ଭିନ୍ନ ଭିନ୍ନ ବିଷୟର ବର୍ଣ୍ଣନା ସମୟର ଆବଶ୍ୟକତା ମୁତାବକ ଥିଲା ଓ ବିଶେଷ ରୂପେ ମୋ ପାଇଁ ଏହା ବହୁତ ଲାଭଦାୟକ ଥିଲା । ଜଲ୍‌ସାର ସମସ୍ତ ବ୍ୟବସ୍ଥା ଗୋଟିଏ ଅହରହ ଚାଲୁଥିବା ମେସିନ୍ ସଦୃଶ ଥିଲା, ଯାହାର ପ୍ରତ୍ୟେକ କଳ ସଠିକ୍ ସ୍ଥାନରେ ଖଞ୍ଜା ହୋଇଥିଲା । ସମସ୍ତ କାର୍‌କୁନ୍ ମିଶି ସେହି ମେସିନ୍‌ଟିକୁ ବହୁତ ସୁନ୍ଦର ରୂପେ ଚଳାଉଥିଲେ । ପ୍ରତ୍ୟେକ କାର୍‌କୁନ୍ ନିଜ ନିଜ କାର୍ଯ୍ୟରେ ପ୍ରବୀଣ ଥିବାର ଦୃଷ୍ଟିଗୋଚର ହେଉଥିଲା । ପୁଣି ସେ କହୁଛନ୍ତି କି ଜଲ୍‌ସାରେ ଲଗାଯାଇଥିବା ସମସ୍ତ ପ୍ରଦର୍ଶନୀ ବହୁତ ଲାଭଦାୟକ ଥିଲା । ବିଶେଷ ରୂପେ ଆର୍କାଇଭ୍ ଏବଂ ମଖ୍‌ଜନେ ତସାୱିର (ଫଟୋଚିତ୍ର ଭଣ୍ଡାର) ଏବଂ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ମୋତେ ବହୁତ ପ୍ରଭାବିତ କରିଛି । ଏହି ସବୁ ପ୍ରଦର୍ଶନୀ ମୋତେ ବହୁତ ପସନ୍ଦ ଲାଗିଲା ଓ ସେଗୁଡିକ ଅହେମଦୀୟତ୍‌ର ଇତିହାସ ବିଷୟରେ ମୋ ଜ୍ଞାନକୁ ଅଧିକ ବଢ଼ାଇଦେଲେ । ଏହି ଜଲ୍‌ସାରେ ସାମିଲ୍ ହୋଇ ମୁଁ ଇଶ୍ୱରଙ୍କର ଆହୁରି ଅଧିକା କୃତଜ୍ଞତା ଜ୍ଞାପନ କରୁଛି ଯିଏ ମୋତେ ଏପରି ବୈଭବପୂର୍ଣ୍ଣ ଜମାତ୍ ସହିତ ଯୋଡି ଦେବାପାଇଁ ଶକ୍ତି ପ୍ରଦାନ କରିଛନ୍ତି । ଗୋଟିଏ ଦୁର୍ବଳତା ପ୍ରତି ମଧ୍ୟ ସେ ଇଂଗିତ କରିଛନ୍ତି । ସେ କହୁଛନ୍ତି କି ଏହି ବାବର୍‌କତ୍ ଜଲ୍‌ସା ସାଲାନାରା ସମସ୍ତ ଭଲକଥା ଗୁଡିକୁ ଛାଡ଼ିଦେଲେ ମୋ ସ୍ୱଳ୍ପ ବୁଦ୍ଧି ମୁତାବକ ଇଂରାଜୀ ଭାଷା ମୁକାବିଲାରେ ଫ୍ରେନ୍‌ଚ୍ ଭାଷାରେ ସେତେ ପ୍ରୋଗ୍ରାମ୍ ନଥିଲା, ଏହାକୁ ମୁଁ ଅନୁଭବ କରିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି ଫ୍ରେନ୍‌ଚ୍ ପ୍ରୋଗ୍ରାମ୍ ବନାଉଥିବା ସଦସ୍ୟମାନେ ଏକଥାକୁ ନୋଟ୍ କରନ୍ତୁ କି ଫ୍ରେନ୍‌ଚ ପ୍ରୋଗ୍ରାମ୍ କରାଯାଉ ବା ପୁଣି ଯାହାକିଛି ପ୍ରୋଗ୍ରାମ୍ ହେଉଛି ଏହାର ଅନୁବାଦ ମଧ୍ୟ କୌଣସି ପ୍ରକାରେ କରାଯାଉ । ଏହା ମଧ୍ୟ ଅଲ୍ଲାଃତାଲାଙ୍କର ଫଜଲ୍ (ଦୟା) କି ଦୋଷ ଦୁର୍ବଳତାର ସୂଚନା ମଧ୍ୟ ଆମକୁ ସଙ୍ଗେସଙ୍ଗେ ମିଳିଯାଉଛି ।

ଜାପାନରୁ ଆସିଥିବା ଜଣେ ଅତିଥି ଶ୍ରୀମାନ Yoshida ସାହେବ ଯିଏ ହେଉଛନ୍ତି ବୌଦ୍ଧଧର୍ମର ମୁଖ୍ୟ ଧର୍ମଜାଯକ । ସେ ଆଲମି ବୟତ (ବିଶ୍ୱବ୍ୟାପୀ ବୟତ) କୁ ଦେଖି କହିଲେ ବୟତର ଏହି କାର୍ଯ୍ୟକ୍ରମକୁ ଦେଖି ଅନୁଭବ ହେଲା କି ଆମର ଜଣେ ସୃଷ୍ଟିକର୍ତା ଅଛନ୍ତି ଯାହାଙ୍କ ନିକଟରେ ନତମସ୍ତକ ହେଲେ ହୃଦୟକୁ ଶାନ୍ତି ମିଳିଥାଏ ଏବଂ ପାପ ମୋଚନ ହୁଏ । ଯଦି ସମସ୍ତେ ପାରସ୍ପରିକ ମତଭେଦକୁ ଦୂର କରି ଏକ ହେବାକୁ ଆଗ୍ରହ ପ୍ରକାଶ କରନ୍ତି ତେବେ ତାହା ଅସମ୍ଭବ ନୁହେଁ । ସେ ଆହୁରି କୁହନ୍ତି ବୟତର କାର୍ଯ୍ୟକ୍ରମ ଦେଖି ଆମ ଚକ୍ଷୁରୁ ଅସମ୍ଭାଳ ଲୁହ ଝରିପଡ଼ିଲା ଏବଂ ଆମେ ମଧ୍ୟ ସଜଦାଃ (ମଥାନଇଁ ଇଶ୍ୱରଙ୍କୁ ମୁଣ୍ଡିଆ ମାରିବା) ରେ ଚାଲିଗଲୁ । ଆମେ ଅନୁଭବ କଲୁ କି ବାସ୍ତବରେ ଆମ ପାପଗୁଡିକ ଧୋଇହୋଇ ଯାଇଅଛି ।

ପୁଣି ଇଣ୍ଡୋନେସିଆର ଜଣେ ଅତିଥି ମୁହମ୍ମଦ୍ ସାହେବ୍ ଅଛନ୍ତି, ସେ କହୁଛନ୍ତି କି ଜଲ୍‌ସାସାଲାନା ଅନୁଷ୍ଠିତ ହେବା ହେଉଛି ଗୋଟିଏ ବହୁତ ବଡ ଆଶ୍ଚର୍ଯ୍ୟଜନକ ପ୍ରୋଗ୍ରାମ୍ । ଏହି

ଜଲ୍‌ସାରେ ବିଭିନ୍ନ ଦେଶରୁ ଲୋକମାନେ ଆସି ଯୋଗଦେଇଥିଲେ ଓ ଏପରି ଲାଗୁଥିଲା କି ଯେପରି ପୁରା ଦୁନିଆ ଆସି ଏକାଠି ହୋଇ ଗୋଟିଏ ଉମ୍ମତ୍ ହୋଇଯାଇଛି । ଯେଉଁଭଳି ଏଠାରେ ସ୍ୱଛାସେବକମାନେ ସେବା କରୁଥିଲେ ଅନ୍ୟ କୌଣସି ଗୋଷ୍ଠୀ ବା ସଂସ୍ଥାରେ ଏପରି ଉଦାହରଣ ଦେଖିବାକୁ ମିଳେନାହିଁ । ଏହା ଏକ ବହୁତବଡ ପ୍ରମାଣ ଅଟେ କି ଜମାତ୍ ଅହେମଦୀୟା ସବୁ କ୍ଷେତ୍ରରେ ସେବା କରୁଥିବା ଜମାତ୍ ଅଟେ । ଜଲ୍‌ସା ସମୟରେ ପ୍ରତ୍ରେକ ପ୍ରକାରର ଲୋକମାନଙ୍କ ସହିତ ସାକ୍ଷାତ୍ ହେଲା ଓ ସେମାନଙ୍କ ମଧ୍ୟରୁ ଅନେକ ବଡବଡ ବ୍ୟକ୍ତିବିଶେଷ ମଧ୍ୟ ଥିଲେ । ଚାରିଆଡେ ଇସ୍‌ଲାମୀୟ ଭାଇଚାରାର ଦୃଶ୍ୟ ଦୃଷ୍ଟଗୋଚର ହେଉଥିଲା ଓ ଚତୁର୍ଦିଗରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଗୁଞ୍ଜରଣ ହେଉଥିଲା । ସେ ପୁଣି କହୁଛନ୍ତି କି ଯେଉଁଠି ଅତିଥି ପରାୟଣର କଥା ଉଠିଛି ସେଠାରେ ଏହାକୁ ବର୍ଣ୍ଣନା କରିବା ଅସମ୍ଭବ । କାର୍‌କୁନ୍‌ମାନେ ଅତିଥିମାନଙ୍କୁ ବହୁତ ସମ୍ମାନ କରୁଥିଲେ ଓ ବହୁତ ଖୁସିର ସହିତ ବ୍ୟବହାର କରୁଥିଲେ । ଏପରି ଅନୁଭବ ହେଉଥିଲା କି ଯେପରି ଆମେ ଆମ ନିଜଘରେ ଅଛୁ ଓ ଜଲ୍‌ସା ସାଲାନାର ଯେଉଁ ଭାଷଣଗୁଡିକ ଥିଲା ତାହା ସମସ୍ତଙ୍କୁ ବହୁତ ସହଜରେ ବୁଝା ପଡୁଥିଲା । ସେ ପୁଣି କହୁଛନ୍ତି କି ମୋର ଗୋଟିଏ ଟିପ୍ପଣୀ ହେଉଛି ଏହା କି ଏହି ପ୍ରକାରର ମହାନ୍ ଜଲ୍‌ସା ଇଣ୍ଡୋନେସିଆରେ ମଧ୍ୟ ଅନୁଷ୍ଠିତ ହେଉ ଯେଉଁଥିରେ ଖଲିଫା ଉପସ୍ଥିତ ହୁଅନ୍ତୁ । ଏହାଦ୍ୱାରା ଆମେ ବହୁତ ଗର୍ବ ଅନୁଭବ କରିବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି:- ଯଦି ନିଜ ଦେଶରେ ଏପରି ଜଲ୍‌ସା କରିବାକୁ ଚାହୁଁଛନ୍ତି ତେବେ ନିଜ ଦେଶର ଲୋକମାନଙ୍କୁ ମନାନ୍ତୁ । ସେଠାରେ ତ ଅହେମଦୀୟତ୍‌ର ଶତୃତା ବଢ଼ିଚାଲିଛି ।

ପୁଣି ଇଣ୍ଡୋନେସିଆର ଜଣେ ମହିଳା ଅତିଥି ଅଛନ୍ତି ଯେ ଜଣେ ମୁସଲମାନ ସଂସ୍ଥାର ଅଧକ୍ଷ ମଧ୍ୟ ଅଟନ୍ତି । ସେ କହୁଛନ୍ତି କି ମୁଁ ଜମାତ୍ ଅହେମଦୀୟାର ଅନେକ ପୁସ୍ତକ ପଢ଼ିସାରିଛି ଓ ଜମାତ୍ ଅହେମଦୀୟା ବିଷୟରେ ବହୁତ କିଛି ଜ୍ଞାନ ଆହରଣ କରିଛି । କିନ୍ତୁ ମୁଁ ଯେତେବେଳେ ଜଲ୍‌ସାସାଲାନାରେ ସାମିଲ୍ ହେଲି ଓ ଖଲିଫାଙ୍କର କଥାକୁ ନିଜ କାନରେ ଶୁଣିଲି, ଏଥିରେ ମୁଁ ବହୁତ ପ୍ରଭାବିତ ହେଲି । ପ୍ରକୃତରେ ଜମାତ୍ ଅହେମଦୀୟାର ଲୋକମାନେ ଜ୍ଞାନୀ ଓ କର୍ମଠ । ଯେଉଁଭଳି ଲୋକମାନେ ବହୁତ ଧ୍ୟାନର ସହିତ ଖଲିଫାଙ୍କର ଭାଷଣକୁ ଶୁଣୁଥିଲେ, ଏହି ସବୁ ଦୃଶ୍ୟକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଲୋକେ କହୁଛନ୍ତି କି ଅହେମଦି ଜମାଅତ ଅମାନ୍ୟକାରୀ ଓ ପଥଭ୍ରଷ୍ଟିତ ଅଟନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ପଥଭ୍ରଷ୍ଟ କରାଉଛନ୍ତି କିନ୍ତୁ ବାସ୍ତବରେ ଏମାନେ ହିଁ ସଚ୍ଚୋଟ ମୁସଲମାନ ଯେ ନିୟମିତ ଭାବରେ ନମାଜ ପାଠ କରୁଛନ୍ତି । ଅଲ୍ଲାଃତାଲାଙ୍କର ଅଧିକାର ଓ ତା ଭକ୍ତମାନଙ୍କର ଅଧିକାର ଗୁଡିକୁ ମଧ୍ୟ ସୁଚାରୁ ରୂପେ ସମ୍ପାଦନ କରୁଛନ୍ତି । ପରସ୍ପରକୁ ସମ୍ମାନ ପ୍ରଦାନ କରୁଛନ୍ତି, କୌଣସି କଥା କହିବା ପୂର୍ବରୁ ଅସ୍‌ସଲାମୋ ଆଲୈକୁମ୍ କହୁଛନ୍ତି । ପ୍ରତ୍ୟେକ କାର୍ଯ୍ୟରେ ଆଦେଶ ପାଳନ କରିବା ସହିତ ଶାନ୍ତି ସୃଙ୍ଗଳା ରକ୍ଷା କରିଥାନ୍ତି । ପ୍ରତ୍ୟେକ ସ୍ୱେଛାସେବୀ ନିଜ ନିଜର ଦାୟିତ୍ୱଗୁଡିକୁ *ତାଆୱନୁ ଅଲଲ୍ ବିର୍‌ରି ୱତ୍ ତକ୍‌ୱା* ଅନ୍ତର୍ଗତ ତୁଲାଉଛନ୍ତି । ଏହି ସବୁ ଦୃଶ୍ୟକୁ ଦେଖି ମୁଁ ବହୁତ ପ୍ରଭାବିତ ହେଲି । ପୁଣି ସେ କହୁଛନ୍ତି ଏହା ସବୁକିଛି ଏ ଯୁଗର ଇମାମ୍ ଏବଂ ଖିଲାଫତ୍‌ର ବର୍‌କତ୍‌ର ଫଳ ଲାଗୁଛି । ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି ଏହି ବ୍ୟକ୍ତିଜଣକ ଅହେମଦୀ ନୁହଁନ୍ତି ।

ଇଣ୍ଡୋନେସିୟାରୁ ଆସିଥିବା ଜଣେ ଅଣଅହେମଦି ବୁଦ୍ଧିଜୀବୀ ଯେ ସେଠାକରେ ଏକ ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ର ବିଭାଗର ମୂଖ୍ୟ ଅଟନ୍ତି, ସେ କହୁଛନ୍ତି କି ମୁଁ ପ୍ରଥମଥର ପାଇଁ ଏପରି ସଭାରେ ସାମିଲ୍ ହୋଇଛି ଯେଉଁଥିରେ ପ୍ରତ୍ୟେକ କ୍ଷେତ୍ରରୁ ଓ ପ୍ରତ୍ୟେକ ପାର୍ଶ୍ୱରୁ ମୁଁ ଆଧ୍ୟାତ୍ମିକତାକୁ ଦେଖୁଅଛି । ପୁଣି ସେ କହୁଛନ୍ତି ମୁଁ ଏହି ଜଲ୍‌ସାକୁ ଏକ ସ୍ୱର୍ଣ୍ଣିମ ଜଲ୍‌ସା ରୂପେ ବିବେଚିତ କରୁଛି । କାରଣ ଏହି ଜଲ୍‌ସାରେ ସାରା ଦୁନିଆରୁ ଲୋକେ ଖିଲାଫତ୍‌ର ଚତୁଃପାର୍ଶ୍ୱରେ ପତଙ୍ଗ ସଦୃଶ ଏକତ୍ରିତ ହୋଇଛନ୍ତି । ମୁଁ ଜଣେ ଇଣ୍ଡୋନେସିଆନ୍ ରୂପେ ଖଲିଫତୁଲ୍ ମସିହ୍‌ଙ୍କ ଚେଷ୍ଟାକୁ ପ୍ରଶଂସା କରୁଅଛି ଯିଏ ସମଗ୍ର ସଂସାରର ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ଭାଇଚାରାର ପରିବେଶକୁ ଉପସ୍ଥାପନ କରିଛନ୍ତି ।

ଅସଲ କଥା ହେଉଛି ଏହା କି ଏହି କାର୍ଯ୍ୟଗୁଡିକୁ ଖିଲାଫତ୍ ଆଗକୁ ବଢ଼ାଉଛି ଯେଉଁଥିପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରେରଣ ହୋଇଥିଲେ ଓ ଈଶ୍ୱର କରନ୍ତୁ କି ଏଯୁଗର ଇମାମ୍ ଓ ମେହ୍‌ଦୀଙ୍କୁ ମାନିବା ପାଇଁ ମଧ୍ୟ ସେମାନଙ୍କୁ ସୌଭାଗ୍ୟ ମିଳୁ ।

ପୁଣି କହୁଛନ୍ତି କି ଏହା ହେଉଛି ବାସ୍ତବିକ ଇସଲାମ ଓ ଏହା ହେଉଛି ପ୍ରକୃତ ଭାତୃଭାବ । ଜମାଅତ ଅହେମଦିୟା ହେଉଛି ଏକ ମାତ୍ର ବିଶ୍ୱ ସ୍ତରିୟ ସଂସ୍ଥା ଯାହାର ଉଦାହରଣ ଅନ୍ୟ କେଉଁଠାରେ ଦେଖିବାକୁ ମିଳୁ ନାହିଁ । ଜମାଅତ ଅହେମଦିୟାର Moto ହେଉଛି ଅତ୍ୟନ୍ତ ସୁନ୍ଦର ଯାହା ପ୍ରତ୍ୟେକଙ୍କ ହୃଦୟରେ ଘର କରିଥାଏ । ଖଲିଫାଙ୍କ ପ୍ରତ୍ୟେକ ଭାଷଣରେ ପବିତ୍ର କୋରାନ୍, ଆହାଦିସ୍ ଏବଂ ସୁନ୍ନତେ ନବୱିର ଆଲୋକରେ ଅତ୍ୟନ୍ତ ସୁନ୍ଦର ଶୈଳୀରେ ଇସ୍‌ଲାମୀୟ ଶିକ୍ଷାଗୁଡିକ ବର୍ଣ୍ଣନା କରାଗଲା । ଜଲ୍‌ସାସାଲାନା ଯଦିଚ କେବଳ ତିନିଦିନ ପାଇଁ କିନ୍ତୁ ବର୍‌କତ୍ (ବୈଭବ) ଦୃଷ୍ଟିକୋଣରୁ ଏହି ତିନିଦିନ ବହୁତ ପରିପୂର୍ଣ୍ଣ । ସେଇଥିପାଇଁ ଆମେ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛୁ ।

ଗିନିକନାକରିର ଏକ ରାଜ୍ୟର ଗଭର୍ନର ସାରଙ୍ଗ ବେ କୁମାରା ସାହିବା କହୁଛନ୍ତି କି ମୁଁ ଏହାଠାରୁ ଉତମ ସୁବନ୍ଦୋବସ୍ତ ପ୍ରୋଗ୍ରାମ୍ ପୂର୍ବରୁ କେବେ ଦେଖିନାହିଁ । ସମସ୍ତ ଦେଶଗୁଡିକରୁ ପ୍ରତ୍ୟେକ ଜାତି, ଧର୍ମ ଓ ବର୍ଣ୍ଣର ବହୁ ସଂଖ୍ୟକ ଲୋକେ ଏଥିରେ ସାମିଲ୍ ହୋଇଥିଲେ ଓ ଏମାନେ ବହୁତ ସୁନ୍ଦର ଇସ୍‌ଲାମୀୟ ଦୃଷ୍ଟାନ୍ତ ଉପସ୍ଥାପନ କରୁଥିଲେ । ପ୍ରେମ ଓ ଭଲପାଇବାର ଅସାଧାରଣ ପରିପ୍ରକାଶ ଯାହା କେବଳ ଶବ୍ଦ ନୁହେଁ ବରଂ ତାହା କାର୍ଯ୍ୟରେ ଦୃଷ୍ଟିଗୋଚର ଅନୁଭବ ହେଉଥିଲା । ଯେଉଁସବୁ ଜିନିଷ ଗୁଡିକର ଆବଶ୍ୟକତା ହେଉଥିଲା ସେହି ସମସ୍ତ ଜିନିଷ ସବୁବେଳେ ଉପଲବ୍ଧ ହେଉଥିଲା । ପୁଣି ସେ କହୁଛନ୍ତି କି ମୋତେ ସବୁ ଭାଷଣ ଗୁଡିକୁ ଶୁଣିବା ପାଇଁ ଅବସର ମିଳିଲା ଏବଂ ଏହା ଏପରି ଅନୁଭବ ହେଉଥିଲା କି ଏହି ସବୁ ଭାଷଣ ଗୁଡିକ ବର୍ତମାନ ସମୟର ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି । ବିଶେଷ ରୂପେ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଅଭିଭାଷଣ ଅସାଧାରଣ ଥିଲା । ଖୁତ୍‌ବାଜୁମାରେ ସେ ଅତିଥିମାନଙ୍କୁ ଆତିଥ୍ୟକର୍ତାମାନଙ୍କୁ ହିଦାୟତ୍ ଦେଲେ । ଯଦି ଆମେ ସମସ୍ତେ ସେହି ହିଦାୟତ୍ ଗୁଡିକ ଉପରେ ପରିଚାଳିତ ହେବା ତେବେ ଆମର ସମସ୍ତ ସମସ୍ୟା ଗୁଡିକ, ଯାହା ସବୁ ବିନା କାରଣରେ ସୃଷ୍ଟି ହୋଇଯାଇଛନ୍ତି, ତାହାସବୁ ପ୍ରେମ ଓ ସ୍ନେହ ସହିତ ସମାଧାନ ହୋଇଯିବ । ପୁଣି ସେ କହୁଛନ୍ତି କି ମୁଁ ଏହି ତିନିଦିନ ଜଲ୍‌ସାରେ ଏକଥା ଜାଣିବାକୁ ପାଇଲି ଯେ ଜମାଅତ ଅହେମଦିୟା ହେଉଛି ଏକ ସୁପ୍ରତିଷ୍ଠିତ ଓ ଜଣେ ଇମାମଙ୍କ ଅନୁସରଣକାରୀ ଜମାଅତ । ଏହା ହିଁ ଇସଲାମର ସୁନ୍ଦର ଶିକ୍ଷା ଅଟେ ଯାହା ଉପରେ ଅମଲ କରି ଆମେ ଏକ (ସୁସଙ୍ଗଠିତ) ଜମାଅତ ହୋଇପାରିବା । ସେ କହିଲେ ମୁଁ ଦୁଆ ପାଇଁ ନିବେଦନ କରୁଅଛି କି ଆମ ଦେଶରେ ମଧ୍ୟ ଅଲ୍ଲାଃତାଲା ଶାନ୍ତି ପ୍ରତିଷ୍ଠା କରନ୍ତୁ ଏବଂ ବାସ୍ତବିକ ଇସଲାମର ଭିତି ସ୍ଥାପନ ହେଉ ।

ହଣ୍ଡୁରାସ୍‌ର ଜଣେ ଜର୍ନାଲିଷ୍ଟ Manolo Jose Escoto ସାହେବ୍ ଯିଏ ଗୋଟିଏ ଟିଭି ଚ୍ୟାନେଲ୍ ସହିତ ସଂଶ୍ଳିଷ୍ଟ ଅଛନ୍ତି । ସେ କହୁଛନ୍ତି- ଯେତେବେଳେ ମୋତେ ଗୋଟିଏ ମୁସଲ୍‌ମାନ୍ ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦିଆଗଲା ସେତେବେଳେ ମୋ ଭିତରେ ଜିଜ୍ଞାସା ସୃଷ୍ଟିହେଲା । କାରଣ ବିଶ୍ୱସ୍ତରରେ କମ୍ ଜ୍ଞାନ ରଖିଥିବା ଯୋଗୁ ମୁସଲ୍‌ମାନ୍‌ମାନଙ୍କ ସମ୍ବନ୍ଧରେ ଖରାପ ଓ ବିଯୁକ୍ତାତ୍ମକ ଭାବନା ପରିପ୍ରକାଶ କରାଯାଉଛି । କିନ୍ତୁ ମୁଁ ବହୁତ ଉତ୍କଣ୍ଠାର ସହିତ ଏକଥାକୁ ପ୍ରକାଶ କରିବା ପାଇଁ ଚାହୁଁଛି କି ଏହି ବିଯୁକ୍ତାତ୍ମକ ଭାବନା ଓ ଆଚରଣର କାରଣ ହେଉଛି ଅଜ୍ଞଜ୍ଞାନ । ମୋ ପରି ହଜାର ହଜାର ଲୋକ ଅଛନ୍ତି, ଯେଉଁମାନେ ମୁସଲ୍‌ମାନଙ୍କ ସଠିକ୍ ଶିକ୍ଷା ଏବଂ ଭାବନା ବିଷୟରେ ଅବଗତ ନାହାଁନ୍ତି । ବର୍ତମାନ ଅହେମଦୀୟା ଜମାତ୍ ଯୋଗୁ ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିଛି । ଜଲ୍‌ସା ସାଲାନାର ପରିବେଶରେ ରହି ମୁଁ ଏକଥା ବୁଝିପାରିଛି କି ଲୋକମାନଙ୍କ ସମ୍ବନ୍ଧରେ କୌଣସି ପ୍ରକାର ଶତୃତାପୂର୍ଣ୍ଣ ରାୟ କାଏମ୍ କରିବା ପୂର୍ବରୁ ସେହି ଲୋକମାନଙ୍କୁ ନିଜେ ଭଲରୂପେ ଜାଣିବା ଓ ବୁଝିବା ଉଚିତ୍ । ଜଲ୍‌ସାସାଲାନାର କେନ୍ଦ୍ରୀୟ ବାର୍ତା ହେଉଛି ଶାନ୍ତିର ବାର୍ତା, ଯାହା ପ୍ରତ୍ୟେକ ସ୍ତରର ଲୋକମାନଙ୍କ ନିକଟରେ ପହଂଚିବା ଉଚିତ୍ । ସେହିପରି ଏଠି ମୋତେ ବହୁତ ଭଲ, ସହାନୁଭୁତି ଶୀଳ ଏବଂ ସମ୍ମାନ ଦେଉଥିବା ଲୋକମାନଙ୍କ ସହିତ ସାକ୍ଷାତ୍ କରିବାର ମୌକା ମିଳିଲା, ଯେଉଁମାନେ ସମସ୍ତ ଅତିଥିମାନଙ୍କ ନିମନ୍ତେ ନିଜର ହୃଦୟକୁ ଉନ୍ମୁକ୍ତ କରିଥିଲେ ।

ଗୋଏଟେମୋଲାର ଜଣେ ମହିଳା ଦାର୍ଶନିକ Galadys Ramirez ସାହିବା କୁହନ୍ତି ମୋତେ ଜମାଅତ ଅହେମଦିୟା ବ୍ରିଟେନ୍‌ର ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗଦେବା ଫଳରେ ଏକ ଅସାଧାରଣ ଖୁସି ପ୍ରାପ୍ତ ହୋଇଛି । ଜମାତ୍ ଅହେମଦୀୟା ମୁସ୍‌ଲିମାକୁ ଅତି ନିକଟରେ ଦେଖିବା ପାଇଁ ମୌକା ମିଳିଲା । ଇସ୍‌ଲାମ୍ ସମ୍ବନ୍ଧରେ ଅନେକ ଭୁଲ୍ ଚିନ୍ତାଧାରାର ଦୁରୀକରଣ ହେଲା । ପ୍ରକୃତ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ଜ୍ଞାତ ହେଲା । ମୋ ହୃଦୟ ଖୁସିରେ ପରିପୁର୍ଣ୍ଣ ହୋଇଅଛି କି ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ଲୋକେ ମୋ ସହିତ ଅତ୍ୟନ୍ତ ପ୍ରେମପୁର୍ଣ୍ଣ ଓ ସମ୍ମାନର ସହିତ ବ୍ୟବହାର କଲେ । ମୁଁ ଜଣେ ମହିଳା ହୋଇଥିବାରୁ କୌଣସି ଗୋଟିଏ ମୁହୁର୍ତ ମଧ୍ୟ ଏ କଥା ଅନୁଭବ କଲିନାହିଁ ଯେ ମୁଁ ଘରଠାରୁ ଦୂରେ ଏକୁଟିଆ ଅଛି । ବରଂ ଏହାର ଓଲଟା ଏଠାରେ ମୁଁ ନିଜକୁ ସୁରକ୍ଷିତ ଅନୁଭବ କରୁଛି ଓ ଅନ୍ୟମାନଙ୍କ ଦୃଷ୍ଟିରେ ସମ୍ମାନଯୋଗ୍ୟ ଅନୁଭବ କରୁଛି । ଆପୋଷରେ ଭାଇଚାରା ଓ ପ୍ରେମର ନମୁନାକୁ ଦେଖିଛି । ଏ ଦୁନିଆର ବିଭିନ୍ନ ଦେଶଗୁଡିକର ଲୋକମାନଙ୍କ ସହିତ ମିଶି ଏପରି ଅନୁଭବ ହେଉିଛି କି ସମସ୍ତେ ଜଣେ ଅନ୍ୟଜଣଙ୍କ ସହିତ ପ୍ରେମ କରୁଛନ୍ତି ଓ ସହାନୁଭୁତି ଦେଖାଉଛନ୍ତି । ଯଦିଚ ଭିନ୍ନ ଭିନ୍ନ ଭାଷା କହୁଥିଲେ କିନ୍ତୁ ସେମାନଙ୍କ କାର୍ଯର ନମୁନା ଏହି ଭାଷାଗତ ବିଭିନ୍ନତାକୁ ଭୁଲାଇଦେଲା । ସେ ପୁଣି କହୁଛନ୍ତି ଯେପରି ମୁଁ ଏହି ଶାନ୍ତିପୂର୍ଣ୍ଣ ବାତାବରଣରୁ ଅତ୍ୟନ୍ତ ପ୍ରଭାବିତ ହୋଇଅଛି ଏବଂ ମୋର ବିଶ୍ୱାସ ଜମାଅତ ଅହେମଦିୟାର ସଦସ୍ୟମାନେ ବାସ୍ତବରେ ଶାନ୍ତି ଓ ସୁରକ୍ଷାର ପ୍ରତିଷ୍ଠାକାରୀ ଅଟନ୍ତି ।

ସେଠାରୁ ଜଣେ ଟି.ଭି ଚ୍ୟାନେଲ୍‌ର ଫଟୋଗ୍ରାଫର୍ ଆସିଥିଲେ । ସେ କହୁଛନ୍ତି- ଏହି ଜଲ୍‌ସା ଏକ ଅଭୁଲା ଅନୁଭବ ପ୍ରଦାନ କରିଛି । କାର୍‌କୁନ୍‌ଙ୍କ ଠାରୁ ନେଇ ଅଫିସର୍ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ପୁଣ୍ୟ ବ୍ୟବହାର ଓ ସଦିଚ୍ଛା ଓ ଭଲ ପାଇବାର ବ୍ୟବହାର ପାଇଲୁ । ଜଲ୍‌ସାର ବ୍ୟବସ୍ଥା ଓ ଭାଷଣ ଗୁଡିକ ମୋତେ ଏକ ଆଲୋକ ପ୍ରଦାନ କରିଛି । କାର୍ଯ୍ୟରେ କରି ଆପଣମାନେ ମୋତେ ଏହା ବତାଇଛନ୍ତି କି ପ୍ରକୃତରେ ମୁସଲ୍‌ମାନ୍ କିଏ ? ପୁଣି ସେ କହୁଛନ୍ତି- ୨୦୧୫ ମସିହାରେ ଜମାତ୍ ଅହେମଦୀୟା ବିଷୟରେ ମୋତେ ପରିଚୟ ମିଳିଥିଲା । କିନ୍ତୁ ଏଠାକୁ ଆସି ମୋତେ ଏ ଅନୁଭବ ହେଲା କି ଯେପରି ମୁଁ ମୋ ନିଜ ଘରେ ଅଛି । ଜଣେ ମଣିଷ ହେବା ଯୋଗୁ ପ୍ରତ୍ୟେକଙ୍କ ପାଇଁ ଏହା ଧାର୍ଯ୍ୟ ଅଟେ କି ସେ ଅନ୍ୟମାନଙ୍କ ସହିତ ଭଦ୍ର ବ୍ୟବହାର କରୁ ଓ ଅସହାୟଙ୍କୁ ସାହାଯ୍ୟ କରୁ । ପୁଣି ସେ କହୁଛନ୍ତି କି ଏ ଜଲ୍‌ସାରୁ ମୋତେ ଏ ଶିକ୍ଷା ମିଳିଲା କି ଆମେ ସମସ୍ତେ ମିଳିମିଶି ଆପୋଷି ସହଯୋଗ, ପ୍ରେମ ଓ ଭାଇଚାରା ଦ୍ୱାରା କାମ ନେବା ଉଚିତ୍, ଯଦ୍ୱାରା ଏହିଭଳି ମହାନ୍ କାର୍ଯ୍ୟ ସାଧନ ହୋଇପାରିବ ।

ମ୍ଯେକ୍ସିକୋର ଜଣେ ନୂତନ ଅହେମଦି ଏଲିଜାବେଥ୍ ପରେରା ସାହେବା କହୁଛନ୍ତି କି- ମୋତେ ଅହେମଦୀୟତ୍ ଗ୍ରହଣ କରିବାକୁ କେବଳ ଏକବର୍ଷ ହୋଇଛି ଓ ମୁଁ ବର୍ତମାନ ଇସ୍‌ଲାମ୍ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରୁଅଛି । ଏହା ହେଉଛି ଏପରି ଏକ ଧର୍ମ ଯାହାକୁ ଆମ ଦେଶରେ ସୁଦୃଷ୍ଟିରେ ଦେଖାଯାଏନାହିଁ ଓ ଏହାର କାରଣ ହେଉଛି ମିଡିଆ । କିନ୍ତୁ ମୁଁ ଜାଣିଛି ଯେ ଇସଲାମ ଏକ ଶାନ୍ତି ପୂର୍ଣ୍ଣ ଧର୍ମ ଅଟେ । କିନ୍ତୁ ମୋ ପରିବାର ଲୋକେ ମୋତେ ଏଠାକୁ ଆସିବାକୁ ବାରଣ କରୁଥିଲେ ଏବଂ ମୋତେ ଭୟଭୀତ କଲେ କିନ୍ତୁ ଏଠାରେ ପହଂଚିବା ପରେ ମୁଁ ଜମାଅତକୁ ସେମାନଙ୍କ କଥନର ବିପରୀତ ଦେଖିବାକୁ ପାଇଲି । ସେ କୁହନ୍ତି ବିମାନ ବନ୍ଦରରୁ କର୍ମୀମାନେ ଆମକୁ ପାଛୋଟି ନେବା ସମୟରୁ ଜଲସାର ତିନି ଦିନ ହେଲା ମୁଁ ସେବକମାନଙ୍କର ଯେଉଁ ଉତ୍ସାହ ଓ ନିଷ୍ଠାପର ବ୍ୟବହାରକୁ ପରିଲକ୍ଷିତ କରୁଅଛି ସେଥିରେ ମୁଁ ଅତ୍ୟନ୍ତ ପ୍ରଭାବିତ । ବର୍ତମାନ ମୋ ହୃଦୟରେ ଜମାତ୍‌ର ଭାଇଚାରା ଓ ପାରିବାରିକ ବ୍ୟବସ୍ଥା ସମ୍ବନ୍ଧରେ କୌଣସି ଶଙ୍କା ନାହିଁ । ସେ ପୁଣି କହୁଛନ୍ତି ଯେଉଁସବୁ ମନୋଭାବକୁ ଓ ସ୍ୱରୂପକୁ ମୁଁ ମୋ ମନ ଭିତରେ ନେଇ ଏଠାରୁ ଯାଉଅଛି ସେ ସବୁକୁ ନେଇ ମେକ୍‌ସିକୋରେ ବ୍ୟବହାର କରିବି ଓ ଲୋକମାନଙ୍କୁ ଜମାତ୍ ଅହେମଦୀୟାର ବାର୍ତା ନେଇ ପହଂଚାଇବି ।

ମ୍ଯେକ୍ସିକୋର ଆଉ ଜଣେ ନୂତନ ଅହେମଦି Laura Brito Soberanis ସାହେବା କହୁଛନ୍ତି- କର୍ମୀମାନେ କେତେବେଳେ କେମିତି ମୋ କଥା ବୁଝିପାରୁ ନଥିଲେ କିନ୍ତୁ ଭାଷାର ପ୍ରଭେଦତା ଅହେମଦିମାନଙ୍କ ସମ୍ପର୍କରେ ବାଧକ ସାଜିନଥାଏ । ଅଲ୍ଲାଃଙ୍କ ପ୍ରେମ ଆମମାନଙ୍କୁ ଏକ କରିଦେଇଛି । ମୁଁ ଅନୁଭବ କରୁଅଛି ଯେମିତି ମୁଁ ନିଜ ପରିବାରବର୍ଗଙ୍କ ସହିତ ଅଛି ଏବଂ ଖଲିଫାଙ୍କ ଅଭିଭାଷଣ ଶୁଣି ମୁଁ ନିଜର ଅନୁଶୀଳନ କରୁଅଛି କି ମୋ ଭିତରେ କେଉଁ ପ୍ରକାରର ଦୁର୍ବଳତା ରହିଛି । ବର୍ତମାନ ମୁଁ ସମ୍ପୂର୍ଣ୍ଣ ରୂପେ ଆସ୍ୱସ୍ତ ଯେ, ମୁଁ ସଠିକ୍ ସ୍ଥାନରେ ପହଂଚିଯାଇଛି ଏବଂ ଅଲ୍ଲାଃତାଲା ମୋତେ ସତ୍‌ପଥ ପ୍ରଦାନ କରିଛନ୍ତି । ମୋର ଆନ୍ତରିକ ଇଛା ଏହା କି ଯେଉଁଭଳି ମୋ ବିଶ୍ୱାସ ସୁଦୃଢ ହୋଇଅଛି ସେହିଭଳି ମୋର ପରିବାରବର୍ଗ ମଧ୍ୟ ଇସଲାମକୁ ଚିହ୍ନନ୍ତୁ ଏବଂ ସେମାନଙ୍କ ବିଶ୍ୱାସ ମଧ୍ୟ ଦୃଢ଼ ହେଉ ।

କେମରୁନ୍‌ରୁ ଆସିଥିବା ଅତିଥି ମହମ୍ମଦ ମୁବାହୋ ଅଜିଜ୍ ସାହେବ କହୁଛନ୍ତି କି ପଛବର୍ଷ ମଧ୍ୟ ମୁଁ ଜଲ୍‌ସାରେ ସାମିଲ୍ ହୋଇଥିଲି । ଏଥରକ ପୂର୍ବ ଅପେକ୍ଷା ପ୍ରତ୍ୟେକ ବିଭାଗରେ ବହୁତ ଉନ୍ନତି ପରିଲିକ୍ଷିତ ହେଉଅଛି । ଟ୍ରାନ୍‌ସ୍‌ପୋର୍ଟ୍ ଓ ଆବାସସ୍ଥଳୀର ବ୍ୟବସ୍ଥା ଭଲ ଥିଲା । ଖାଦ୍ୟପେୟର ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । କାରଣ ଏତେ ସଂଖ୍ୟକ ଲୋକକୁ ଦୁଇଘଂଟା ମଧ୍ୟରେ ଖାଦ୍ୟ ଖୁଆଇ ଛାଡ଼ି

ଦିଆଯାଉଛି । କୌଣସି ପ୍ରକାର ଲଢ଼ାଇ ଝଗଡ଼ା ଓ ପାଟିତୁଣ୍ଡ ମଧ୍ୟ ହେଉନାହିଁ ଓ ପ୍ରତ୍ୟେକ ବ୍ୟକ୍ତି ଠିକ୍ ସମୟରେ ଯାଇ ଜଲ୍‌ସାଗାଃରେ ପହଂଚି ଜଲ୍‌ସା ଶୁଣୁଛି । ଏହା ହେଉଛି ଏହି ଜଲ୍‌ସାର ବିଶେଷତା ଯାହା ସାଂସାରିକ ପ୍ରୋଗ୍ରାମ୍ ଗୁଡିକରେ ଦୃଷ୍ଟିଗୋଚର ହୁଏନାହିଁ । ଖୁଦାମ୍‌ମାନେ ଯେଉଁ ଉତ୍ସାହ ଓ ପ୍ରେମର ସହିତ କାମ କରୁଛନ୍ତି ଏହାର ଦୃଷ୍ଟାନ୍ତ ଅନ୍ୟ କେଉଁଠାରେ ମିଳେନାହିଁ । ଯେଉଁ ଜମାତ୍ ନିକଟରେ ଏପରି ଉତ୍ସର୍ଗୀକୃତ ବ୍ୟକ୍ତି ଥିବେ ସେମାନେ ସର୍ବଦା ଉନ୍ନତି କରିଥାନ୍ତି । ପୁଣି ସେ କହୁଛନ୍ତି ମୁଁ ହେଉଛି ପେଶାରେ ଜଣେ ଜର୍ନାଲିଷ୍ଟ । ଏମ୍.ଟି.ଏ ର ଷ୍ଟାଫ୍ ମାନଙ୍କ ସହିତ ମିଟିଂ ହେଲା ଓ ସେଠାରେ ମଧ୍ୟ ବହୁତ ମଜା ଆସିଲା । ଆମ ଆବଶ୍ୟକତାର ପ୍ରତ୍ୟେକ ବସ୍ତୁ ଉପସ୍ଥିତ ଥିଲା । ଯେଉଁ ବସ୍ତୁ ଗୁଡିକ ସଂସାରର ପ୍ରାଇଭେଟ୍ ଏବଂ ଗଭର୍ଣ୍ଣମେଂଟ୍ କାର୍ଯ୍ୟଗୁଡିକ ମଧ୍ୟରେ ମଧ୍ୟ ଉପଲବ୍ଧ ହୋଇନଥାଏ । ଜମାତ୍‌ର ବାର୍ତ୍ତା ଅନ୍ୟମାନଙ୍କ ପର୍ଯ୍ୟନ୍ତ କିପରି ପହଂଚୁଅଛି ଏହାର ଆକଳନ ମୋତେ ଅଣ ଜମାତୀୟ ଅତିଥିମାନଙ୍କ ମନୋଭାବରୁ ମିଳିଲା । ପ୍ରତ୍ୟେକ ଜମାତ୍‌ର ପ୍ରେମ ଓ ସ୍ନେହର ଶିକ୍ଷାକୁ ପ୍ରଶଂସା କରୁଥିଲେ । ପୁଣି ସେ କହୁଛନ୍ତି ଖଲିଫାଙ୍କର ମହିଳାମାନଙ୍କ ନିମନ୍ତେ ଯେଉଁ ଅଭିଭାଷଣ ଥିଲା ତାହା ଆମ ନୂତନ ପିଢ଼ୀମାନଙ୍କ ନିମନ୍ତେ ତର୍‌ବିୟତ୍ ପାଇଁ ଅତ୍ୟନ୍ତ ଜରୁରୀ । ସୋସିଆଲ୍ ମିଡ଼ିଆର ବ୍ୟବହାର କିପରି ହେବା ଉଚିତ୍ ? ଏହି ସମସ୍ତ ବିଷୟବସ୍ତୁ ବର୍ତମାନର ସମୟ ନିମନ୍ତେ ଅତି ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ନିଜ ସନ୍ତାନମାନଙ୍କୁ ସେହି (ବିଷାକ୍ତ) ପରିବେଶରୁ ରକ୍ଷା ନକରୁ ତେବେ ସେମାନେ ମାନବ ଜାତି ଓ ଇସଲାମଠାରୁ ବହୁ ଦୂରକୁ ଚାଲିଯିବେ, ଆମକୁ ଏହି ଶିକ୍ଷା ଆପଣାଇବାକୁ ହେବ । ପୁଣି ସେ କହୁଛନ୍ତି କି ହଜୁର ଅନଓ୍ୱର ନିଜର ଅନ୍ତିମ ଅଭିଭାଷଣରେ ଫହ୍‌ଶାଆ (ଅଶ୍ଳୀଳତା) ବିଷୟରେ ଯେଉଁ ବ୍ୟାଖ୍ୟା କଲେ ତାହା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଏହାର ଅର୍ଥକୁ ଶୁଣି ଏପରି ଲାଗୁଥିଲା ଯେପରି ଆମେ ସମସ୍ତେ ଏହି କୁକାର୍ଯ୍ୟରେ ଲିପ୍ତ ଅଛୁ । ଏବଂ ଅନେକ ଲୋକ ଅଛନ୍ତି ଯେଉଁମାନେ ହେଉଛନ୍ତି ପୁଣ୍ୟବନ୍ତ । କିନ୍ତୁ ସେମାନଙ୍କର ଆମାଲ୍ (କାର୍ଯ୍ୟକଳାପ) ପୁଣ୍ୟ ନୁହେଁ । କିନ୍ତୁ ଯଦି ଆମେ ଖଲିଫାଙ୍କର ଏହି ବ୍ୟାଖ୍ୟାକୁ ବୁଝିନେବା ଏବଂ ତଦନୁଯାୟୀ ଅମଳ କରିବା ତେବେ ଆମେ ନିଜ ଆସନ୍ତା ପିଢିକୁ ଏକ ପବିତ୍ର ଓ ସ୍ୱାସ୍ଥ୍ୟକର ସମାଜ ପ୍ରଦାନ କରିପାରିବା । ହଜୁର ଅନଓ୍ୱର ଅ.ବଙ୍କର ଫହ୍‌ଶାଆ ବ୍ୟାଖ୍ୟା ମୋତେ ଆନ୍ଦୋଳିତ କରିଦେଇଛି, ଏହା ଏପରି ଉଚ୍ଚ କୋଟିର ତଥ୍ୟ ଯାହାକୁ ମୁଁ ନିଜ ଜୀବନରେ ଏକ ଅଂଶ ଭାବରେ ଗ୍ରହଣ କରିନେଇଛି । ପୁଣି ସେ କହୁଛନ୍ତି ମୁଁ ଏଠାରେ ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଦେଖିବାକୁ ପାଇଲି । ଏଥିରୁ ଜମାତ୍‌ର ଇତିହାସ ବିଷୟରେ ଜାଣିବାକୁ ପାଇଲି । ଯେଉଁ ଜାତି ନିଜର ଇତିହାସକୁ ଭୁଲେନାହିଁ ସେ ସର୍ବଦା ଉନ୍ନତି କରିଥାଏ । ରିଭ୍ୟୁ ଅଫ୍ ରିଲିଜିଅନ୍ ଏକଶହ ବର୍ଷ ହେବ ବାର୍ତା ପହଂଚାଇ ଚାଲିଛି, ଯାହାକୁ ଜମାତ୍ ଅହେମଦୀୟା ଆରମ୍ଭ କରିଥିଲା । ପୁଣି ସେ କହୁଛନ୍ତି– ମୁଁ ନିଜେ ନିୟମିତ ଭାବେ ଏହି ପୁସ୍ତକକୁ ଅଧ୍ୟୟନ କରୁଅଛି ଓ ଏଥିରେ ବହୁତ ଉଚ୍ଚାକୋଟୀର ଆର୍ଟିକିଲ୍ ରହୁଛି ଏବଂ ଏହିପରି ହ୍ୟୁମାନିଟି ଫାର୍ଷ୍ଟ୍‌ର ସେବାମୂଳକ କାର୍ଯ୍ୟଗୁଡିକ ମଧ୍ୟ ବହୁତ ଅତୁଳନୀୟ ।

ଆଇସ୍‌ଲାଣ୍ଡ୍‌ର ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇ ଆସିଥିବା ଜଣେ ମହିଳା ଅତିଥି Emelita Ordonez ସାହିବା କହୁଛନ୍ତି କି ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଯୋଗୁ ମୋ ଜ୍ଞାନରେ ବହୁତ ବୃଦ୍ଧି ଘଟିଲା ଓ ମୁଁ ଜମାତ୍ ଅହେମଦୀୟାକୁ ଭଲଭାବେ ବୁଝିପାରିଲି । ସାରା ଦୁନିଆର ଲୋକମାନଙ୍କ ସହିତ ମିଶିବା ଓ ସେମାନଙ୍କ ସହିତ କଥାବାର୍ତା କରିବା ହୃଦୟସ୍ପର୍ଶୀ ଅନୁଭବ ଥିଲା । ମୋତେ ଚାରିଆଡେ ଶାନ୍ତି, ପ୍ରେମ ଓ ଭାଇଚାରା ଅନୁଭବ ହେଉଥିଲା । ଜଲ୍‌ସାର ଭାଷଣଗୁଡିକ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସ ବର୍ଦ୍ଧକ) ଥିଲା ଓ ପ୍ରଦର୍ଶନୀ ଗୁଡିକ ଦେଖି ବହୁତ ଖୁସି ଅନୁଭବ କଲି । ଯେବେକି ଏହି ପ୍ରଦର୍ଶନୀରେ ଶହିଦ୍‌ମାନଙ୍କ ଫଟୋକୁ ଦେଖି ବହୁତ ଦୁଃଖ ମଧ୍ୟ ଅନୁଭବ ହେଲା କାରଣ ଏହି ଅତ୍ୟାଚାର କେବଳ ଧାର୍ମିକ ମତଭେଦ ଯୋଗୁ କରାଯାଇଛି ଓ ବର୍ତମାନ କରାଯାଉଅଛି । ତୃତୀୟ ଦିନ ବୟତ ଉସ୍‌ବଟି ମୋ ମନ ଉପରେ ଏକ ଅସାଧାରଣ ପ୍ରଭାବ ପକାଇଥିଲା । ସେହିଭଳି ଅନେକ କଥା ଓ ଭାବନା ମୋ ମନରେ ଅଛି ଯାହାକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ ।

ମେସିଡୋନିଆରୁ ଆସିଥିବା ଜଣେ ପତ୍ରକାର Toni Ajtovski ସାହେବ୍ କହୁଛନ୍ତି କି ଏହି ଜଲ୍‌ସାରେ ଯେଉଁ କଥାଟି ମୋ ମନ ଉପରେ ଅଧିକ ପ୍ରଭାବ ପକାଇଲା ତାହା ହେଉଛି ଖଲିଫାଙ୍କର ଅଭିଭାଷଣ । ବିଶେଷ ରୂପେ ତର୍‌ବିୟତେ ଅଓଲାଦ୍ (ସନ୍ତାନ ମାନଙ୍କର ତର୍‌ବିୟତ୍) ପ୍ରସଙ୍ଗରେ ଖଲିଫାଙ୍କର ଭାଷଣ ଅର୍ଥାତ୍ ପିଲାମାନଙ୍କର ତର୍‌ବିୟତ୍ ଓ ସେମାନଙ୍କୁ କିପରି ଗାଇଡ୍ କରାଯିବା ଉଚିତ୍ ଓ ବିଶେଷ ରୂପେ ମୋବାଇଲ୍ ଇତ୍ୟାଦିର ବ୍ୟବହାର କରିବା ସମ୍ବନ୍ଧରେ ଚର୍ଚ୍ଚା କରାଗଲା କି କେଉଁଭଳି ଏହି ଜିନିଷ ଫ୍ୟାମିଲିର ଏକତାକୁ କ୍ଷତି ପଂହଚାଉଛି । ଏହା ଏକ ବିଶ୍ୱବ୍ୟାପୀ ବାର୍ତା ଥିଲା । କାରଣ ସାରା ଦୁନିଆର ପ୍ରତ୍ୟେକ ଫ୍ୟାମିଲିଙ୍କ ସହିତ ଏହି ସମସ୍ୟା ଲାଗି ରହିଛି । ଯଦି ଗୋଟିଏ ଫ୍ୟାମିଲି ଏକ କୁଟୁମ୍ବ ପରି ନରହିବ ଓ ଏହାର ସଦସ୍ୟମାନଙ୍କ ଭିତରେ ଆପୋଷ ସମ୍ପର୍କ ନହେବ ତେବେ ସେହି ପରିବାରଟି ଭାଙ୍ଗି ଯାଇଥାଏ ଓ ଏହି ପରିବାରଟି ଭାଙ୍ଗିଯିବା ଦ୍ୱାରା ସାର ସମାଜର ଏକତା ମଧ୍ୟ ବିଚ୍ଛିନ୍ନ ହୋଇଯାଏ । ଫଳତଃ ଉତମ ଭବିଷ୍ୟତର ଜମାନତ୍ ରହେନାହିଁ ।

ଫିଲିପାଇନ୍‌ରୁ ଜର୍ଜ କରିନୋ ସାହେବ ଆସିଥିଲେ, ସେ ABS-CBN ଚ୍ୟାନେଲ୍‌ର ପ୍ରସିଦ୍ଧ ପ୍ରଭାତ କାର୍ଯ୍ୟକ୍ରମର ଉପସ୍ଥାପକ ଅଟନ୍ତି । ସେ କୁହନ୍ତି ଏହା ମୋ ଜୀବନର ଭିନ୍ନ ଅଭିଜ୍ଞତା ଥିଲା, ଯେଉଁଠାରେ ମୁଁ ଏଭଳି ବହୁଳ ସଂଖ୍ୟାରେ ବିଭିନ୍ନ ଦେଶ, ବର୍ଣ୍ଣ ଓ ଜାତିର ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିବାର ଦେଖିବାକୁ ପାଇଲି । ସେ କହୁଛନ୍ତି କି ପ୍ରତ୍ୟେକ ବ୍ୟକ୍ତି ସେ କେଉଁ ଦେଶର ମଧ୍ୟ ହୋଇଥାଉ ଓ ଲୋକମାନେ ତାଙ୍କୁ ଜାଣନ୍ତୁ ବା ନ ଜାଣନ୍ତୁ କିନ୍ତୁ ଜଣେ ଅନ୍ୟ ଜଣକୁ ଦେଖି ହସୁଥିଲା ଓ ସଲାମ୍ କରୁଥିଲା । ସବୁଠାରୁ ବଳି ଏହା ଥିଲା କି ସେ ସମସ୍ତ ଲୋକଙ୍କ ଏକତ୍ରିତ ହେବାର ଉଦ୍ଦେଶ୍ୟ କେବଳ ଓ କେବଳ ପ୍ରେମ ଓ ମାନବିକ ଅଧିକାରକୁ ପ୍ରସାର କରିବାର ଥିଲା । ସେ ପୁଣି କହୁଛନ୍ତି କି ମୁଁ ଜଣେ ପତ୍ରକାର ହୋଇଥିବା ହେତୁ ମୋତେ ଶହସ୍ର ଜଲସାମାନ ଦେଖିବାର ସୁଯୋଗ ମିଳିଛି କିନ୍ତୁ ଯେଭଳି ଶାନ୍ତ ଓ ସୃଙ୍ଖଳାର ସହିତ ଇଂଲଣ୍ଡର ଜଲସା ଅନୁଷ୍ଠିତ ହେଲା ତାହା ମୁଁ ପୂର୍ବେ କୌଣସିଠାରେ ଦେଖି ନାହିଁ । ସ୍ୱେଚ୍ଛାସେବକମାନେ ଯେଉଁ ପ୍ରକାର ସ୍ନେହ ଓ ପ୍ରେମର ସହିତ ଆମକୁ ସମ୍ମାନିତ କଲେ ଓ ଆମର ପ୍ରତ୍ୟେକ ଆବଶ୍ୟକ ବସ୍ତୁର ଧ୍ୟାନ ରଖିଲେ ତାହା ମୋ ହୃଦୟ ଭିତରେ ଗଭୀର ପ୍ରଭାବ ପକାଇଛି । ପୁଣି ସେ କହୁଛନ୍ତି ଟ୍ରାଫିକ୍ କଂଟ୍ରୋଲ୍‌ର କଥା ହେଉ ବା ଗରମରୁ ମୁକ୍ତି ପାଇବା ପାଇଁ ଥଣ୍ଡା ପାନୀୟ ପିଆଇବା ହେଉ, ଛୋଟଛୋଟ ପିଲାମାନେ ବହୁତ ପରିଶ୍ରମ କରି ଏହି ଦାୟିତ୍ୱ ଗୁଡିକୁ ତୁଲାଉଥିଲେ । ଏହି ଜଲସା ମୋ ମସ୍ତିଷ୍କକୁ ବ୍ୟାପକ ରୂପେ ଉନ୍ମୁକ୍ତ କରିଦେଇଛି ଏବଂ ଏହା ମୋର ଚିନ୍ତାଧାରାକୁ ନୂତନ ଦିଗ ପ୍ରଦାନ କରିଅଛି । ଏପରି ମୋତେ ଏକ ନୂତନ ସଂସ୍କୃତି ଓ ପରମ୍ପରା ଦେଖିବାର ସୁଯୋଗ ମିଳିଲା ଯାହାକି ଫିଲପାଇନ୍‌ର ସଂସ୍କୃତିଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଥିଲା ।

ପୁଣି ୟୁନାନି ଅତିଥି ମାର୍ସିଆ ମାନ୍‌ଟେଜ୍ ସାହିବା କହୁଛନ୍ତି କି ଏହା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ଯେ ଜଲ୍‌ସାର ଅନୁଭବକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ଯାହା ୩୮ ହଜାର୍ ଲୋକଙ୍କ ଭିତରେ ଥାଇ ଆମକୁ ହାସଲ ହୋଇଛି । ଜଲ୍‌ସା ଅବସରରେ ଯେଉଁ ଦୟା ଓ ପ୍ରେମର ବ୍ୟବହାର ସମସ୍ତଙ୍କ ଠାରୁ ମିଳିଲା ଏହି ଅନୁଭବଟି ଅତ୍ୟନ୍ତ ପ୍ରଭାବପୂର୍ଣ୍ଣ ଥିଲା ଓ ଯାହା ମୋର ଆଶାକୁ ଆହୁରି ଉଚ୍ଚରୁ ଉଚ୍ଚତମ କରିଦେଲା କି ଆମ ସମସ୍ତଙ୍କ ମଧ୍ୟରେ ମତଭେଦ ଥିବା ସତ୍ୱେ କିଭଳି ମାନବିକତାର ନୁଆଯୁଗରେ ଏହା ପ୍ରବେଶ କରିବାର ଶକ୍ତି ରଖିଛି । ଯଦ୍ୱାରା ମାନବ ଜାତିର ଉନ୍ନତିର ସ୍ତର ସମ୍ଭବ ଦୃଷ୍ଟିଗୋଚର ହେଉଛି ।

ପୁଣି କାନେଡ଼ାରୁ Indigenous ଲୋକମାନଙ୍କର, ଯେଉଁମାନେ ଫାର୍ଷ୍ଟ ନେସନ୍ ବୋଲାଇଥାନ୍ତି, ସେମାନଙ୍କର ଏକ ଦଳ ଜଲସାରେ ଯୋଗ ଦେଇଥିଲା, ସେମାନେ ନିଜ ପରମ୍ପରା ମୁତାବକ ନିଜ ମୁଣ୍ଡରେ ମୁକୁଟ ପରିଧାନ କରିଥିଲେ । ସେମାନେ କବାଇଲି ଲୋକ ଥିଲେ । ସେମାନଙ୍କ ମଧ୍ୟରେ ତିନି ଗୋଟି କବିଲା (ସମ୍ପ୍ରଦାୟ) ର ମୁଖିଆ ଓ ତାଙ୍କ ଯୁବଗୋଷ୍ଠୀର ଲିଡର୍ ମଧ୍ୟ ସାମିଲ ଥିଲେ । ତାଙ୍କ ଯୁବଯୋଷ୍ଠୀର ମୁଖିଆ Max Fineday ସାହେବ୍ କହୁଛନ୍ତି କି ଆମକୁ ଖୁଦାମମାନଙ୍କ ସେବା କାର୍ଯ୍ୟ ଅତ୍ୟନ୍ତ ପ୍ରଭାବିତ କରିଛି । ଏଠାରୁ ପ୍ରତ୍ୟାବର୍ତନ କରି (କାନେଡ଼ା)ର ଅହେମଦି ଖୁଦ୍ଦାମ ଓ First Nation Youth ଙ୍କ ସହ ମିଳିତ ଭାବରେ ପ୍ରୋଗ୍ରାମ୍ କରିବୁ । ଅହେମଦି ଯୁବକମାନଙ୍କ ପରି ଶାନ୍ତି ସୃଙ୍ଖଳା ବଜାୟ ରଖିବା, ମୁଁ କୌଣସି ସମ୍ପ୍ରଦାୟରେ ଦେଖି ନାହିଁ । ଏବଂ ଯେଉଁ ପ୍ରକାରର ଅନୁଭବ ସହିତ ସେ ନିଜର କାମ କରୁଛନ୍ତି ଏହାର ଦୃଷ୍ଟାନ୍ତ ମିଳେନାହିଁ ।

(ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି):- ଖୁଦ୍ଦାମ୍ ମଧ୍ୟ ଏ କଥାକୁ ମନେରଖନ୍ତୁ ଯେ ତାଙ୍କୁ ଏହିଭଳି ଯେଉଁ ପ୍ରଶଂସା କରାଯାଇଛି ଏହାଦ୍ୱାରା ଆଗକୁ ଆହୁରି ଅଧିକ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିବା ଉଚିତ୍ ।

ତାଙ୍କର ଜଣେ ମୁଖ୍ୟ Roger Remman କହୁଛନ୍ତି କି ମୋତେ ସିଗାରେଟ୍ ପିଇବାର ଅଭ୍ୟାସ ଥିଲା । ବରଂ ତମ୍ବାଖୁ ସେବନ କରିବା ତ ଆମ ଜାତିର ପରମ୍ପରା ଅଟେ ଓ ଆମ କମ୍ୟୁନିଟିର ଲୋକେ ଏ ବିଶ୍ୱାସ ରଖିଛନ୍ତି କି ତମ୍ବାଖୁର ବ୍ୟବହାର ଆଧ୍ୟାତ୍ମିକତାର ଉନ୍ନତି ନିମନ୍ତେ ଏକ ସାଧନ । କିନ୍ତୁ ଯେତେବେଳେ ଖଲିଫା ଜମାଅତର ସଦସ୍ୟମାନଙ୍କୁ ତାହା ସେବନ କରିବାକୁ ବାରଣ କଲେ ସେତେବେଳେ ମୁଖିଆ ଜଣକ କହିଲେ ମୁଁ ମଧ୍ୟ ପ୍ରତିଜ୍ଞା କଲି କି ଜଲସା ଦିନରେ ସିଗାରେଟ୍ ସେବନ କରିବି ନାହିଁ ଏବଂ ସେ ନିଜ ପ୍ରତିଜ୍ଞା ପୂରଣ ମଧ୍ୟ କଲେ ।

(ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି):- ସୁତରାଂ ଏ କଥା ଅହେମଦୀମାନଙ୍କ ପାଇଁ ମଧ୍ୟ ଏକ ଶିକ୍ଷା ଅଟେ । ବରଂ ଜଣେ କେହି ମୋତେ କହିଛନ୍ତି ଯେ ଯେଉଁ ସବୁ ଲମ୍ବା ଲମ୍ବା ଜାହାଜର ଉଡାଣ ଦଶ ବାର ଘଂଟାର ହୋଇଥାଏ ତା ଭିତରେ ମଧ୍ୟ No Smooking Area ରହିଛି । ଫ୍ଲାଇଟ୍ ଉଡିବା ସମୟରେ ସ୍ମୋକିଂ କରିପାରିବ ନାହିଁ । ଯଦି ସେତେବେଳେ ଧୈର୍ଯ୍ୟ ରଖୁଛନ୍ତି ତେବେ ଜଲ୍‌ସାରେ ମଧ୍ୟ ଧୈର୍ଯ୍ୟ ଧରନ୍ତୁ । ଏହାର ପୁଣ୍ୟ ମଧ୍ୟ ତୁମକୁ ମିଳିବ ।

ପୁଣି ସେ ମହାଶୟ କହୁଛନ୍ତି– ଖଲିଫାଙ୍କ ଅଭିଭାଷଣ ଶୁଣିବା ଅନ୍ତେ ନିଜ ମତବ୍ୟକ୍ତ କରି କହିଲେ କି ଯଦି ଇସଲାମର ଶିକ୍ଷା ପ୍ରେମ ଓ ଶାନ୍ତି ପ୍ରତିଷ୍ଠା କରିବା ତଥା ମାନବ ଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା ଅଟେ ତେବେ ମୁଁ ନିଶ୍ଚିତ ଭାବରେ ଜଣେ ଅହେମଦି ହେବାକୁ ପସନ୍ଦ କରିବି । ପୁଣି ସେହି ମୁଖିଆ ଜଣକ କହିଲେ କି ସେ ଏହିଭଳି କୌଣସି ପ୍ରତିଶ୍ରୁତି କରିବା ପୂର୍ବରୁ ନିଜର ବୟୋଜ୍ୟେଷ୍ଠଙ୍କ ଠାରୁ ଉଦଦେଶ ନେବେ କାରଣ ଏହି ଲୋକମାନେ ନିଜର ପ୍ରଥାଗୁଡିକୁ ମଧ୍ୟ ବହୁତ ସମ୍ଭାଳି କରି ରଖିଥାନ୍ତି ।

First Nation (ସଂସ୍ଥା)ର ଜଣେ ମୁଖ୍ୟ Lee Crowchild କହୁଛନ୍ତି କି ଯେଉଁ ସମ୍ମାନ ଓ ପ୍ରେମ ଆମକୁ ଏହି ଜଲସାରେ ପ୍ରଦାନ କରାଯାଇଛି ତାହା ଆମ ଶତାବ୍ଦି ପୁରାତନ ଶିକ୍ଷା ସହ ସାମଞ୍ଜସ୍ୟ ରଖୁଛି ଯେପରି ଆମେ ପରସ୍ପର ସହ ପ୍ରେମ ଓ ଭାତୃଭାବର ସହିତ ରହିଥିଲୁ ଏବଂ ଆମର ସମସ୍ତ ଆବଶ୍ୟକତା ପୂରଣ କରାଯାଉଥିଲା । ସେ ପୁଣି କହୁଛନ୍ତି କି ମୁସଲ୍‌ମାନଙ୍କ ସମ୍ବନ୍ଧରେ ଆମେରିକାର ଲୋକମାନେ ଏକ ପ୍ରକାର ମତ ରଖୁଛନ୍ତି ଓ ଆଉ ଏକପ୍ରକାର ମତ କାନାଡାର ଲୋକମାନେ ରଖୁଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖର କଥା ଏହା କି ଆମର କିଛି ଲୋକେ ମଧ୍ୟ ମୁସଲ୍‌ମାନଙ୍କ ସମ୍ବନ୍ଧରେ ଯୁକ୍ତାତ୍ମକ ଭାବନା ରଖୁନାହାଁନ୍ତି । କିନ୍ତ ଏବେ ମୁଁ ବୁଝୁଛି ଯେ ଆମେ ନିଜେ ହେଉଛୁ ନିଜର ଶତୃ । ସେ ପୁଣି କହୁଛନ୍ତି ମୁଁ ଯାହାକିଛି ଜମାତ୍ ଅହେମଦୀୟାରେ ଦେଖିଲି ଜମାଅତ ଅହେମଦିୟାର ଲୋକେ ପରସ୍ପର ସହ ଝଗଡ଼ା କରନ୍ତି ନାହିଁ ନା ପରସ୍ପର ସହ ଯୁକ୍ତିତର୍କ କରନ୍ତି ନା ପରସ୍ପର ବିରୁଦ୍ଧରେ କୌଣସି କଥା କୁହନ୍ତି ।

(ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି):-ସୁତରାଂ ଏହା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର ଉଚ୍ଚତମ ନମୁନା ଯାହା ସେମାନଙ୍କୁ ପ୍ରଭାବିତ କରୁଅଛି ।

ସ୍ୱେନ୍‌ର ଓ୍ୱଫଦ୍‌ରେ ସାମିଲ୍ ହୋଇ ଆସିଥିବା Emilo Lopez ସାହେବ୍ କହୁଛନ୍ତି କି ମୁଁ ଏହି ଜଲ୍‌ସାରେ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ଜମାତ୍ ଅହେମଦୀୟା ସହିତ ମୋର ଗଭୀର ସମ୍ପର୍କ ରହିଛି । ଏହି ଜଲ୍‌ସା ବହୁତ ମନମୁଗ୍ଧକାରୀ ଥିଲା । ଅନ୍ୟମାନଙ୍କ ପାଇଁ ସହିଷ୍ଣୁତା, ସମ୍ମାନ ଓ ଶାନ୍ତିର ବାର୍ତା ଥିଲା । ଏହିପରି ଏଥିରେ ଅନ୍ୟଧର୍ମର ଲୋକମାନଙ୍କ ନିମନ୍ତେ ଓ ମାନବ ଜାତି ପାଇଁ ସମ୍ମାନ ମଧ୍ୟ ଏକ ନିଆରା ବାର୍ତା ଦେଉଥିଲା । ଅହେମଦୀମାନଙ୍କ ଉଦାହରଣ ହେଉଛି ଜୀବିତ ରଖିବା ପାଇଁ । କାଳେ ଏହି ସବୁ ସମ୍ମାନ ଓ ନିଷ୍ଠାକୁ ପ୍ରତ୍ୟେକ ଆପଣାଇ ନିଅନ୍ତେ ।

ପୁଣି ସ୍ୱେନ୍‌ର ଓ୍ୱଫଦ୍‌ରେ ଜଣେ ବ୍ୟକ୍ତି ଥିଲେ ଯିଏ କର୍‌ତବା ଖବରକାଗଜରେ କାମ କରୁଛନ୍ତି, ସେ କହୁଛନ୍ତି ଜଲ୍‌ସାରେ ଯୋଗଦେଇଥିବା ସମସ୍ତଙ୍କ ଚରିତ୍ରର ମଡେଲ୍ ଏବଂ ଆପଣମାନଙ୍କର ସୁଗୁଣକୁ ବର୍ଣ୍ଣନା କରିବା ହିଁ ମୋ ହେଉଛି ଗୋଟିଏ Key Point.

ପୁଣି ସ୍ୱେନ୍‌ର ଆଉଜଣେ ବ୍ୟକ୍ତି କହୁଛନ୍ତି କି ମୋତେ ଆପଣଙ୍କ ଧର୍ମ ଓ କଲ୍‌ଚର୍ ବିଷୟରେ ଗଭୀରତାର ସହିତ ଜାଣିବାକୁ ମୌକା ମିଳିଲା । ବହୁତ ସୁନ୍ଦର ଆତିଥ୍ୟତା ଥିଲା । ଏତଦ୍‌ବ୍ୟତୀତ ଭାଷଣ ଗୁଡିକ ମଧ୍ୟ ବହୁତ ହୃଦୟସ୍ପର୍ଶୀ ଥିଲା ।

ପୁଣି ସ୍ୱେନ୍‌ର ଆଉଜଣେ ସାହେବ୍ କହୁଛନ୍ତି କି ଏହି ଜଲ୍‌ସାରେ ସାମିଲ୍ ହେବା ଦ୍ୱାର ଏକଥା ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ ହୋଇଗଲା କି ପ୍ରକୃତ ଇସ୍‌ଲାମ୍ ସହିତ ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ ରକ୍ତପାତର ଦୂରରୁ ମଧ୍ୟ କୌଣସି ସମ୍ପର୍କ ନାହିଁ ।

ଜମାୟିକାର ଜଣେ ଅଣଅହେମଦି ମହିଳା ଅଓ୍ୱଡ଼ା ଏଲିଜାବେଥ ସାହେବାଃ ଜଲସାରେ ସାମିଲ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ରୋଜଗାର ନାହିଁ । ଯୁବକମାନଙ୍କୁ ରୋଜଗାର ମିଳୁନାହିଁ । ଏହିସବୁ ବିଷୟ ଯୋଗୁ ଯୁବକମାନେ ନିରୁତ୍ସାହିତ ହେଉଛନ୍ତି ।

ଏଥିରେ ଜର୍ନାଲିଷ୍ଟ ଜଣକ ପଚାରିଲେ କି ଏହା କଣ ଏକ ପ୍ରକାର ବ୍ରେନ୍ ୱାସିଂ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କେବଳ ମୁସଲ୍‌ମାନ୍ ନୁହଁନ୍ତି, ବରଂ ୟୁରୋପ୍‌ର ବାସିନ୍ଦା, ଡଚ୍, ଜର୍ମାନ୍, ବେଲ୍‌ଜିୟମ୍ ଏବଂ ବ୍ରିଟିଶ୍ ମଧ୍ୟ ରେଡିକାଲାଇଜ୍ ହେଉଛନ୍ତି ଓ ଏହା ମଧ୍ୟ କୁହାଯାଉଛି କି ଏମାନେ ଯେତେବେଳେ ଆଇ.ଏସ୍. ଆଇ. ଏସ୍ ସହିତ ମିଶି ଯୁଦ୍ଧ କରିବାକୁ ଯାଉଛନ୍ତି ଏମାନେ ବହୁତ ଆକ୍ରମଣାତ୍ମକ କାରବାଇ କରୁଛନ୍ତି ଓ ଏହି ୟୁରୋପୀୟ ଲୋକମାନେ ଏସିଆ ଦେଶର ଲୋକମାନଙ୍କ ଠାରୁ ଅଧିକ ହିଂସ୍ର । ଏହାର ଅର୍ଥ ହେଉଛି କି ଆପଣଙ୍କ ସ୍ଥାନୀୟ ଲୋକମାନଙ୍କ ଭିତରେ ନିରାଶା ଖେଳିଯାଇଛି ।

ଜର୍ନାଲିଷ୍ଟ ଜଣକ ପ୍ରଶ୍ନ କଲେ କି ଆପଣ ତ ଶାନ୍ତିର ବାର୍ତ୍ତା ଦେଉଛନ୍ତି । ପବିତ୍ର କୋରାନ୍ ହେଉଛି ଏକ ଶାନ୍ତି ପୁସ୍ତକ । (କିନ୍ତୁ) ପବିତ୍ର କୋରାନ୍‌ରେ ଲେଖାହୋଇଛି କି ତରବାରି ଦ୍ୱାରା ଯୁଦ୍ଧ କରିବା ବୈଧ ଅଟେ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ପବିତ୍ର କୋରାନ୍‌ରେ ୧୯୦ଟି ଏପରି ଆୟତ ଅଛନ୍ତି ଯେଉଁଗୁଡିକ ଜିହାଦ୍ ପ୍ରସଙ୍ଗରେ ରହିଛନ୍ତି ଏବଂ ବାଇବେଲ୍ ଓ ତୌରାତ୍‌ରେ ୫୫୦ ଗୋଟି ଆୟତ ଏପରି ଅଛନ୍ତି ଯାହାସବୁ ଯୁଦ୍ଧ ପ୍ରସଙ୍ଗରେ ଅଛନ୍ତି ଅର୍ଥାତ୍ ଅନ୍ୟମାନଙ୍କୁ ମାର ଓ ଯୁଦ୍ଧକର ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ପବିତ୍ର କୋରାନ୍ ଯେବେ ଜିହାଦ୍ କଥା କହୁଛି ସେତେବେଳେ ତତ୍‌ସହିତ ସେ ଏହାର ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରୁଛି, ସେହିପରି ସର୍ତ୍ତାବଳୀଗୁଡିକ ମଧ୍ୟ ବର୍ଣ୍ଣନା କରିଛି କି କେଉଁକେଉଁ ସର୍ତ୍ତକୁ ଦୃଷ୍ଟି ଆଗରେ ରଖି ଜିହାଦ୍ କରାଯାଇପାରେ ।

ଏବେ ଦେଖନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଦଶବର୍ଷ ମକାରେ ରହିଲେ । ଭୀଷଣ ଦୁଖ ଓ କଷ୍ଟ ଉଠାଇଲେ । (ଏହାସତ୍ତ୍ୱେ ମଧ୍ୟ) ଆପଣ ସ:ଆ:ସ କୌଣସି ପ୍ରକାର ପ୍ରତିରକ୍ଷା ମୂଳକ (ଯୁଦ୍ଧ) କରିନାହାଁନ୍ତି । ଏହାପରେ ଆପଣ ସ:ଆ:ସ ମଦିନା ହିଜ୍‌ରତ୍ କଲେ । ବର୍ଷେ ଦେଢ଼ବର୍ଷ ପରେ ମକା ନିବାସୀ ସେଠାରେ ଯାଇ ଆକ୍ରମଣ କଲେ । ତା ପରେ ଯାଇ ଆପଣ ସ:ଆ:ସଙ୍କୁ ନିଜର ପ୍ରତିରକ୍ଷା କରିବା ନିମନ୍ତେ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଗଲା ଓ ଅନୁମତି ଦେଇ ଅଲ୍ଲାଃତାଲା କହିଲେ କି ଯଦି ଯୁଦ୍ଧର ଅନୁମତି ନ ଦିଆଯାଇଥାଆନ୍ତା ତେବେ ମସ୍‌ଜିଦ୍ ବ୍ୟତୀତ ଗିର୍ଜା, କଲିସିୟା, ମନ୍ଦିର ଓ ଉପାସନା ପୀଠ ଗୁଡିକ ମଧ୍ୟ ଅତ୍ୟନ୍ତ ବିପଦର ସମ୍ମୁଖୀନ ହୋଇଥାଆନ୍ତେ ଅର୍ଥାତ୍ ସୁରକ୍ଷିତ ନଥାନ୍ତେ ।

ସୁତରାଂ ଯେଉଁଠି ଅଲ୍ଲାଃତାଲା ଶକ୍ତି ବ୍ୟବହାର କରିବା ପାଇଁ ଅନୁମତି ଦେଇଛନ୍ତି ସେଠି କେବଳ ଇସ୍‌ଲାମ୍‌ର ସୁରକ୍ଷା ନିମନ୍ତେ ନୁହେଁ ବରଂ ସମସ୍ତ ଧର୍ମର ସୁରକ୍ଷା ଓ ସମସ୍ତ ଧର୍ମ ପୀଠ ଗୁଡିକୁ ସୁରକ୍ଷା ଦେବାପାଇଁ ପ୍ରଦାନ କରିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଯେବେ ନିଜ ପ୍ରତିରକ୍ଷା ନିମନ୍ତେ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଗଲା ତେବେ ସେଥିରେ ବହୁତ ଗୁଡିଏ ସର୍ତ ମଧ୍ୟ ରଖିଦିଆଗଲା । ଉଦାହରଣ ସ୍ୱରୂପ- କଏଦୀ ମାନଙ୍କୁ କ୍ରୀତଦାସ କରି ରଖନାହିଁ, ସେମାନଙ୍କୁ ସ୍ୱାଧୀନ କରିଦିଅ, ତାଙ୍କଠାରୁ ଫିଦିଆ (ଜୋରିମନା ଅର୍ଥ) ନେଇ ସ୍ୱାଧୀନ କରିଦିଅ । ପିଲା, ମହିଳା ଓ ବୃଦ୍ଧ ବ୍ୟକ୍ତିମାନଙ୍କୁ ହତ୍ୟା କରନାହିଁ । ପାଦ୍ରୀ ଏବଂ ଧର୍ମଗୁରୁମାନଙ୍କୁ ମାରନାହିଁ । ଉପାସନାପୀଠ ଗୁଡିକ ଧ୍ୱଂସ କରନାହିଁ । ଏହିଭଳି ଆହୁରି ଅନେକ ସର୍ତାବଳୀ ଯୁଦ୍ଧପାଇଁ ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଏବଂ ଆପଣ ସ:ଆ:ସଙ୍କ ଖଲିଫା ସମୟରେ ଉକ୍ତ ସମସ୍ତ ସର୍ତାବଳୀ ଗୁଡିକୁ ଧ୍ୟାନ ଦିଆଯାଇ ଯୁଦ୍ଧ ହେଉଥିଲା ଏବଂ ମୁସଲ୍‌ମାନମାନେ ନିଜର ପ୍ରତିରକ୍ଷା କଲେ ଓ ଉକ୍ତ ସମସ୍ତ ଜିନିଷ ଗୁଡିକୁ ଧ୍ୱଂସ କରାଗଲାନାହିଁ । କିନ୍ତୁ ଏବେ ଆଜିକାଲିର ଯେଉଁ ସନ୍ତ୍ରାସବାଦ ସଂଗଠନ ଗୁଡିକ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରୁଛନ୍ତି ଓ ପୁରାତନ ଧାର୍ମିକ ପୀଠଗୁଡିକୁ ଭାଙ୍ଗି ଦେଉଛନ୍ତି । ଯଦି ଏହିଭଳି ଉପାସନା ପୀଠଗୁଡିକୁ ଭାଙ୍ଗିଦେବା ଉଚିତ୍ ହୋଇଥାଆନ୍ତା ତେବେ ଆଁ ହଜ୍‌ରତ୍ ସ:ଆ:ସ ଓ ଆପଣଙ୍କ ଖଲିଫାମାନେ ଭାଙ୍ଗିନଥାନ୍ତେ ? ସୁତରାଂ ବର୍ତମାନ ଏହି ସନ୍ତ୍ରାସବାଦ ଗୋଷ୍ଠୀ ସମୂହ, ଯେଉଁମାନେ ଯୁଦ୍ଧ ଲଢୁଛନ୍ତି, ନା ତ ସେମାନଙ୍କର ଇସ୍‌ଲାମ୍ ସହିତ କିଛି ସମ୍ପର୍କ ଅଛି ନା ଇସ୍‌ଲାମ୍‌ର ଜିହାଦ୍ ସହିତ କିଛି ସମ୍ପର୍କ ଓ ନା ଇସ୍‌ଲାମ୍‌ର ଶିକ୍ଷା ସହିତ ସମ୍ପର୍କ । ଯାହାକିଛି ହେଉଅଛି ତାହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଶିକ୍ଷାର ବିପରୀତ ହେଉଅଛି ।

ଜର୍ନାଲିଷ୍ଟ ଜଣକ ପଚାରିଲେ କି ଆପଣ ତ ଶାନ୍ତି କଥା କହୁଛନ୍ତି ଓ ଇସ୍‌ଲାମ୍‌ର ବାର୍ତା ପହଂଚାଉଛନ୍ତି, ତବ୍‌ଲିଗ୍ କରୁଛନ୍ତି । କଣ ଆପଣଙ୍କୁ ବିରୋଧିମାନଙ୍କ ତରଫରୁ କିଛି ବିପଦ ଅଛି, କଣ ଆପଣଙ୍କୁ ମଧ୍ୟ ଟାର୍ଗେଟ୍ କରାଯାଉଛି, କଣ ଆପଣଙ୍କୁ ଏହାଦ୍ୱାରା ଭୟ ଲାଗୁଛି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯଦି ମୁଁ ହେଉଛି ଟାର୍ଗେଟ୍, ମୁଁ ଯଦି ଭୟ କରୁଥାଏ ତେବେ ପୁଣି ଏହି ସବୁ କାମ ଜାରି ରଖିପାରିନଥାନ୍ତି । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପ୍ରତ୍ୟେକ ଅହେମଦୀ ହେଉଛନ୍ତି ଟାର୍ଗେଟ୍ । ପାକିସ୍ତାନ୍‌ରେ ତ କାନୁନ୍ ବନାହୋଇଛି କି ଅହେମଦୀମାନେ ନମାଜ ପଢ଼ିପାରିବେ ନାହିଁ, ନିଜର ମସ୍‌ଜିଦ୍ ନିର୍ମାଣ କରିପାରିବେ ନାହିଁ, ମସ୍‌ଜିଦ୍‌ରେ ଆସି ନମାଜ ପଢ଼ିପାରିବେ ନାହିଁ, କଲ୍‌ମା ତୈଅବା ଲା ଇଲାହା ଇଲ୍ଲଲ୍‌ଲାହୋ ମୁହମ୍ମଦୁର ରସୁଲୁଲ୍ଲାଃ ପଢ଼ିପାରିବେ ନାହିଁ । ସେଠି ଆମ ମସ୍‌ଜିଦ୍ ଗୁଡିକୁ ଭାଙ୍ଗିଦେଉଛନ୍ତି । ମସ୍‌ଜିଦ୍‌ର ମିନାରା ଗୁଡିକୁ ଭାଙ୍ଗି ତଳେ ପକାଇଦେଉଛନ୍ତି । ଆମେ ଲୋକମାନଙ୍କୁ ଭାଙ୍ଗିବା ପାଇଁ ଇଜାଜତ୍ ତ ଦେଉନାହୁଁ କିନ୍ତୁ ଯଦି ସରକାର ନିଜେ ଭାଙ୍ଗିବେ ତେବେ ଆମେ ରୋକିପାରିବୁ ନାହିଁ ।

ଇଣ୍ଡୋନେସିଆରେ ମଧ୍ୟ ତିନିଜଣ ଅହେମଦୀଙ୍କୁ ନିର୍ମମ ଭାବେ ଅତ୍ୟାଚାର କରି ମାରିଦିଆଗଲା । ଇଣ୍ଡୋନେସିଆରେ ମଧ୍ୟ ଆମ ବିରୋଧିମାନେ ଅଛନ୍ତି । କିନ୍ତୁ ସେମାନଙ୍କର ବିରୋଧପୂର୍ଣ୍ଣ କାର୍ଯ୍ୟକଳାପ ଓ ଅତ୍ୟାଚାର ଦ୍ୱାରା ଆମ କାର୍ଯ୍ୟରେ କୌଣସି ଫରକ ପଡୁନାହିଁ । ଆମେ ଆମର ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଚେଷ୍ଟା ଚଳାଇଛୁ । ଯଦି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଟାର୍ଗେଟ୍‌ରେ ଅଛନ୍ତି ତେବେ ମୋତେ ଡରିବା ବା ଭୟଭୀତ ହେବାର କଣ ଆବଶ୍ୟକ ଅଛି । ଆମେ ନିଜର ମିଶନ୍‌କୁ ଜାରି ରଖିଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆଁ ହଜ୍‌ରତ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ କି ଏପରି ଏକ ସମୟ ଆସିବ ଯେବେ ଇସ୍‌ଲାମ୍‌ର ଶିକ୍ଷାକୁ ଭୁଲାଇ ଦିଆଯିବ । ଇସ୍‌ଲାମ୍‌ର କେବଳ ନାମ ହିଁ ବାକି ରହିଯିବ । ତେବେ ସେହି ସମୟରେ ଅଲ୍ଲାଃତାଲା ମୁସଲ୍‌ମାନ୍ ମାନଙ୍କ ହିଦାୟତ୍ ନିମନ୍ତେ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀଙ୍କୁ ପ୍ରେରଣ କରିବେ । ଆମର ଏ ବିଶ୍ୱାସ କି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ଉକ୍ତ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଅଟନ୍ତି ଓ ସେ ଏହାର ଦାବୀ ମଧ୍ୟ କରିଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଯେଉଁ ମସିହ୍ ଓ ମେହ୍‌ଦୀଙ୍କ ଆବିର୍ଭାବ ହେବାର ଥିଲା ସେ ହେଉଛି ମୁଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ବିରୋଧିମାନଙ୍କ ଟାର୍ଗେଟ୍ ହୋଇଛନ୍ତି । ଆପଣ ଆ:ସଙ୍କ ବିରୋଧରେ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରାଯାଇଥିଲା । ହତ୍ୟା କରିବା ପାଇଁ ଫତ୍‌ୱା ଦିଆଯାଇଥିଲା । ଆପଣ ଆ:ସଙ୍କ ବିରୋଧରେ ମୋକଦ୍ଦମା କରାଯାଇଥିଲା । କିଛି ମୋକଦ୍ଦମା ତ ଏପରି ଥିଲା କି ସେଥିରେ ମୃତ୍ୟୁ ଦଣ୍ଡ ମଧ୍ୟ ଦିଆଯାଇପାରିଥାଆନ୍ତା । ଯଦି ଏହି ସବୁ କାରଣ ଯୋଗୁ ଆପଣ ଆ:ସ ବିପଦ ଅନୁଭବ କରିଥାଆନ୍ତେ ଓ ଆପଣ ଆ:ସ କୌଣସି ପ୍ରକାରେ ଭୟ ରଖିଥାଆନ୍ତେ ତେବେ ଆପଣ ଆ:ସ କାମ କରିପାରିନଥାନ୍ତେ । କିନ୍ତୁ ଆପଣ ଆ:ସ ନିର୍ଭିକ ଭାବେ କୌଣସି ପ୍ରଭାରର ଭୟକୁ ଖାତିର୍ ନକରି ନିଜ ଉପରେ ନ୍ୟସ୍ତ ଥିବା ଧାର୍ଯ୍ୟ କାର୍ଯ୍ୟଗୁଡିକୁ ସମ୍ପାଦନ କଲେ ଓ କୌଣସି ବିପଦକୁ ପରବାୟ କଲେନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ହେଉଛୁ ଇସ୍‌ଲାମ୍‌ର ସେହି ସିପାହୀ ଯିଏ ଶାନ୍ତି ସ୍ଥାପନ ନିମନ୍ତେ ଲଢୁଛନ୍ତି । ଯଦି ସିପାହୀମାନଙ୍କୁ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ଭୟ ଘାରିବ ତେବେ ସେ ଲଢ଼ିପାରିବେ ନାହିଁ । ସୁତରାଂ ଆମକୁ ଯଦି ଲଢ଼ିବାକୁ ହେବ ତେବେ ମୃତ୍ୟୁର ଭୟ ବିନା କିନ୍ତୁ ତରବାରି ସହିତ ନୁହଁ, କୌଣସି ଅସ୍ତ୍ରଶସ୍ତ୍ର ସହିତ ନୁହେଁ ବରଂ ଇସ୍‌ଲାମ୍‌ର ସତ୍ୟତା ଓ ବାସ୍ତବିକ ଶିକ୍ଷାକୁ ନେଇ ଏବଂ ଏହି ଶିକ୍ଷାକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଂଚାଇ ଶାନ୍ତି ସ୍ଥାପନ କରିବା ନିମନ୍ତେ ଚେଷ୍ଟିତ ।

ଜର୍ନାଲିଷ୍ଟ ଜଣକ ପଚାରିଲେ କି ଆପଣଙ୍କୁ ମିଡ଼ିଆରେ କମ୍ କଭରେଜ୍ ମିଳୁଛି । (କିନ୍ତୁ) ଯେଉଁ ଲୋକମାନେ ଘୃଣା ପ୍ରସାର କରୁଛନ୍ତି ସେମାନଙ୍କୁ ଅଧିକା କଭରେଜ୍ ମିଳୁଛି । ଏ ସମ୍ବନ୍ଧରେ ଆପଣଙ୍କର ଧାରଣା କଣ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ମିଡ଼ିଆରେ ତ ଏପରି ଆର୍ଟିକିଲ୍ ଆସୁଛି ଯାହା ଲୋକମାନଙ୍କ ପାଇଁ ମନୋରଞ୍ଜନ ହେବ । ଯଦି ମୁସଲ୍‌ମାନ୍‌ମାନଙ୍କ ମଧ୍ୟରୁ ୧୦ଜଣ ସିରିଆ ଚାଲିଯିବେ ଏବଂ ଆଇ.ଏସ୍ ସହିତ ସାମିଲ୍ ହୋଇଯିବେ ତେବେ ବଡ ବଡ ହେଡ୍‌ଲାଇନ୍ ସହିତ ପୁରା ପୃଷ୍ଠାଟି ଖବରରେ ଭରିଯାଉଛି ଓ ଅନ୍ୟପଟେ ଯେବେ ଲକ୍ଷ୍ୟ ଲକ୍ଷ୍ୟ ଲୋକେ ଶାନ୍ତି, ପ୍ରେମ ଓ ଭଲପାଇବାର ଶିକ୍ଷାକୁ ଗ୍ରହଣ କରି ଜମାତ୍ ଅହେମଦୀୟାରେ ସାମିଲ୍ ହେଉଛନ୍ତି ତେବେ ଆପଣମାନେ ଏହି ଖବରକୁ ଦେବେନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁ ଲୋକମାନେ Radicalize ହେଉଛନ୍ତି ତାଙ୍କଠାରୁ ଅନେକ ଗୁଣା ଅଧିକା ଶାନ୍ତି ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଆଡକୁ ଲୋକେ ଆସୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହା ଯାହାକିଛି ବି ହେଉଅଛି ସେଥିରେ ଯଦି ମୁଁ ନିରାଶ ହୁଅନ୍ତି ତେବେ କାମ କରିପାରନ୍ତି ନାହିଁ । ଏହି ସବୁ କାରଣ ଯୋଗୁ ମୁଁ ଇଶ୍ୱରଙ୍କ ନିକଟରେ ଅଧିକ ନତମସ୍ତକ ହେଉଛି । କାରଣ ଇଶ୍ୱର ନିଜ ସୃଷ୍ଟଜଙ୍କ ସହିତ ପ୍ରେମ ସୃଷ୍ଟି କରୁଅଛି । ଇଶ୍ୱର ଏ ସଂସାରକୁ ସୃଷ୍ଟି କରିଛନ୍ତି ଏବଂ ଆମେ ତାର ବାର୍ତାକୁ ଆଗକୁ ପହଂଚାଇ ଚାଲିଛୁ । ଇଶ୍ୱର ନିଜ ବାର୍ତାବହମାନଙ୍କୁ ପସନ୍ଦ କରିଥାଏ । ସେ ହେଉଛି ରବ୍‌ବୁଲ୍ ଆଲମିନ୍ ଓ ସମଗ୍ର ସଂସାର ନିମନ୍ତେ କରୁଣାମୟ । ଇଶ୍ୱର ନିଜ ପ୍ରିୟ ଭକ୍ତଙ୍କ ନିମନ୍ତେ, ଯେଉଁମାନେ ତାର ବାର୍ତାକୁ ପହଂଚାଉଛନ୍ତି, ତାଙ୍କ ଉପରେ କରୁଣା କରୁଛନ୍ତି । ତେବେ ସେ କିପରି ନିଜର ସେହି ଭକ୍ତମାନଙ୍କୁ ନିଃଶେଷ କରିଦେବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ତେଣୁ ଇଶ୍ୱରଙ୍କ ନିକଟରେ ନତମସ୍ତକ ହୁଅ, ନିଜର ଦାୟିତ୍ୱ ଗୁଡିକୁ ତୁଲାଓ ଓ ଇଶ୍ୱରଙ୍କ ହକ୍‌କୁ ପ୍ରଦାନ କର ଓ ଲୋକମାନଙ୍କୁ ହକ୍‌କୁ ମଧ୍ୟ ପ୍ରଦାନ କର ଓ ମାନବଜାତିର ସେବା କର ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କାଦିଆନ୍ ନାମକ ଏକ ଛୋଟ ଗ୍ରାମରେ ଜନ୍ମ ହେଲେ ଓ ସେଠାରୁ ହିଁ ଆପଣ ଆ:ସ ମସିହ୍ ଓ ମେହ୍‌ଦୀ ହେବାର ଦାବୀ କଲେ । ସେତେବେଳେ ଆପଣ ଏକୁଟିଆ ଥିଲେ । କିନ୍ତୁ ଯେତେବେଳେ ଆପଣ ଆ:ସଙ୍କ ଦେହାନ୍ତ ହେଲା ସେତେବେଳେ ଆପଣ ଆ:ସଙ୍କ ଅନୁଗାମୀଙ୍କ ସଂଖ୍ୟା ଅର୍ଦ୍ଧ ମିଲିୟନ୍ ହୋଇସାରିଥିଲା । ଏବେ ଇଶ୍ୱରଙ୍କ କରୁଣାରୁ ଅହେମଦୀୟତ୍ ୨୦୭ ଗୋଟି ଦେଶରୁ ବ୍ୟାପିସାରିଛି । ଆଫ୍ରିକୀୟ ଦେଶଗୁଡିକରେ ଆମର ସଂଖ୍ୟା ହେଉଛି ମିଲିୟନ୍ ମିଲିୟନ୍ । ପାକିସ୍ତାନ୍‌ରେ ଯେଉଁଠି ଆମକୁ ଅତ୍ୟାଚାର କରାଯାଉଛି ସେଠାରେ ମଧ୍ୟ ଆମେ ମିଲିୟନ୍ ସଂଖ୍ୟାରେ ଅଛୁ । ଆରବ ଦେଶଗୁଡିକରେ ମଧ୍ୟ ହଜାର ହଜାର ସଂଖ୍ୟକ ଅଛନ୍ତି । ପ୍ରତ୍ୟେକ ବର୍ଷ ବହୁ ସଂଖ୍ୟକ ଆରବୀୟ ଜମାତ୍ ଅହେମଦୀୟାରେ ସାମିଲ୍ ହେଉଛନ୍ତି ଓ ଯେଉଁ ଲୋକମାନେ ସାରା ଦୁନିଆରୁ ଜମାତ୍ ଅହେମଦୀୟାରେ ଦାଖଲ ହେଉଛନ୍ତି ସେମାନେ ଆମର ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଓ ସ୍ନେହ ଓ ପ୍ରେମର ବାର୍ତା ଏବଂ ଆମ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ହିଁ ଜମାତ୍ ଅହେମଦୀୟାରେ ସାମିଲ୍ ହେଉଛନ୍ତି ।

ଜର୍ନାଲିଷ୍ଟ ଜଣକ ପୁଣି ଏହା ପଚାରିଲେ କି ଯେଉଁ ଲୋକମାନେ ଆପଣଙ୍କୁ ଗ୍ରହଣ କରୁଛନ୍ତି କଣ ସେମାନେ ସନ୍ତ୍ରାସବାଦର ପ୍ରତିକ୍ରିୟାରେ ଗ୍ରହଣ କରୁଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ହଁ ଏହା ମଧ୍ୟ ଗୋଟିଏ କାରଣ ହୋଇପାରେ । ଦ୍ୱିତୀୟତଃ ଏହାକି ଅନେକ ଲୋକେ ଆମକୁ କହୁଛନ୍ତି ଯେ ଆପଣମାନେ ହିଁ ଇସ୍‌ଲାମ୍‌ର ସଚ୍ଚା ଓ ପ୍ରକୃତ ବାର୍ତାକୁ (ଲୋକମାନଙ୍କ ନିକଟରେ) ପହଂଚାଉଛନ୍ତି । ଲୋକମାନେ ଶାନ୍ତି, ପ୍ରେମ, ସୁଲାହ୍ ଓ ଅହେମଦୀ ମାନଙ୍କ ଚାଲିଚଳଣ ଓ ଶିକ୍ଷାକୁ ଦେଖି ବୟତ କରୁଛନ୍ତି ।

ଜର୍ନାଲିଷ୍ଟ ଜଣକ ଶେଷ ପ୍ରଶ୍ନ ପଚାରିଲେ କି କଣ ଆଜି ଆପଣ Almere ଠାରେ ଫଙ୍କ୍‌ସନ୍ କରିବେ । ଇସ୍‌ଲାମ ବିରୋଧି ଯେଉଁ

ସଂଗଠନ ଗୁଡିକ ଅଛନ୍ତି ସେଠାରେ ସେମାନଙ୍କୁ ବହୁତ ସମର୍ଥନ ରହିଛି । ଏ ସମ୍ବନ୍ଧରେ ଆପଣଙ୍କର କଣ ମତ ରହିଛି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବୋଧହୁଏ ସେଠାରେ ପଲିଟିସିଆନ୍‌ଙ୍କ ତରଫରୁ ବିରୋଧ ହେଉଛି, ପବ୍ଲିକ୍‌ଙ୍କ ତରଫରୁ ନୁହେଁ । ସାଧାରଣ ଲୋକେ ଠିକ୍ ରୂପେ ବୁଝିଛନ୍ତି କି ଆମେ କିଏ ?

ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ (ଯଦି) କିଛି କଥା କହିବି ତେବେ ସେମାନେ ବଝିଯିବେ କି ଆମେ କିଏ । ସେମାନଙ୍କୁ ଆହୁରି ଏକଥା ମଧ୍ୟ ବୁଝା ପଡ଼ିଯିବ ଯେବେ ମୁଁ ତାଙ୍କୁ ବତାଇବି କି ମସ୍‌ଜିଦ୍‌ର ବାସ୍ତବିକତା କଣ ଓ ଉଦ୍ଦେଶ୍ୟ କଣ ।

ଏହି ଇଂଟରଭ୍ୟୁ ଦିନ ୧:୨୦ରେ ଶେଷ ହେଲା । ଶେଷରେ ଜର୍ନାଲିଷ୍ଟ୍ ଜଣକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଇଂଟରଭ୍ୟୁର ପରିସମାପ୍ତିରେ ପ୍ରୋଗ୍ରାମ୍ ମୁତାବକ ପୁନର୍ବାର ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ଆରମ୍ଭ ହେଲା ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ଆଜି ୨୨ଟି ଫ୍ୟାମିଲି ଏବଂ ୨୦ଜଣ ଜଣକିଆ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପ୍ରତ୍ୟେକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ପୁଅଝିଅ ମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୨:୨୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ନମାଜ ଜୋହର୍ ଏବଂ ଅସର ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଭିତିପ୍ରସ୍ତର ସ୍ଥାପନ ଉତ୍ସବ**

ଆଜି ପ୍ରୋଗ୍ରାମ୍ ମୁତାବକ Almere ସହରଠାରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଭିତିପ୍ରସ୍ତର ସ୍ଥାପନର ଉତ୍ସବ ଅନୁଷ୍ଠିତ ହେବାର ପ୍ରୋଗ୍ରାମ୍ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ୩:୪୫ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ। ଓ ନନ୍‌ସ୍ପିଟ୍‌ଠାରୁ Almere ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା । ନନ୍‌ସ୍ପିଟ୍‌ଠାରୁ ଅଲ୍‌ମେରେ ସହରର ଦୂରତା ହେଉଛି ୫୦କି.ମି । ୫୦ମିନିଟ୍ ଯାତ୍ରା କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅଲ୍‌ମେରେ ସହରରେ ପହଂଚିଲେ ।

ଅଲ୍‌ମେରେ ସହରଟି Fevoland ପ୍ରଦେଶରେ ଅବସ୍ଥିତ । ଏହି ସହରକୁ ୧୯୭୧ ମସିହାରେ ସମୁଦ୍ରର ଗୋଟିଏ ଭାଗକୁ ଶୁଖାଇ ନିର୍ମାଣ କରାଯାଇଥିଲା । ୪୪ବର୍ଷ ପୂର୍ବେ ଏଠାରେ କେବଳ ସମୁଦ୍ର ଥିଲା ଓ ଆଜି ଏହା ଏକ ସୁନ୍ଦର ସହରରେ ପରିଣତ ହୋଇସାରିଛି । ଏହି ସହରଟି ୧ଲକ୍ଷ ୮୪ହଜାର୍ ଲୋକଙ୍କ ଦ୍ୱାରା ପରିପୂର୍ଣ୍ଣ ।

ଏଠି Lelysted ର ଇଲାକାରେ ୨୦୦୭ ମସିହାରେ ଜମାତ୍ ସ୍ଥାପନ ହୋଇଥିଲା ଓ ବର୍ତମାନ ଏଠି ଜମାତ୍‌କୁ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଉଅଛି ।

ମସ୍‌ଜିଦ୍ ପାଇଁ ଥିବା ଏହି ଯାଗାଟିର କ୍ଷେତ୍ରଫଳ ହେଉଛି ୧୮୩୫ସ୍କୋୟାର୍‌ମିଟର୍ । ଏହି ଜମି ଖଣ୍ଡଟିକୁ ୨ଲକ୍ଷ ୭୬ହଜାର୍‌ରେ କିଣା ଯାଇଛି । ଏଠାରେ ଦୁଇମହଲା ବିଶିଷ୍ଟ ମସ୍‌ଜିଦ୍ ନିର୍ମାଣ ହେବ । ଯେଉଁ ସ୍ଥାନରେ ନିର୍ମାଣ ହେବ ତାହାର କ୍ଷେତ୍ରଫଳ ହେଉଛି ୬୩୪ସ୍କୋୟାର୍ ମିଟର୍ । ମିନାରାର ଉଚ୍ଚତା ୧୮.୫ମିଟର । ମସ୍‌ଜିଦ୍‌ରେ ଦେଢ଼ଶହ ଲୋକେ ନମାଜ ପଢ଼ିପାରିବେ ଓ ମସ୍‌ଜିଦ୍ ସହିତ ସଂଲଗ୍ନ ହଲ୍‌ରେ ୧୦୦ ଲୋକ ନମାଜ ପଢ଼ିପାରିବେ । ଏହିପରି ସର୍ବମୋଟ ୨୫୦ଲୋକେ ନମାଜ ପଢ଼ିବା ପାଇଁ ଯାଗା ହେବ ।

ମସ୍‌ଜିଦ୍ ସହିତ ସଂଲଗ୍ନ ଜମାତି ମିଶନ୍ ହାଉସ୍ ଓ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯିବ । ଅଲ୍‌ମେରେ ସହରରେ ପ୍ରବେଶ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗାଡ଼ି ଯେଉଁକ୍ଷଣି ଉକ୍ତ ଯାଗାରେ ପହଂଚିଲା ସେତେବେଳେ ଜମାତ୍‌ର ସଦସ୍ୟଗଣ ବହୁତ ଉତ୍ସାହିତ ହୋଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇ ଓ୍ୱେଲ୍‌କମ୍ କଲେ ।

ଆଲ୍‌ମେରେର ସ୍ଥାନୀୟ ସଦର୍ ଜମାତ୍ ମୋକରମ୍ ମେହ୍‌ବୁବ୍ ଅହେମଦ୍ ରାଞ୍ଝା ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ସ୍ୱାଗତ ଜଣାଇଲେ ଓ କରମର୍ଦନ କଲେ । ଏହି ଅବସରରେ ଅଲ୍‌ମେରେ ସହରର ସ୍ଥାନୀୟ ମେୟର୍ Dhr. F.Huis ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇ କରମର୍ଦ୍ଦନ କଲେ ।

ଭିତିସ୍ଥାପନ ଉତ୍ସବ ନିମନ୍ତେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅଲଗା ଅଲଗା ଟେଂଟ୍ ଲଗାଯାଇଥିଲା । ଆଜିର ଏହି ଉତ୍ସବରେ ଯୋଗଦେବା ପାଇଁ ବହୁ ସଂଖ୍ୟକ ଅତିଥିମାନେ ସାମିଲ୍ ହେଉଥିଲେ । ସାମିଲ୍ ହୋଇଥିବା ଅତିଥିମାନଙ୍କର ମୋଟ ସଂଖ୍ୟା ୧୦୨ଥିଲା । ସେମାନଙ୍କ ମଧ୍ୟରେ ଅଲ୍‌ମେରେ ସହରର ସ୍ଥାନୀୟ ମେୟର୍, ଜଜ୍ ସାହେବ୍, ଓକିଲଗଣ, ଡାକ୍ତରମାନେ, ଆର୍କିଟେକ୍‌ସ, ଧର୍ମଗୁରୁ ଏବଂ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଅତିଥିଗଣ ସାମିଲ୍ ହୋଇଥିଲେ । ଏତଦ୍‌ବ୍ୟତୀତ ଅଲ୍‌ବାନିଆ ମୋଂଟେନ୍‌ଗ୍ରୋ, କ୍ରୋରୋସିଆ, ସ୍ୱୀଡେନ୍, ସ୍ପେନ୍ ଏବଂ ସୁଇଜରଲାଣ୍ଡରୁ ଆସି ପାର୍ଲିଆମେଂଟ୍‌ର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମଧ୍ୟ ଆଜିକାର ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ସାମିଲ୍ ହୋଇଥିଲେ ।

ଆଜିର ଏହି ଉତ୍ସବ ଏ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୁର୍ଣ୍ଣ ଥିଲା କି ଆଜିଠାରୁ ଷାଠିଏ ବର୍ଷ ପୂର୍ବେ ୧୯୫୫ ମସିହାରେ ହଲାଣ୍ଡ୍‌ର ଭୂମିରେ ଜମାତ୍ ଅହେମଦୀୟାର ପ୍ରଥମ ମସ୍‌ଜିଦ୍ ''ମସ୍‌ଜିଦ୍ ମୁବାରକ୍'' ଡେନ୍ ହେଗ୍‌ଠାରେ ନିର୍ମାଣ ହୋଇଥିଲା ଏବଂ ଆଜି ଷାଠିଏ ବର୍ଷ ପରେ ଅଲ୍‌ମେରେ ସହରରେ ଜମାତ୍‌ର ଦ୍ୱିତୀୟ ମସ୍‌ଜିଦ୍‌ର ଭିତିପ୍ରସ୍ତର ରଖାଯାଉଅଛି ।

ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥି ଟେଂଟ୍ ଭିତରେ ନିଜ ନିଜ ଆସନ ଅଲଙ୍କୃତ କରିସାରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରେ ଥିବା ଷ୍ଟେଜ୍‌ରେ ପଦାର୍ପଣ କଲେ ଓ ଏହି ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠଦ୍ୱାରା ହେଲା ଯାହାକୁ ମୋକରମ୍ ଅଇମନ୍ ଅଓଦାଃ ସାହେବ୍ ପାଠ କଲେ ଓ ଏହାର ଡଚ୍ ଭାଷାରେ ଅନୁବାଦ ଡାକ୍ତର ଜୁବେର୍ ଅକ୍‌ମଲ୍ ସାହେବ୍ ପଢ଼ି ଶୁଣାଇଲେ । ଏହାପରେ ମୋକରମ୍ ଅମିର ସାହେବ୍ ହଲାଣ୍ଡ ମୋକରମ୍ ହିବତୁନ୍ ନୁର୍ ଫର୍‌ହାନନ୍ ସାହେବ୍ ନିଜର ପରିଚୟ ପ୍ରଦାନ ମୂଳକ ଅଭିଭାଷଣ ପ୍ରଦାନ କରି ଆସିଥିବା ସମସ୍ତ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କଲେ ।

ଅମୀର୍ ସାହେବ୍ ବତାଇଲେ କି ଏଠି ଅଲ୍‌ମେରେରେ ଗୋଟିଏ ଦିନରେ ପଚାଶ ହଜାର୍ ଲୋକମାନଙ୍କୁ ଘରଘର ଯାଇ ଜମାତ୍‌ର ପରିଚୟ ଦିଆଯାଇଛି । ଏହି କାମ ପାଇଁ ଏଠିକାର ଗୋଟିଏ ସ୍କୁଲ୍ ଆମକୁ ବହୁତ ସାହାଯ୍ୟ କରିଛି । ଅମୀର୍ ସାହେବ୍ ହଲାଣ୍ଡ ଜମାତ୍‌ର ପ୍ରଥମ ମସ୍‌ଜିଦ୍, ମସ୍‌ଜିଦ୍ ମୁବାରକ୍ ହେଗ୍ ର ସଂକ୍ଷିପ୍ତ ଇତିହାସ ବର୍ଣ୍ଣନା କରି ବତାଇଲେ କି ସେହି ମସ୍‌ଜିଦ୍‌ଟି ୧୯୫୫ ମସିହାରେ ନିର୍ମାଣ ହୋଇଥିଲା ଏବଂ ଆଜି ଆମେ ଷାଠିଏ ବର୍ଷ ପରେ ଆମର ଦ୍ୱିତୀୟ ମସ୍‌ଜିଦ୍ ନିର୍ମାଣ କରୁଅଛେ ।

ଅମୀର୍ ସାହେବ୍ ହଲାଣ୍ଡ୍‌ଙ୍କ ଅଭିଭାଷଣ ପରେ ଅଲ୍‌ମେରେ ସହରର ସ୍ଥାନୀୟ ମେୟର୍ Dhr. F.Huis ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ-

ମୁଁ ଭାବୁଥିଲି କି ନିଜ ଭାଷଣଟିକୁ ଡଚ୍ ଭାଷାରେ ଦେବି ବା ଇଂରାଜୀ ଭାଷାରେ ଦେବି ? ତେବେ ପୁଣି ମୁଁ ଏ ନିଷ୍ପତି କଲି କି ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମାନେ ଇଂରାଜୀ ଭାଷାରେ ଦେବି । ଏହାର ଲାଭ ଏହା ହେବ କି ମୋ ଅଭିଭାଷଣଟି ସଂକ୍ଷେପ ହେବ ଓ ମୋର ଏହି ସଂକ୍ଷିପ୍ତ ଭାଷଣ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଏହା କି ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଶୁଣିଛୁ, କାରଣ ଯଦିଚ ଆମେ ଗୋଟିଏ ବର୍ଷରେ ଜନ୍ମ ହୋଇଛୁ କିନ୍ତୁ ହଜୁର୍ ଅନୁଓ୍ୱର୍‌ଙ୍କ ଜ୍ଞାନ ଓ ବୁଦ୍ଧି ମୋ ଜ୍ଞାନ ଓ ବୁଦ୍ଧିଠାରୁ ବହୁତ ଅଧିକ । ସେଇଥିପାଇଁ ମୁଁ ମୋ ନିଜକୁ ଶୁଣିବା ପରିବର୍ତେ ହଜୁର୍ ଅନୁଓ୍ୱର୍‌ଙ୍କୁ ଶୁଣିବାକୁ ଅଧିକା ପସନ୍ଦ କରିବି ।

ସେ ପୁଣି କହିଲେ- ମୁଁ ଅଲ୍‌ମେରେ, ଯେଉଁଠି ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବ, ବିଷୟରେ କେବଳ ଏତିକି କହିବାକୁ ଚାହୁଁଛି କି ଆମ ସମାଜ ନା କେବଳ ମଲ୍‌ଟି କଲ୍‌ଚରାଲ୍ ବରଂ ତା ଭିତରେ ମାତ୍ରାଧିକ ସହିଷ୍ଣୁତାର ସତା ମିଳୁଅଛି । ଏହି ଶବ୍ଦଗୁଡିକ ସହିତ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଖୁଶ୍‌ଆମଦିଦ୍ (ସ୍ୱାଗତମ୍) କହୁଅଛି ।

**ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉପସ୍ଥିତ ଅତିଥିବୃନ୍ଦଙ୍କୁ ସମ୍ବୋଧନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଅଭିଭାଷଣର ଶୁଭାରମ୍ଭ ତଶହୁଦ୍ ତଉଜ ଓ ତସ୍‌ମିଆ ଦ୍ୱାରା କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଉପସ୍ଥିତ ସମସ୍ତ ସମ୍ମାନୀୟ ଶ୍ରୋତାଗଣ ? ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମୁତଲ୍ଲାହି ଓ୍ୱ ବରକାତୁହୁ ।

ଅଲ୍ଲାଃତାଲାଙ୍କ କରୁଣା ଏବଂ ବର୍‌କତ୍ ଆପଣ ସମସ୍ତଙ୍କ ଉପରେ ଅବତୀର୍ଣ୍ଣ ହେଉ । ମୁଁ ଭାବିଥିଲି କି ଆଜିକାର ଏଠି ମୋ ଭାଷଣକୁ ସଂକ୍ଷିପ୍ତ କରିବି ବୋଲି । କିନ୍ତୁ ଏହି ସହରର ମେୟର୍ ଏ ପ୍ରସଙ୍ଗରେ ଆଗକୁ ଚାଲିଯାଇଛନ୍ତି କାରଣ ତାଙ୍କ ଭାଷଣଟି ମୋ ଭାଷଣଠାରୁ ମଧ୍ୟ ଅଧିକ ସଂକ୍ଷିପ୍ତ ହେଲା ।

ଏହାପରେ ମୁଁ ଏ କଥା କହିବାକୁ ଚାହୁଁଛି କି ଆଜି ଆମେ ଏହି ସହରରେ ନିଜର ନୁତନ ମସଜିଦ୍ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରିବା ପାଇଁ ଏକତ୍ରିତ ହୋଇଅଛେ । ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ହେବା ପରେ ଇନ୍‌ଶାଅଲ୍ଲାଃ ଏହି ମସ୍‌ଜିଦ୍‌ଟି ହଲାଣ୍ଡ୍‌ରେ ଜମାତ୍ ଅହେମଦୀୟା ମୁସ୍‌ଲିମାର ଦ୍ୱିତୀୟ ନିୟମିତ ମସ୍‌ଜିଦ୍ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବହୁତ ଦୁଃଖର କଥା ହେଉଛି ଏହା କି ଆଜି ସଂସାରର ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ପାଶ୍ଚାତ୍ୟ ଦେଶଗୁଡିକର ଅଧିକାଂଶ ଲୋକେ ଭୟ କରୁଛନ୍ତି କି ଯେବେ କେଉଁଠି ମୁସଲ୍‌ମାନ୍ ଏକତ୍ରିତ ହେଉଛନ୍ତି ବା ନିଜର ମସ୍‌ଜିଦ୍ ବା କେନ୍ଦ୍ର ବନାଉଛନ୍ତି ତ ନିଶ୍ଚିତ ରୂପେ ଏହା ପଛରେ କୌଣସି ବିପଦ ବା ବିଭ୍ରାଟର ଆଶାଙ୍କା ଥାଏ ବୋଲି । କିଛି ଲୋକେ ତ ଏହା ବୁଝୁଛନ୍ତି ଯେ ଦୁନିଆର ଏହି ଭାଗରେ ମୁସଲ୍‌ମାନ୍‌ମାନଙ୍କ ଅବସ୍ଥିତି ହିଁ ତାଙ୍କ ସମାଜର ଶାନ୍ତି ଓ ସୁରକ୍ଷାକୁ ଧ୍ୱଂସ କରିଦେବାର କାରଣ ହୋଇଯାଏ । ଏହା ମଧ୍ୟ ସମ୍ଭବ ଅଟେ କି ଆଜି ଏଠାକୁ ଯେଉଁ ଅତିଥିମାନେ ଆସିଛନ୍ତି ସେମାନଙ୍କ ମଧ୍ୟରୁ ମଧ୍ୟ କିଛି ଏପରି ଲୋକ ଥିବେ ଯେଉଁମାନେ ଶଙ୍କା ରଖୁଥିବେ । ସେଇଥିପାଇଁ ଏହି ମସ୍‌ଜିଦ୍‌ର ମୂଳଦୁଆ ସହିତ ମୁଁ ଏହି ସହରର ଲୋକମାନଙ୍କୁ ବତାଇବାକୁ ଚାହୁଁଛି କି ଏଭଳି କୌଣସି କଥା ବିଲ୍‌କୁଲ୍ ନାହିଁ ! ଆମେ ଏହି ମସ୍‌ଜିଦ୍‌ର ନାମକରଣ ବଇତୁଲ୍ ଆଫିୟତ୍ କରିଛୁ । ଯାହାର ଅର୍ଥ ହେଉଛି- ଏହି ମସ୍‌ଜିଦ୍‌ଟି ସମସ୍ତ ଲୋକମାନଙ୍କ ନିମନ୍ତେ ଶାନ୍ତି ଓ ସୁରକ୍ଷାର ସ୍ଥାନ ଅଟେ । ସିଲ୍‌ସିଲା ଆଲିଆ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଗୋଟିଏ ପଦ୍ୟରେ ବର୍ଣ୍ଣନା କରୁଛନ୍ତି:-

*ସିଦ୍‌କ୍ ସେ ମେରି ତରଫ୍ ଆଓ*
*ଇସି ମେଁ ଖୈର୍ ହୈ*
*ହେଁ ଦରିନ୍ଦେ ହର୍ ତରଫ୍*
*ମୈଁ ଆଫିୟତ୍ କା ହୁଁ ହିସାର୍*

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ତେଣୁ ଅହେମଦୀମାନଙ୍କ ପ୍ରତ୍ୟେକ ମସ୍‌ଜିଦ୍ ତାହା ଦୁନିଆର କେଉଁଠାରେ ବି ନିର୍ମାଣ ହେଉ ଶାନ୍ତି ଓ ସୁରକ୍ଷାର ସ୍ଥାନ ଅଟେ ଓ ମାନବ ଜାତି ନିମନ୍ତେ ଆଶ୍ରୟସ୍ଥଳୀ ଅଟେ । ବାସ୍ତବିକ ଇସ୍‌ଲାମ୍ ମୁତାବକ ଯିଏ ମଧ୍ୟ ମସ୍‌ଜିଦ୍ ନିର୍ମାଣ କରିଥାଏ ଓ ସେ ପ୍ରକୃତରେ ଅଲ୍ଲାଃତାଲାଙ୍କର ଘର ନିର୍ମାଣ କରିଥାଏ । ଆମେ ଆମ ନିଜପାଇଁ ଆମ ଜୀବଦଶାରେ ଯେତେବେଳେ ଘର ବନାଉ ଆମେ ଏକଥାକୁ ନିଶ୍ଚିତ କରିବା ପାଇଁ ଚେଷ୍ଟା କରିଥାଉ କି ଏହା ଏପରି ଏକ ସ୍ଥାନ ହେଉ ଯେଉଁଠି ଆମେ ନିଜକୁ ସୁରକ୍ଷିତ ମଣିବୁ ଓ ଯେଉଁଠି ଆମେ ପ୍ରକୃତ ରୂପେ ଶାନ୍ତି ପାଇପାରିବୁ । ତେଣୁ ଅଲ୍ଲାଃତାଲାଙ୍କ ଘରର ନିର୍ମାଣରେ ଏହା କିପରି ସମ୍ଭବ ହେବ କି ଆମେ ଗୋଟିଏ ଏପରି ମସ୍‌ଜିଦ୍ ବନାଇବା ପାଇଁ ଚେଷ୍ଟା କରିବୁ ଯାହା ଅନ୍ୟମାନଙ୍କ ନିମନ୍ତେ କ୍ଷତି ଓ ବିପଦର ମାଧ୍ୟମ ହେବ ? ଆମର ଏ ବିଶ୍ୱାସ ଅଛି କି ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାରର ଶାନ୍ତି ଓ ସୁରକ୍ଷାର ସ୍ରୋତ ଅଟନ୍ତି ଓ ସମସ୍ତଙ୍କ ସୁରକ୍ଷାକାରୀ ଅଟନ୍ତି ଓ ଅଲ୍ଲାଃତାଲା ନିଜ ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ଠାରୁ ମଧ୍ୟ ଏହା ଚାହୁଁଅଛି କି ସେ ତାର ବିଶେଷ ଗୁଣ ଗୁଡିକୁ ଆପଣାଉ । ସୁତରାଂ ଜଣେ ସଚ୍ଚା ମୁସଲ୍‌ମାନ୍ ପାଇଁ ଏହା ଜରୁରୀ ଅଟେ କି ସେ ସମସ୍ତଙ୍କ ସହିତ ପ୍ରେମ ଓ ସ୍ନେହ ପ୍ରକାଶ କରୁ ଓ ସମାଜରେ ଶାନ୍ତିର ସୁରକ୍ଷାକାରୀ ହେଉ । ତେଣୁ ଏହା ସ୍ପଷ୍ଟ ହେଲା କି ଆଜି ଯେଉଁ ମସ୍‌ଜିଦ୍‌ଟିର ଏଠାରେ ଭିତିପ୍ରସ୍ତର ସ୍ଥାପନ କରାଯାଉଛି ତାହା ସମସ୍ତଙ୍କ ପାଇଁ ଶରଣ, ଶାନ୍ତି ଓ ସୁରକ୍ଷାର ଏକ ମହାନ୍ ନିଦର୍ଶନ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବାହ୍ୟ

ଶାନ୍ତି ଓ ସୁରକ୍ଷା ବ୍ୟତୀତ ଏହି ମସ୍‌ଜିଦ୍‌ଟି ଭିତରୁ ଆଭ୍ୟନ୍ତରଣ ଦୃଷ୍ଟିକୋଣରୁ ଶାନ୍ତି ଓ ସୁରକ୍ଷାର ମାଧ୍ୟମ ମଧ୍ୟ ହେବ । କାରଣ ଯେତେବେଳେ ମନୁଷ୍ୟ ଇଶ୍ୱରଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କରିଥାଏ ସେତେବେଳେ ସେ ଅନ୍ୟ ସହିତ ଉତମ ବ୍ୟବହାର ଓ ଶାନ୍ତି ବ୍ୟତୀତ ଅନ୍ୟ କୌଣସି ପ୍ରକାର କଥା ଓ ଆଚରଣ କରିପାରେନାହିଁ । ତା ହୃଦୟ ସମସ୍ତ ପ୍ରକାର ଘୃଣାଭାବଠାରୁ ପବିତ୍ର ରହିଥାଏ । ସେଥିପାଇଁ ମୁଁ ଆପଣମାନଙ୍କୁ ପୁଣି ଏ ବିଶ୍ୱାସ ଦେଉଛି କି ଏହି ମସ୍‌ଜିଦ୍‌ଟି କଦାପି ସମାଜର ଶାନ୍ତିକୁ ବିପଦର କାରଣ ହେବନାହିଁ । ଏହା କଦାପି ମଧ୍ୟ ବିଭେଦ ଓ ଶତୃତାର ମାଧ୍ୟମ ହେବନାହିଁ ବରଂ ଏହା ମାନବତାକୁ ଏକତ୍ରିକରଣ କରିବା ପାଇଁ କାର୍ଯ୍ୟକରିବ । ଏହା ବାସ୍ତବିକ୍ ଭାଇଚାରା ଓ ପ୍ରେମର ଆତ୍ମାକୁ ସୃଷ୍ଟି କରିବ । ଏହି ମସ୍‌ଜିଦ୍ ଅହେମଦୀ ମୁସଲ୍‌ମାନ୍‌ଙ୍କ ନିମନ୍ତେ ଶାନ୍ତିର ସହିତ ଅଲ୍ଲାଃତାଲାଙ୍କ ଉପାସନା କରିବାର ମାଧ୍ୟମ ହେବ । ଯେଉଁଠାରେ ଏମାନେ ଏକତ୍ରିତ ହୋଇ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କୁ ଉପାସନା କରିବେ । ଏହା ଏପରି ସ୍ଥାନ ହେବ ଯେଉଁଠି ଏମାନେ ଏକାଠି ହୋଇ ସମ୍ପୂର୍ଣ୍ଣ ସମାଜରେ ଶାନ୍ତି ପ୍ରସାର କରିବା ପାଇଁ ଚେଷ୍ଟା କରିବେ । ଯେତେବେଳେ ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇଯିବ ସେତେବେଳେ ଆମର ପଡୋଶୀ ଓ ଅନ୍ୟାନ୍ୟ ସଦସ୍ୟମାନେ ପ୍ରତ୍ୟକ୍ଷ ରୂପେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ଦୃଷ୍ଟାନ୍ତକୁ ଦେଖିବାକୁ ପାଇବେ ଏବଂ ସେମାନେ ଶାନ୍ତି, ଧୈର୍ଯ୍ୟ, ଆପୋଷ ସମ୍ମାନ ଏବଂ ପ୍ରେମ ବ୍ୟତୀତ ନା ଅନ୍ୟ କୌଣସି କଥା ଦେଖିବେ ଏବଂ ନା ଅନ୍ୟ କିଛି କଥା ଶୁଣିବାକୁ ପାଇବେ । ସ୍ଥାନୀୟ ଅହେମଦୀୟ ମୁସଲ୍‌ମାନ୍‌ମାନେ ଉତମ ଚରିତ୍ର ଓ ଭାଇଚାରାର ବହୁତ ଉତମ ଦୃଷ୍ଟାନ୍ତ ସ୍ଥାପନ କରିବେ । ଇନ୍‌ଶାଅଲ୍ଲାଃ । ସେମାନେ ଇଶ୍ୱରଙ୍କ ସମସ୍ତ ମଖ୍‌ଲୁକ୍‌ଙ୍କ ନିମନ୍ତେ ସଚ୍ଚା ସହାନୁଭୁତି ଓ ନିଷ୍ଠା ପ୍ରକାଶ କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଏହା ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହୁଁଛି କି ଯେପରି ମସ୍‌ଜିଦ୍ ହେଉଛି ଇଶ୍ୱରଙ୍କ ଘର, ତେଣୁ ଏହା ସମସ୍ତ ପ୍ରକାର ଶାନ୍ତିପୁର୍ଣ୍ଣ ଲୋକମାନଙ୍କ ନିମନ୍ତେ ଉନ୍ମୁକ୍ତ ରହିବ । ଆମ ମସ୍‌ଜିଦ୍ ନିର୍ମାଣ କରିବାରେ କୌଣସି ଗୁପ୍ତ ଯୋଜନା ନିହିତ ନାହିଁ ଏବଂ ନା ଏହା କୌଣସି ପ୍ରକାରର ଗୁପ୍ତ ଉଦ୍ଦେଶ୍ୟକୁ ରଖି ସ୍ଥାପନ କରାଯାଏ ବରଂ ଏହିପରି ସମସ୍ତ ମସ୍‌ଜିଦ୍ ଗୁଡିକର ଦ୍ୱାର ସଦାସର୍ବଦା ଉନ୍ମୁକ୍ତ ଅଛି । ଯିଏ ମଧ୍ୟ ଏହି ମସ୍‌ଜିଦ୍‌କୁ ଆସିବାକୁ ଚାହିଁବ ତାକୁ ବହୁତ ଖୋଲା ହୃଦୟତାର ସହିତ ସ୍ୱାଗତ କରାଯିବ । ଯାହାକିଛି ମୁଁ ଏବେ କହିଛି ସେ ଦୃଷ୍ଟିକୋଣରୁ ମୋର ଏହା ବିଶ୍ୱାସ ଅଛି କି ସେହିସବୁ ସ୍ଥାନୀୟ ସଦସ୍ୟମାନେ ଯେଉଁମାନେ ଏହି ମସ୍‌ଜିଦ୍ ପ୍ରସଙ୍ଗରେ ସୁରକ୍ଷାର ଆଶଙ୍କା ରଖୁଛନ୍ତି ସେମାନେ ଯଥାଶିଘ୍ର ଜାଣିଯିବେ କି ସେମାନଙ୍କର ଶଙ୍କା ନିରାଧାର ଥିଲା । ମୁଁ ଏ ବିଶ୍ୱାସ ମଧ୍ୟ ରଖୁଛି କି ଯେତେବେଳେ ଏହି ମସ୍‌ଜିଦ୍‌ଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇଯିବ ସେତେବେଳେ ସ୍ଥାନୀୟ ଅହେମଦୀ ମୁସଲ୍‌ମାନ୍ ଆପୋଷରେ ମଧ୍ୟ ଏବଂ ସ୍ଥାନୀୟ କମ୍ୟୁନିଟି ମାନଙ୍କ ସହିତ ମଧ୍ୟ ପ୍ରେମ ଓ ଭଲପାଇବାରେ ପୂର୍ବଠାରୁ ବଳି ଦୃଷ୍ଟାନ୍ତ ଦେଖାଇବେ । ସେମାନେ ସମଗ୍ର ସଂସାରରେ ଏକଥା ପ୍ରମାଣିତ କରିଦେବେ କି ଅହେମଦୀ ମାନଙ୍କର ମସ୍‌ଜିଦ୍ ହେଉଛି ଶାନ୍ତିର ମଶାଲ୍ ଯିଏ ସମାଜକୁ ପ୍ରେମ, ସହାନୁଭୁତି ଓ ଆପୋଷ ସମ୍ମାନ ଦ୍ୱାରା ପ୍ରଜ୍ୱଳିତ କରିଥାଏ । ଏହି ମସ୍‌ଜିଦ୍ ଜରିଆରେ ଆପଣମାନେ ଇସ୍‌ଲାମ୍‌ର ଶାନ୍ତି ଓ ଧର୍ମୀୟ ସ୍ୱାଧିନତାକୁ ଚତୁର୍ଦ୍ଦିଗରେ ବିଛୁରିତ ହେବାର ଦେଖିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ମୁଁ ଏହି ଅବସରରେ ଲାଭ ଉଠାଇ ସ୍ଥାନୀୟ କାଉନ୍‌ସିଲ୍, ମେୟର୍ ଏବଂ ସ୍ଥାନୀୟ ସଦସ୍ୟମାନଙ୍କୁ ହୃଦୟର ଅନ୍ତରରୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି, ଯେଉଁମାନେ ଆମକୁ ସପୋର୍ଟ୍ କଲେ ଓ ଆମକୁ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ଅନୁମତି ଦେଲେ । ଏଠାରେ ଅଧିକାଂଶ ଅହେମଦୀ ହେଉଛନ୍ତି ସେମାନେ, ଯେଉଁମାନଙ୍କୁ ନିଜ ଦେଶରୁ ଧର୍ମୀୟ ଅତ୍ୟାଚାରର ଶିକାର ହେବା ଯୋଗୁ ହିଜ୍‌ରତ୍ କରିବାକୁ ପଡ଼ିଥିଲା । ଉପାସନା କରିବାରେ ଭୀଷଣ ପ୍ରତିବନ୍ଧକ ପକାଇବା ଓ ନିଜ ଦେଶରେ ଶାନ୍ତିର ସହିତ ରହିବା ପାଇଁ ଅନୁମତି ନଦେବା ସତ୍ୱେ ମଧ୍ୟ ସେମାନେ ଘୃଣାର ଉତର ଘୃଣାରେ ଦେଇନାହାଁନ୍ତି ଓ ସେମାନେ କାନୁନ୍‌କୁ ନିଜ ହାତରେ ବି ନେଇନାହାଁନ୍ତି । ବରଂ ସର୍ବଦା ଧୈର୍ଯ୍ୟ ଓ ଦୁଆ ମାଧ୍ୟମରେ ଉତର ଦେଇଛନ୍ତି ଓ ନିଜର ଏହି ମାମଲାକୁ ଇଶ୍ୱରଙ୍କ ନିକଟରେ ସମର୍ପି ଦେଇଛନ୍ତି, ଯେପରିକି ଇସ୍‌ଲାମ୍ ଶିକ୍ଷା ଦେଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପରିଶେଷରେ ମୁଁ ଆଉଥରେ ପୁଣି ସ୍ଥାନୀୟ ବ୍ୟବସ୍ଥାପକ ଓ ସଦସ୍ୟମାନଙ୍କ ନିମନ୍ତେ ନିଜ ହୃଦୟର ଗଭୀରତମ ପ୍ରଦେଶରୁ ନିଜ ଭାବନାକୁ ପ୍ରକାଶ କରିବାକୁ ଚାହୁଁଛି ଓ ଧନ୍ୟବାଦ ଦେଉଅଛି, ଯେଉଁମାନେ ଏଠାରେ ଆମକୁ ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ସାହାଯ୍ୟ ଓ ସହଯୋଗ କରିଛନ୍ତି । ଏହା ହେଉଛି ଆପଣମାନଙ୍କର ଅନୁଗ୍ରହ ଓ ଉନ୍ମୁକ୍ତ ହୃଦୟର ଦୃଷ୍ଟାନ୍ତ, ଯେଉଁଥିପାଇଁ ସେହି ଲୋକମାନେ, ଯେଉଁମାନେ ପୂର୍ବରୁ ଧର୍ମୀୟ ଅତ୍ୟାଚାରର ଶିକାର ହେଉଥିଲେ ଓ (ନିଜ କର୍ତବ୍ୟ ସମ୍ପାଦନ କରିବାରୁ) ବଂଚିତ ଥିଲେ, ସେମାନେ ବର୍ତମାନ ପ୍ରକୃତ ଧର୍ମୀୟ ସ୍ୱାଧୀନତା ହାସଲ କରିବେ ଓ ନିକଟ ଭବିଷ୍ୟତରେ ଏହି ମସ୍‌ଜିଦ୍‌ଟି ନିର୍ମାଣ ହୋଇ ତିଆରି ହୋଇଯିବା ଫଳରେ ସେଥିରେ ଉପାସନା କରିପାରିବେ । ଇନ୍‌ଶାଅଲ୍ଲାଃ ।

ସୁତରାଂ ଅହେମଦୀମାନଙ୍କର ଏଠାରେ ଶାନ୍ତିରେ ବସବାସ କରିବା ହିଁ ଏହି ସମାଜ ଓ ଦେଶପାଇଁ ସାକ୍ଷୀ ସ୍ୱରୂପ ଯଥେଷ୍ଟ । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଏହି ଅଭିଭାଷଣ ୫:୦୫ ପର୍ଯ୍ୟନ୍ତ ଜାରି ରହିଲା । ଅଭିଭାଷଣ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେ ସ୍ଥାନକୁ ଗଲେ ଯେଉଁଠି ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଆଧାରଶିଳା ରଖାଯିବାର ବ୍ୟବସ୍ଥା କରାଯାଇଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରିବା ସହିତ ପ୍ରଥମ ଇଟାଟିକୁ ସେଠାରେ ରଖିଲେ । ଏହାପରେ ହଜ୍‌ରତ୍ ବେଗମ୍ ସାହିବା ମଦଜିଲ୍ଲାଃ ଦ୍ୱିତୀୟ ଇଟାଟିକୁ ରଖିଲେ । ପୁଣି ଏହାପରେ କ୍ରମାନୁସାରେ ନିମ୍ନଲିଖିତ ଜମାତ୍‌ର ଓ୍ୱହ୍‌ଦାଦାର୍‌ମାନେ ଓ ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଗୋଟିଏ ଗୋଟିଏ ଇଟା ରଖିବା ପାଇଁ ସୌଭାଗ୍ୟପ୍ରାପ୍ତ ହେଲା ।

ମୋକରମ୍ ହିବତୁନ୍ ନୁର୍ ଫର୍‌ଖାନନ୍ ସାହେବ୍ (ଅମୀର୍ ଜମାତ୍ ଅହେମଦୀୟା ହଲାଣ୍ଡ), ମୋକରମ୍ ଅବ୍‌ଦୁଲ୍ ହମିଦ୍ ଖାନ୍ ସାହେବ୍ ଦର୍‌ଫିଲ୍‌ଦନ୍ ସାହେବ୍ (ନାଏବ୍ ଅମୀର୍ ହଲାଣ୍ଡ), ମୋକରମ୍ Dhr. F.Huis ସାହେବ୍ (ମେୟର୍ ଅଲ୍‌ମେରେ ସିଟି), ମୋକରମ୍ ଅବ୍‌ଦୁଲ୍ ମାଜିଦ୍ ତାହେର୍ ସାହେବ୍ (ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ୍), ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ (ଏଡ଼ିଶିନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ୍), ମୋକରମ୍ ମୁନୀର୍ ଅହେମଦ୍ ଜାଓ୍ୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ନଇମ୍ ଅହେମଦ୍ ଓ୍ୱଡାଇଚ୍ ସାହେବ୍ (ମୁବଲିଗ୍ ଇନ୍‌ଚାର୍ଯ୍ୟ ହଲାଣ୍ଡ), ମୋକରମ୍ ହାମିଦ୍ କରିମ୍ ସାହେବ୍ (ମୁବଲିଗ୍ ହଲାଣ୍ଡ), ମୋକରମ୍ ସଫିର୍ ଅହେମଦ୍ ସିଦ୍ଦିକି ସାହେବ୍ (ମୁବଲିଗ୍ ହଲାଣ୍ଡ), ମୋକରମ୍ ଅଜ୍‌ହର୍ ଅଲୀ ନଇମ୍ ସାହେବ୍ (ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ), ମୋକରମ୍ ଅତାଉଲ୍ କୟୁମ୍ ଆରିଫ୍ ସାହେବ୍ (ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ), ମୋକରମା ଆବିଦା ଅହ୍‌ସନ୍ ଚୌଧୁରୀ ସାହିବା (ସଦର୍ ଲଜ୍‌ନା ହଲାଣ୍ଡ), ଅଜିଜା ରୌୟତୁନ ନୁର୍ (ଓ୍ୱାକିଫା ନୌ), ଅଜିଜମ୍ ରିଜୁଆନ୍ ମଲ୍‌ହି (ଓ୍ୱାକିଫେ ନୌ), ମୋକରମ୍ ମୋଜଫର୍ ହୁସେନ୍ ସାହେବ୍ (ଜେନେରାଲ୍ ସେକ୍ରେଟାରୀ ଜମାତ୍ ଅହେମଦୀୟା ହଲାଣ୍ଡ), ମୋକରମ୍ ହନିଫ୍ ହିନ୍ଦର୍‌କସ୍ ସାହେବ୍ (ସେକ୍ରେଟାରୀ ଜାଏଦାଦ୍ ଜମାତ୍ ଅହେମଦୀୟା ହଲାଣ୍ଡ), ମୋକରମ୍ ଅବ୍‌ଦୁଲ୍ ବାସିତ୍ ସାହେବ୍ (ଚେୟାର୍‌ମ୍ୟାନ୍ ଫଣ୍ଡ ରାଇଜିଙ୍ଗ୍ କମିଟି ହଲାଣ୍ଡ, ମସ୍‌ଜିଦ୍ ଫଣ୍ଡ), ମୋକରମ୍ ଉସ୍‌ମାନ୍ ବଦୁଲା ସାହେବ୍ (ରିଜିଓନାଲ୍ ଅମୀର୍ ଆର୍ମ୍‌ଷ୍ଟର୍‌ଡମ୍ ରିଜିଅନ୍), ମୋକରମ୍ ମେହ୍‌ବୁବ୍ ଇଲାହି ରାଞ୍ଝା ସାହେବ୍ (ସଦର୍ ଜମାତ୍ ଅହେମଦୀୟା ଅଲ୍‌ମେରେ), ମୋକରମ୍ ଫର୍‌ହାନ୍ ଅଲୀ ବଖିଶ୍ ସାହେବ୍ (ଆର୍କିଟେକ୍ଟ୍ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍), ମିଷ୍ଟର୍ ଫରାଓ କେଓ୍ୱି ୟୋଙ୍ଗ, ପ୍ରୋଜେକ୍ଟ ମ୍ୟାନେଜର୍ ଅଲ୍‌ମେରେ ପୋର୍ଟ୍, ପ୍ରୋଜେକ୍ଟ ମ୍ୟାନେଜର୍ ଅଲ୍‌ମେରେ ପୋର୍ଟ୍ ସ୍ଥାନୀୟ ।

ଭିତିପ୍ରସ୍ତର ସ୍ଥାପନ ଉତ୍ସବର ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଦୁଆପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଜ୍‌ନା ମାନଙ୍କ ନିମନ୍ତେ ଥିବା ଟେଂଟ୍‌କୁ ପ୍ରବେଶ କଲେ ଯେଉଁଠି ଛୋଟ ଛୋଟ ଝିଅପିଲାମାନେ ଦୁଆଇଆ ନଜମ୍ ଏବଂ ତରାନା ଉପସ୍ଥାପନ କଲେ । ସେଠି ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ରହିଲେ । ମହିଳାମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଦର୍ଶନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛୋଟଛୋଟ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଲଜ୍‌ନାଙ୍କ ଟେଂଟ୍‌ରୁ ବାହାରକୁ ବାହାରିଲେ । ସେତେବେଳେ ଛୋଟଛୋଟ ପିଲାମାନେ ଗୋଟିଏ ପଟେ ଛିଡ଼ା ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ସେହି ସମସ୍ତ ପିଲାମାନଙ୍କୁ ମଧ୍ୟ ଚକୋଲେଟ୍ ପ୍ରଦାନ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷମାନଙ୍କ ଟେଂଟ୍ ଭିତରକୁ ପ୍ରବେଶ କଲେ, ଯେଉଁଠି ସ୍ଥାନୀୟ ଜମାତ୍‌ର ସମସ୍ତ ଅତିଥିମାନଙ୍କ ନିମନ୍ତେ ରାତ୍ରିଭୋଜନର ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଭୋଜନ ଗ୍ରହଣ କଲେ । ରାତ୍ରଭୋଜନ ପ୍ରୋଗ୍ରାମ୍ ପରେ ଅତିଥିମାନେ ଜଣଜଣ ହୋଇ ଷ୍ଟେଜ୍ ଉପରକୁ ଆସି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ ବାର୍ତାଳାପ କରୁଥିଲେ । ଅତିଥିମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ଶ୍ରଦ୍ଧାର ସହିତ ଅତିଥିମାନଙ୍କୁ ଉପହାର ମଧ୍ୟ ପ୍ରଦାନ କଲେ । ଅଲ୍‌ମେରେ ସହରର ପୋଲିସ୍ ଡିପାର୍ଟମେଂଟ୍‌ରେ କିଛି ଅଫିସର୍‌ମାନେ ମଧ୍ୟ ଆସିଥିଲେ, ସେମାନେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ୬:୪୫ରେ ଏଠାରୁ ନନ୍‌ସ୍ପିଟ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଠିକ୍ ୭:୩୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନନ୍‌ସ୍ପିଟ୍‌ଠାରେ ପଦାର୍ପଣ ହେଲା ଏବଂ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୮ଟା ସମୟରେ ବଇତୁଲ୍ ନୁର୍‌ଠାରେ ପହଂଚି ମଗ୍‌ରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ ।

ନମାଜ ପାଠ ପରେ ମୋକରମ୍ ନଇମ୍ ଅହେମଦ୍ ଓ୍ୱଡାଇଚ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ହଲାଣ୍ଡ ହଜୁର୍ ଅନୁଓ୍ୱର୍‌ଙ୍କ ଅନୁମତି କ୍ରମେ ନିମ୍ନଲିଖିତ ଗୋଟିଏ ନିକାହ୍‌ର ଘୋଷଣା କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେ ସମୟରେ ସେଠାରେ ବସି ରହିଲେ ।

ଅଜିଜା ନସିରା ଇଫତ୍ ସାହିବା ସୁପୁତ୍ରୀ ମୋକରମ୍ କୌସର୍ ଅହେମଦ୍ ସାହେବ୍ ଅଫ୍ ହଲାଣ୍ଡଙ୍କ ନିକାହ୍ ମୋକରମ୍ ବୁଖାରୀ ଟାମି କାହାଲୁଁ ସାହେବ୍ ଲଣ୍ଡନ୍ ନିବାସୀ (ୟୁ.କେ)ଙ୍କ ସହିତ ନିର୍ଦ୍ଧାରିତ ହେଲା ।

ନିକାହ୍‌ର ଘୋଷଣା ପରେ ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ ଦୁଇ ପକ୍ଷଙ୍କୁ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ସମ୍ମାନୀୟ ଅତିଥିମାନଙ୍କ ମନୋଭାବ**

ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଅଲ୍‌ମେରେର ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଅବସରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଯେଉଁ ଭାଷଣ ପ୍ରଦାନ କରିଥିଲେ ତାହା ଏହି ଅତିଥିମାନଙ୍କ ମନରେ ଗଭୀର ପ୍ରଭାବ ପକାଇଛି ଓ କିଛି ଅତିଥି ନିଜର ମନୋଭାବକୁ ସହୃଦୟତା ସହିତ ପ୍ରକାଶ ମଧ୍ୟ କରିଛନ୍ତି ।

ଅଲ୍‌ମେରେର ମେୟର୍ Mr. F.Huis ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ମୁଁ ଏହା ପୂର୍ବରୁ ନିଜ ଜୀବଦଶାରେ ଏପରି ବ୍ୟକ୍ତିତ୍ୱ କେବେ ଦେଖିନାହିଁ, ଯାହାଙ୍କ କଥାଗୁଡିକ ହୃଦୟରେ ଏପରି ପ୍ରଭାବ ପକାଉଥିବ ।

ହଜୁର୍ ଅନୁଓ୍ୱର୍‌ଙ୍କ ବାର୍ତା ଅଲ୍‌ମେରେଠାରେ ଏକ ଶାନ୍ତିପୁର୍ଣ୍ଣ ପରିବେଶ ସ୍ଥାପନ କରିବା ନିମନ୍ତେ ଗୋଟିଏ ଅତ୍ୟନ୍ତ ପ୍ରଭାବଶାଳୀ ବାର୍ତା ଥିଲା ଓ ଆମ ସମସ୍ତଙ୍କୁ ମିଳିମିଶି ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଖଲିଫତୁଲ୍ ମସିହ୍ ଯେଉଁଭଳି ଶାନ୍ତିର ବାର୍ତା ଦେଲେ ଏଥିରେ ସେ ବିଶ୍ୱାସ ରଖିଛନ୍ତି କି ଏହି ମସ୍‌ଜିଦ୍ ମାଧ୍ୟମରେ ହିଁ ଏହି ଶାନ୍ତି ବାର୍ତା ନିଶ୍ଚିତ ରୂପେ ପ୍ରସାର କରିବ ।

ଅଲ୍‌ମେରେରର ଜଣେ କାଉନ୍‌ସିଲର୍ Dr. Nico Van Duijn ସାହେବ୍ ନିଜର ଭାବନାକୁ ପରିପ୍ରକାଶ କରି କହିଲେ କି ସେ ଜମାତ୍ ସହିତ ମିଶି କାର୍ଯ୍ୟ କରିବାକୁ ଚାହୁଁଛନ୍ତି । ଖଲିଫତୁଲ୍ ମସିହ୍ ନିଜ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ଯେଉଁଭଳି ଏହି ମସଜିଦ୍‌ର ନିର୍ମାଣ ହେବା ସହିତ ଶାନ୍ତିର ବାର୍ତାକୁ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ନର୍ଦ୍ଦେଶ ଦେଲେ ଏହାଦ୍ୱାରା ଅଲ୍‌ମେରେଠାରେ ଇଂଟିଗ୍ରେସନ୍‌ର କାର୍ଯ୍ୟକୁ ଶକ୍ତି ମିଳିବ । ପୁଣି ସେ ମହାଶୟ କହିଲେ କି ଏହାଠାରୁ ଭଲ ପ୍ରୋଗ୍ରାମ୍ ମୁଁ ମୋ ଜୀବଦଶାରେ କେବେ ଦେଖିନାହିଁ ।

ଲୋକାଲ୍ କାଉନ୍‌ସିଲ୍‌ର ଜଣେ ସଦସ୍ୟ Rob Van Dijk ସାହେବ୍ ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ ମୋତେ ଏପରି ଲାଗୁଛି କି ଆସନ୍ତା ସମୟଗୁଡିକ ଆପଣଙ୍କ ଖଲିଫା ଓ ଜମାତ୍ ଅହେମଦୀୟାର ହେବ ।

ୟୁହୁଦୀ କମ୍ୟୁନିଟିର ମୁଖିଆ Mr. Harry Knot ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ- ଏହା ହେଉଛି ତାଙ୍କ ପାଇଁ ପ୍ରଥମ ଅବସର ଯେଉଁଠି ସେ ଖଲିଫତୁଲ୍ ମସିହ୍‌ଙ୍କୁ ଏତେ ନିକଟରେ ଦେଖିବା ପାଇଁ ଅବସର ପାଇଛନ୍ତି । ହଜୁର୍ ଅନୁୱର୍‌ଙ୍କ ଭାଷଣଟି ସମସ୍ତ ବୁଦ୍ଧିଜୀବିଙ୍କ ନିମନ୍ତେ ମଶାଲ୍ ସଦୃଶ ଅଟେ ।

ୟୁନିଭରସାଲ୍ ପିସ୍ ଫେଡେରେସନ୍‌ର Mr. Hans Campman ସାହେବ ଏବଂ ତାଙ୍କର ଜଣେ ସାଥି Wim Koetsier ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ସେମାନେ ଆଜି ଖଲିଫତୁଲ୍ ମସିହ୍‌ଙ୍କୁ ପ୍ରଥମଥର ପାଇଁ ଦର୍ଶନ କରିଛନ୍ତି । ଶାନ୍ତି ସ୍ଥାପନ କରିବା ନିମନ୍ତେ ଖଲିଫାଙ୍କର ଭାଷଣ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଥିଲା ଓ ଆମ ଧର୍ମ ମୁତାବକ ଥିଲା । ଆପଣମାନଙ୍କ ଓ ଆମର ଲକ୍ଷ୍ୟସ୍ଥଳ ଏକ ଅଟେ ।

ଲୋକାଲ୍ କାଉନ୍‌ସିଲ୍‌ର ଜଣେ ମେମ୍ବର୍ Asjan Van Dijk ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ମୁଁ ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଓ ଆସନ୍ତାକୁ ମଧ୍ୟ ଆପଣମାନଙ୍କ ପ୍ରୋଗ୍ରାମ୍ ଗୁଡିକରେ ଯୋଗଦେବା ପାଇଁ ଚାହିଁବି କାରଣ ଆପଣଙ୍କ ଖଲିଫା ହେଉଛନ୍ତି ବର୍ତମାନ ଯୁଗରେ ମାନବ ଜାତିର ଧ୍ୱଜାବାହକ ।

ଆଉଗୋଟିଏ ଲିବରାଲ୍ ରାଜନୈତିକ ଦଳର ଜଣେ ଲିଡର୍ Dhr. Mark Wigger ସାହେବ୍ କହିଲେ ଖଲିଫତୁଲ୍ ମସିହ୍‌ଙ୍କୁ ଦେଖି ଏପରି ଲାଗୁଛି କି ଭବିଷ୍ୟତରେ ଆପଣଙ୍କ ଜମାତ୍ ହିଁ ଏ ସଂସାରକୁ ଶାନ୍ତି ପ୍ରଦାନ କରିପାରିବ ।

ଯେଉଁ ଇଲାକାରେ ଆମର ମସ୍‌ଜିଦ୍ ନିର୍ମାଣ ହେଉଅଛି ସେହି ଇଲାକାର ପୋଲିସ୍ ଇନ୍‌ଚାର୍ଯ୍ Dhr. Pieter Roeters ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ କି ମୁଁ ଆଜିର ଏହି ପ୍ରୋଗ୍ରାମ୍‌ର ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହୋଇଛି । ମୁଁ ଆଶ୍ଚର୍ଯ୍ୟ ଚକିତ ଯେ ଆପଣମାନେ ଏତେ ସୁନ୍ଦର ପ୍ରୋଗ୍ରାମ୍ କିପରି ଅନୁଷ୍ଠିତ କରିନେଲେ । ମୁଁ ପୂର୍ବରୁ କେବେ ଏପରି ଉତମ ବ୍ୟବସ୍ଥିତ ପ୍ରୋଗ୍ରାମ୍ ଦେଖିନାହିଁ ।

ମୋହତରମା Jessica Kips ସାହିବା, ଯିଏ ହେଉଛନ୍ତି ଗୋଟିଏ ରାଜନୈତିକ ପାର୍ଟିର ପୂର୍ବତନ କାଉନ୍‌ସିଲ୍ ମେମ୍ବର୍, ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣ ଶୁଣି ସେ କହିଲେ କି ଇସ୍‌ଲାମ୍‌ର ଖଲିଫତୁଲ୍ ମସିହ୍ ଯେଉଁ କଥା କହୁଛନ୍ତି ତାହା ସିଧାସଳଖ ହୃଦୟକୁ ଛୁଇଁଛି । ଯେବେକି ମୁଁ ମୁସଲ୍‌ମାନ୍ ନୁହେଁ କିନ୍ତୁ ଯେଉଁ କଥା ଗୁଡିକ ସତ୍ୟ ଉପରେ ଆଧାରିତ ଏହାକୁ ପରିପ୍ରକାଶ ନକରି ମୁଁ ରହିପାରୁନାହିଁ ।

ଜଣେ ତୁର୍କୀ ମୁସଲ୍‌ମାନ୍ ମହିଳା MW Laila ସାହିବା କହିଲେ କି ଇଶ୍ୱର କରନ୍ତୁ ଏହି ମସ୍‌ଜିଦ୍ ଖୁବ୍ ଶିଘ୍ର ସମ୍ପୂର୍ଣ୍ଣ ହୋଇଯାଉ, ଯଦ୍ୱାରା ଆମେ ଏଠାରେ ଆସି ନମାଜ ପଢ଼ିପାରିବୁ । ଆମେ ମୁସଲ୍‌ମାନ୍ ମସ୍‌ଜିଦ୍‌କୁ ଯାଇଥାଉ । କିନ୍ତୁ ତାହା ସବୁ ଶିର୍କ୍‌ରେ ପରିପୁର୍ଣ୍ଣ । ଖଲିଫାଙ୍କୁ ଦେଖି ଓ ଖଲିଫାଙ୍କର ଭାଷଣକୁ ଶୁଣି ଏପରି ଲାଗୁଛି କି ବର୍ତମାନ ସମୟରେ ଏହି ସଂକଟାପନ୍ନ ଯୁଗରେ କେବଳ ଏକୁଟିଆ ଏହି ବ୍ୟକ୍ତିବିଶେଷ ଅଛନ୍ତି ଯିଏ ଇଶ୍ୱରଙ୍କ ଆଡକୁ ଡାକୁଛନ୍ତି ।

ସେହିଦିନ ସନ୍ଧ୍ୟାବେଳେ ନ୍ୟାସ୍‌ନାଲ୍ ମୁସ୍‌ଲିମ୍ ରେଡିଓ (Moslimomroep) ସାଢ଼େ ଚାରିମିନିଟ୍‌ର ରିପୋର୍ଟ୍ ଅଲ୍‌ମେରେ ମସ୍‌ଜିଦ୍ ନିର୍ମାଣ ପ୍ରୋଗ୍ରାମ୍ ସମ୍ବନ୍ଧରେ ପ୍ରସାରଣ କଲା ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱିତୀୟ ଆଗମନ ସମ୍ବନ୍ଧରେ ବତାଇଲା ଓ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସମ୍ବନ୍ଧରେ ସେଥିରେ ବତାଗଲା କି ସେ ହେଉଛନ୍ତି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖଲିଫା ଓ ଅଲ୍‌ମେରେଠାରେ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିବା ନିମନ୍ତେ ପହଂଚିଛନ୍ତି । ହଜୁର୍ ଅନୁୱର୍‌ଙ୍କ ଭାଷଣର କିଛି ଅଂଶ ମଧ୍ୟ ଶୁଣାଇ ଦିଆଗଲା ।

**୮ ଅକ୍ଟୋବର୍ ୨୦୧୫ (ଗୁରୁବାର)**

ହଜୁର୍ ଅନୁୱର୍ ଅ:ବ:ଅ ପ୍ରତ୍ୟୁଷ ୬:୪୫ରେ ବଇତୁଲ୍ ନୁର୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଠିକ୍ ଦିନ ୨ଟା ସମୟରେ ବଇତୁଲ୍ ନୁର୍‌ଠାରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମାକରି ପଢ଼ାଇଲେ । ନମାଜପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ତୃତୀୟ ପ୍ରହରରେ ମଧ୍ୟ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫତରି କାର୍ଯ୍ୟଗୁଡିକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬:୪୦ରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା ।

ଆଜି ପ୍ରୋଗ୍ରାମ୍ ମୁତାବକ ୪୦ଟି ଫ୍ୟାମିଲି ଓ ୯ଜଣ ଜଣିକିଆ ବ୍ୟକ୍ତି ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିଭଳି ସର୍ବମୋଟ୍ ୧୬୩ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ସମସ୍ତ ଫ୍ୟାମିଲି ଓ ସମସ୍ତ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍ କରିବା ନିମନ୍ତେ ଆସିଥିବା ଏହି ଫ୍ୟାମିଲି ଗୁଡିକ Eindhoven, Den Hagg, Delbosch, Zottermer, Nunspeet and Zwolle ଜମାତ୍ ଗୁଡିକରୁ ଆସିଥିଲେ । ସେମାନଙ୍କ ମଧ୍ୟରେ ଅନେକ ଫ୍ୟାମିଲି ଏପରିଥିଲେ ଯେଉଁମାନେ ନିଜ ଜୀବଦଶାରେ ପ୍ରଥମଥର ପାଇଁ ନିଜ ପ୍ରିୟ ଆକାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଉଥିଲେ ଓ ଆଜିକାର ଦିନଟି ତାଙ୍କ ଜୀବନର ଅତ୍ୟନ୍ତ ମୁବାରକ୍, ବର୍‌କତ୍ ଓ ଅଲ୍ଲାଃଙ୍କ କରୁଣାରେ ଭରପୁର୍ ଦିନ ଥିଲା । ଏହି ଦିନକୁ ଓ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍‌କାରର ଏହି କ୍ଷଣଗୁଡିକୁ ଏହି ଫ୍ୟାମିଲି ଓ ପିଲାମାନେ ସର୍ବଦା ମନେରଖିବେ । ନିଜ ପ୍ରିୟ ଆକାଙ୍କ ନିକଟରେ ବିତାଇଥିବା କିଛି ଘଂଟା ସେମାନଙ୍କ ପୁରା ଜୀବନର ମୂଲ୍ୟବାନ ସମ୍ପତି ଅଟେ । ମଣିଷ ଜୀବନରେ କିଛିକ୍ଷଣ ଏପରି ଆସିଥାଏ ଯାହା ତା ଜୀବନର ସ୍ୱରୂପକୁ ବଦଳାଇଦିଏ । ପ୍ରିୟ ଆକାଙ୍କ ସହିତ, ଖଲିଫତୁଲ୍ ମସିହ୍‌ଙ୍କ ସହିତ ନିକଟତର ହେବାର ଏହିକିଛି କ୍ଷଣ ନିଶ୍ଚିତ ରୂପେ ଏପରି କ୍ଷଣ ଯାହା ମଣିର ଦୀନ୍‌କୁ ମଧ୍ୟ ସଜାଡି ଦିଏ ଓ ତାର ସଂସାରକୁ ମଧ୍ୟ ସଜାଡିଦିଏ ଓ ତାକୁ ଏକ ନୂତନ ଜୀବନ ପ୍ରଦାନ କରିଥାଏ । ଅଲ୍ଲାଃତାଲା କରନ୍ତୁ କି ଆମେ ସମସ୍ତେ ଏହି କ୍ଷଣକୁ ସୁରକ୍ଷା କରିବାବାଲା ହେଉ ଏଥିରେ ହିଁ ଆମ ପାଇଁ ଶୁଭ ଓ ବର୍‌କତ୍ ରହିଛି ଏବଂ ଆମେ ଅଲ୍ଲାଃଙ୍କ ଦୟାବଳରୁ ସର୍ବଦା ସଫଳ ହେବୁ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୩୦ରେ ଶେଷ ହେଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ମଗ୍‌ରିବ୍ ଓ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଲାଣ୍ଡର ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡିଆରେ, ସ୍ଥାନୀୟ ଓ ଜାତୀୟ ଖବରକାଗଜ ଗୁଡିକରେ, ରେଡିଓ ଓ ଟି.ଭି ଚ୍ୟାନେଲ୍ ଗୁଡିକରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ହଲାଣ୍ଡ୍ ଆଗମନ ଏବଂ ପାର୍ଲିଆମେଂଟ୍‌ରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ ଓ ଅଲ୍‌ମେରେଠାରେ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡିକ ପ୍ରସଙ୍ଗରେ ଧାରାବାହିକ ରୂପେ ଖବର ପ୍ରସାରଣ ଓ ଛପା ହୋଇ ଚାଲିଥିଲା ।

ହଲାଣ୍ଡର ଗୋଟିଏ ସ୍ଥାନୀୟ ଖବରକାଗଜ Veluwelald ନିଜ ୬ ଅକ୍ଟୋବର୍ ୨୦୧୫ ପ୍ରକାଶନରେ ଲେଖୁଅଛି:-

**ଇସ୍‌ଲାମୀୟ ଲିଡର୍ ନନ୍‌ସ୍ୱିଟ୍ ଆସିଛନ୍ତି**

''ନନ୍‌ସ୍ୱିଟ୍‌ଠାରେ ଜମାତ୍ ଅହେମଦୀୟା ଇସ୍‌ଲାମିଆର ସର୍ବୋଚ୍ଚ ନେତା ପହଂଚିଛନ୍ତି । ସେ ବଇତୁଲ୍ ନୁର୍‌ଠାରେ ରହିବେ । Mayor Dick Van Hemmen ସାହେବ୍ ତାଙ୍କୁ ଶନିବାର ଦିନ ସ୍ୱାଗତ କଲେ । ସେ ଆଜି House of representatives ରେ ଅଭିଭାଷଣ ପ୍ରଦାନ କରିବେ । ସେ ନିଜ ଭାଷଣରେ ଇସ୍‌ଲାମ୍ ପ୍ରତି ଥିବା ଭୁଲ୍ ଧାରଣା ଗୁଡିକୁ ଦୁର କରିବା ପାଇଁ ଚେଷ୍ଟା କରିବେ । ସେ ଏହା ପୂର୍ବରୁ ମଧ୍ୟ ବିଭିନ୍ନ ପାର୍ଲିଆମେଂଟ୍ ଗୁଡିକରେ ଭାଷଣ ପ୍ରଦାନ କରିସାରିଛନ୍ତି ।''

ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ (ଜାତୀୟ) ଖବରକାଗଜ Reformatorische Dagblad ନିଜର ୭ ଅକ୍ଟୋବର୍ ୨୦୧୫ ପ୍ରକାଶନରେ ନିମ୍ନଲିଖିତ ବିଷୟବସ୍ତୁ ସହିତ ଖବର ଛାପିଛି ।

**ଏହି ଖଲିଫା House of representatives ରେ ଆସିପାରନ୍ତି**

''ଜଣେ ଖଲିଫାଙ୍କର ହଲାଣ୍ଡକୁ ଆସିବା ? ଏହି ଶବ୍ଦ ହିଁ ଯଥେଷ୍ଟ ଅର୍ଥାତ୍ କିଛି ଲୋକଙ୍କୁ ଡରାଇବା ପାଇଁ ଯଥେଷ୍ଟ ଅଟେ । ଏହା ସତ୍ତ୍ୱେ ମଧ୍ୟ ଜଣେ ଖଲିଫା କାଲି House of representatives ଠାରେ ଅଭିଭାଷଣ ପ୍ରଦାନ କଲେ ଓ ତାଙ୍କର ବାର୍ତା ଶାନ୍ତିର ବାର୍ତା ଥିଲା ।

ଯେତେବେଳେ ମନୁଷ୍ୟ ଖଲିଫା ଶବ୍ଦ ବିଷୟରେ ଚିନ୍ତାକରେ ତତ୍‌କ୍ଷଣାତ୍ ଦାଇଶ୍ ମନକୁ ଆସିଯାଏ ଏବଂ ଅବୁବକର୍ ଅଲ୍ ବଗ୍‌ଦାଦି, ଯିଏ ନିଜକୁ ମୁସଲ୍‌ମାନ୍‌ଙ୍କ ଖଲିଫା ବୋଲି ବିବେଚନା କରୁଛି । ଖଲିଫାଙ୍କ ଶବ୍ଦାର୍ଥ ହେଉଛି ଉତରାଧିକାରୀ । ସୁତରାଂ ବଗ୍‌ଦାଦି ନିଜକୁ ନବୀ କରିମ୍ ସ:ଆ:ସଙ୍କ ଉତରାଧିକାରୀ ବୋଲି ବିବେଚନା କରୁଛି । କିନ୍ତୁ ଏତଦ୍‌ବ୍ୟତୀତ ମଧ୍ୟ ଆଉଗଣେ ଖଲିଫା ଅଛନ୍ତି, ଯିଏ ହେଉଛନ୍ତି ଖଲିଫତୁଲ୍ ମସିହ୍ ଅର୍ଥାତ୍ ମିର୍ଜା ମସ୍‌ରୁର୍ ଅହେମଦ୍ । ସେ ହେଉଛନ୍ତି ଅହେମଦୀ ମୁସଲ୍‌ମାନ୍‌ଙ୍କ ଲିଡର୍ ।

ମୁସଲ୍‌ମାନ୍‌ମାନଙ୍କ ଭିତରୁ ଅଧିକାଂଶ ଏହି ଦୁଇଜଣଙ୍କୁ ମାନୁନାହାଁନ୍ତି କିନ୍ତୁ ଏହି ଦୁଇଜଣକର ଆପୋଷରେ କିଛି ମଧ୍ୟ ସମାନତା ନାହିଁ । ଦାଇଶ୍‌ର ଖଲିଫାଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସମ୍ମାନ ଦେଇ କେବେ ବି ନିମନ୍ତ୍ରଣ ଦିଆଯିବନାହିଁ । କିନ୍ତୁ ଜମାତ୍ ଅହେମଦୀୟାର ଖଲିଫାଙ୍କୁ ପାର୍ଲିଆମେଂଟ୍ ବହୁତ ଆନନ୍ଦିତ ହୋଇ ନିମନ୍ତ୍ରଣ ଦେଇଛି । କାଲି ସେ ପାର୍ଲିଆମେଂଟ୍‌ରେ ବୈଦେଶିକ ମନ୍ତ୍ରାଳୟ କମିଟିକୁ ସମ୍ବୋଧନ କଲେ । ସେହି ସମୟରେ ତାଙ୍କୁ ସମାଲୋଚନା ମୂଳକ ପ୍ରଶ୍ନ ମଧ୍ୟ କରାଗଲା ଓ ବିବେକ ସ୍ୱାଧୀନତା ସମ୍ପର୍କରେ ମଧ୍ୟ ପ୍ରଶ୍ନ ପଚରାଗଲା । ଆଜି ସେ ଅଲ୍‌ମେରେଠାରେ ଗୋଟିଏ ନୂତନ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଜମାତ୍‌ର ଆଉଗୋଟିଏ ମସ୍‌ଜିଦ୍‌ର The Hague ଠାରେ ଅଛି ଓ ଆଉଗୋଟିଏ କମ୍ୟୁନିଟ୍ ସେଂଟର୍ ନନ୍‌ସ୍ୱିଟ୍‌ଠାରେ ମଧ୍ୟ ଅଛି ।

ଖଲିଫାଙ୍କ କହିବା ହେଉଛି କି ବଗ୍‌ଦାଦିର କାର୍ଯ୍ୟକଳାପ ଇସ୍‌ଲାମୀୟ ଶିକ୍ଷାର ବିରୋଧ ଅଟେ । ତତ୍‌ସହିତ ପବିତ୍ର କୁର୍‌ଆନ୍ ଏବଂ ହଦିସ୍ ମଧ୍ୟ ସମ୍ପୂର୍ଣ୍ଣ ରୂପେ ତାର କାର୍ଯ୍ୟକଳାପକୁ ଖଣ୍ଡନ କରୁଛନ୍ତି । ଯେତେବେଳେ ଏ ପ୍ରଶ୍ନ ପଚରାଗଲା କି ଏହି ସନ୍ତ୍ରାସବାଦ କାର୍ଯ୍ୟକଳାପ ଓ ଅପରାଧ ପବିତ୍ର କୋରାନ୍ ନାମରେ ହିଁ ହେଉଅଛି । ଏଥିରେ ଖଲିଫା ତତ୍‌କ୍ଷଣାତ୍ ଉତର ଦେଲେ କି ସେହି ସବୁ ଆୟତ ଗୁଡିକ ଭୁଲ୍ ରୂପେ ବ୍ୟବହାର କରାଯାଉଛି ।

ଖଲିଫାଙ୍କ କହିବା ହେଉଛି ବର୍ତମାନ ଏ ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ବହୁତ ଦୃତଗତିରେ ବଢ଼ିଚାଲିଛି କାରଣ ଏବେ ରୁଷିଆ ଏବଂ ଆମେରିକା ମଧ୍ୟ ଏହି ବିବାଦ ମଧ୍ୟରେ ପଡ଼ିଯାଇଛନ୍ତି ଓ ଏହି ଦୁଇପକ୍ଷ ଅଲଗା ଅଲଗା ଇସ୍‌ଲାମୀୟ ସଂଗଠନ ଗୁଡିକୁ ସାହାଯ୍ୟ କରୁଛନ୍ତି, ଯେଉଁମାନେ ପୁଣି ଆପୋଷରେ ଲଢୁଛନ୍ତି । *(ବହୱାଲା ଅଖ୍‌ବାର୍ ବଦର୍ ୫ ନଭେମ୍ବର୍ ୨୦୧୫)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା- ୬ ର ଅବଶିଷ୍ଟାଂଶ ...

ଥିଲେ, ସେ କହୁଛନ୍ତି କି ମୁଁ ହେଉଛି ଜଣେ ଆକାଉଂଟାଂଟ୍ ଓ ଶିକ୍ଷିତ ମହିଳା । ମୁଁ ବିଗତ ପାଂଚବର୍ଷ ହେବ ଜମାତ୍ ଅହେମଦୀୟା ସହିତ ସମ୍ପର୍କ ରଖିଛି । ସେବେଠାରୁ ଜମାତ୍ ସହିତ ସମ୍ପର୍କ ଓ ମୋର ପରିଚୟ ତ ଥିଲା କିନ୍ତୁ ଏହି ଜଲ୍‌ସାରେ ସାମିଲ୍ ହେବା ପରେ ଏହି ସମ୍ପର୍କ ଆହୁରି ବଢ଼ିଯାଇଛି ଓ ଇସ୍‌ଲାମ୍ ସମ୍ବନ୍ଧରେ ମୋ ମନଭିତରେ ଯେଉଁ ଶଙ୍କା ଥିଲା ସେଗୁଡିକର ଦୁରୀକରଣ ହୋଇଯାଇଛି । ମୋତେ ଏକଥା ବହୁତ ଭଲ ଲାଗିଲା କି ମହିଳା ଓ ପୁରୁଷମାନେ ଅଲଗା ଅଲଗା ବସିଥିଲେ । (ଗୋଟିଏ ପଟେ ତ ଆରୋପ ଲଗାଯାଉଛି କିନ୍ତୁ ମହିଳାମାନଙ୍କୁ ଏପରି ବ୍ୟବସ୍ଥା ବହୁତ ଭଲ ଲାଗିଛି) ସେଇଥିପାଇଁ ଲୋକମାନଙ୍କର ଧ୍ୟାନ ଭଙ୍ଗ ହେଉନଥିଲା । ସେ ଏକଥା ମଧ୍ୟ ସ୍ୱୀକାର କଲେ ଯେ ଯେବେ ଆମେ ଏକାଠି ହୋଇଥାଉ ସେତେବେଳେ ପୁରୁଷ ମାନଙ୍କର ଦୃଷ୍ଟିଭଙ୍ଗୀ ଠିକ୍ ରହେନାହିଁ । ସେ ପୁଣି କହୁଛନ୍ତି ଯେ ଏଠି ପୁରୁଷ ଓ ମହିଳାମାନେ ଅଲଗା ଅଲଗା ଥିଲେ ଏବଂ ଲୋକେ ବେଶ୍ ଏକାଗ୍ରତାର ଉପାସନା ସମ୍ପାଦନ କରୁଥିଲେ । ହଜୁର ଅନଓ୍ବର ଅ.ବ କହିଲେ ଅତଃ ଅହେମଦି ମହିଳାମାନେ ଯେକୌଣସି ପ୍ରକାରର ଦୁର୍ବଳ ମନଭାବ ପୋଷଣ କରିଥାନ୍ତି ସେମାନଙ୍କୁ ତାଙ୍କର ଏହି ମନ୍ତବ୍ୟ ଉପରେ ଅନୁଧ୍ୟାନ କରିବା ଉଚିତ୍ ।

ଇଟାଲୀର ପ୍ରଫେସର Raffaela ସାହିବା ଯେ ଜଣେ ଷ୍ଟଡ଼ି ସେଣ୍ଟର ଡିରେକ୍ଟର ଅଛନ୍ତି, ସେ କହିଲେ ବୟତ କରିବା ସମୟରେ ଅହେମଦିମାନଙ୍କ ବିଶ୍ୱାସର ଗଭୀରତା ଅନ୍ୟମାନଙ୍କୁ ମଧ୍ୟ ଜଣାପଡୁଥିଲା । ମୁଁ ସାଇକୋଲୋଜି ଅଧ୍ୟୟନ କରିଛି ଏବଂ ମୁଁ ଲୋକଙ୍କ ଚଳପ୍ରଚଳ ଓ ଆଚାର ବ୍ୟବହାରରୁ ଜାଣି ନେଇଥାଏ ଯେ, ଉକ୍ତ ବ୍ୟକ୍ତି ନିଜ ବିଶ୍ୱାସର ଘୋଷଣା କରିବାରେ କେତେ ଦୂର ଗମ୍ଭିର ଅଟେ । ମୁଁ ଅହେମଦିମାନଙ୍କୁ ଦେଖି ଜାଣିପାରିଛି ଯେ, ଆପଣମାନଙ୍କ ବିଶ୍ୱାସର ସ୍ତର ବେଶ୍ ଉର୍ଦ୍ଧ୍ୱରେ ରହିଛି । ଯେତେବେଳେ ତାଙ୍କୁ ଜଣାପଡ଼ିଲା ଯେ ଏବର୍ଷ ୫ଲକ୍ଷ୍ୟରୁ ଅଧିକ ବୟତ ହୋଇଛି ବୋଲି ତେବେ ଏଥିରେ ସେ କହିବାକୁ ଲାଗିଲେ ଯେ (ଇଶ୍ୱରଙ୍କୁ) ଧନ୍ୟବାଦ କି ଏହି ଲୋକମାନେ ଜମାତରେ ସାମିଲ୍ ହୋଇଛନ୍ତି ।

ଇଟାଲୀର ଆଉଜଣେ ମହିଳା ଅତିଥି ଯିଏ ହେଉଛନ୍ତି ଜଣେ Orientalist । ଜଣେ ପ୍ରାଚ୍ୟ ବିଦ୍ୟା ବିଶାରଦ ଏବଂ ଭାଟିକାନ୍‌ର ଗୋଟିଏ ପତ୍ରିକାର ସେ ଜଣେ ପତ୍ରକାର ଅଟନ୍ତି । ସେ କହୁଛନ୍ତି କି ଜଲ୍‌ସାରେ ଯୋଗଦେବାପରେ ମୁଁ ଜମାତ୍‌ର କାର୍ଯ୍ୟାବଳୀ ସମ୍ବନ୍ଧରେ କିଛି ଜାଣିପାରିଲି । ଆମକୁ ଦୁନିଆର ଲୋକମାନଙ୍କୁ ଏପରି ଗୋଟିଏ ସୁବ୍ୟବସ୍ଥିତ ଓ ଶାନ୍ତିପ୍ରିୟ ଇସ୍‌ଲାମୀୟ ଜମାତ ସମ୍ବନ୍ଧରେ ଜଣାଇବା ଉଚିତ୍ । ଜମାତ୍ ଅହେମଦୀୟା ମୁସଲମାନଙ୍କ ମଧ୍ୟରେ ବାର୍ତାଳାପ ଜରିଆରେ ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ବହୁତ ଚେଷ୍ଟା କରୁଅଛି । ଆପଣମାନଙ୍କର ପ୍ରୋଜେକ୍ଟସ୍, ପ୍ରୋଗ୍ରାମ୍ ଓ ସେବାମୂଳକ କାର୍ଯ୍ୟ ସମ୍ବନ୍ଧରେ ସାରା ସଂସାରକୁ ଜାଣିବା ଉଚିତ୍ ।

ବେଲାରସିଆନ୍ ୟୁନିଭରସିଟିର ୱାଇସ୍ ରେକ୍‌ଟର୍ ସର୍ଗଇ ଶତାରୁସ୍‌କି ସାହେବ କହୁଛନ୍ତି- ମୁଁ ଜଣେ ଧର୍ମ ବିଶାରଦ ହୋଇଥିବାରୁ, ଯିଏ ଇସ୍‌ଲାମ୍ ସମ୍ବନ୍ଧରେ ଉଣାଅଧିକେ ଜ୍ଞାନ ରଖିଛି (ଧର୍ମ ବିଶାରଦ ହେବା ସତ୍ତ୍ୱେ ମୁଁ ଇସ୍‌ଲାମ୍ ସମ୍ବନ୍ଧରେ ଅଳ୍ପ କିଛି ଜାଣିଛି) କିନ୍ତୁ ଜଲ୍‌ସାସାଲାନାରେ ଯୋଗଦେବା ମୋ ପାଇଁ ଅତ୍ୟନ୍ତ ମୁଲ୍ୟବାନ୍ ଅଭୁଲା ସ୍ମୃତି ଅଟେ ଓ ଏହି ଜଲ୍‌ସା ମୋ ପାଇଁ ଅତ୍ୟନ୍ତ ଲାଭବାନ୍ ଅନୁଭବ ଥିଲା । ଏହି ଜଲ୍‌ସା ଯୋଗୁ ଯେଉଁ ସତ୍ୟତା ବିଷୟରେ ମୁଁ ଜାଣିପାରିଲି ତାହା ହେଉଛି ଏହା କି ଇସ୍‌ଲାମ୍ ଏକ ଆନ୍ତର୍ଜାତିୟ ଧର୍ମ ଅଟେ । ଏହି ବାକ୍ୟ ସାଧାରଣତଃ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳୁଛି କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଏହାକୁ ବିଶ୍ୱାସ କରିପାରୁନାହିଁ । ତାକୁ କେଉଁଠି ଇସ୍‌ଲାମ୍ ସମ୍ବନ୍ଧରେ କମ୍ ଜ୍ଞାନ ରହିଛି ଓ କେଉଁଠି ଅନେକ ଗୁଡିଏ ଭୁଲ୍ ଧାରଣା ରହିଛି ଓ କେଉଁଠି ଇସ୍‌ଲାମ୍‌ର ସ୍ୱରୂପ ତାକୁ କଠିନ ଦେଖାଯାଉଛି, ଯାହା ତାକୁ ଏହା ବିଶ୍ୱାସ କରିବାକୁ ଦେଉନାହିଁ କି ଇସ୍‌ଲାମ୍ ହେଉଛି ଏକ ଆନ୍ତର୍ଜାତିୟ ଧର୍ମ । କିନ୍ତୁ ଜଲ୍‌ସାସାଲାନାର ପରିବେଶ ସମସ୍ତ ସଂଶୟ ଓ ଶଙ୍କାର ପ୍ରାଚୀରକୁ ଭାଙ୍ଗିଦେଉଛି । ଏହି ସ୍ତରର କୌଣସି ଏକ ସଭାରେ ସାମିଲ୍ ହେବା ହେଉଛି ମୋର ପାଇଁ ଏହା ପ୍ରଥମ ଅନୁଭବ । ଯଦ୍ୱାରା ମୁଁ ପ୍ରଥମ ଥର ପାଇଁ ମୁସଲମାନଙ୍କ ପରିବେଶ ଓ ତାଙ୍କ ଅତି ନିକଟରେ ରହି ଧ୍ୟାନର ସହିତ ଅଧ୍ୟୟନ କରିବାକୁ ପାଇଲି । ଏହି ଜଲ୍‌ସାସାଲାନାରେ ବହୁତ ହୃଦୟସ୍ପର୍ଶୀ ବିଷୟ ଦେଖିବାକୁ ମିଳିଲା । ବିଭିନ୍ନ ଦେଶରୁ ଆସିଥିବା ସଦସ୍ୟମାନେ ନିଜର ଜାତୀୟ ପରିଧାନକୁ ପିନ୍ଧି ଏଠାରେ ଉପସ୍ଥିତି ଥିଲେ । ସେହିପରି ଜଲ୍‌ସାସାଲାନାର ବ୍ୟବସ୍ଥାଗୁଡିକ ମଧ୍ୟ ମଣିଷକୁ ଆଶ୍ଚର୍ଯ୍ୟ ଚକିତ କରିଦେଉଛି । ୨୦୦ ଲୋକଙ୍କର ଗୋଟିଏ ଉତ୍ସବକୁ ବ୍ୟବସ୍ଥା କରିବା କଠିନ ହୋଇଯାଉଛି । କିନ୍ତୁ ଏଠି ୩୮ ହଜାର ଲୋକମାନଙ୍କ ନିମନ୍ତେ ଯେଉଁ ପ୍ରକାର ସୁବ୍ୟବସ୍ଥା କରିଛନ୍ତି, ଏହା ସେମାନେ କିପରି କରିଛନ୍ତି ବାସ୍ତବରେ ଏହା ବହୁତ ଆଶ୍ଚର୍ଯ୍ୟରେ ପକାଇ ଦେଇଛି । ମୁଁ ସମସ୍ତ ସ୍ୱେଚ୍ଛା ସେବକଙ୍କୁ ବହୁତ ଧନ୍ୟବାଦ ଅର୍ପଣ କରୁଛି କି ସେମାନେ ଏହି ଜଲ୍‌ସାର ବହୁତ ସୁନ୍ଦର ସୁବ୍ୟବସ୍ଥା କରିଛନ୍ତି ।

କାର୍‌କୁନ୍ ମାନଙ୍କ, ସ୍ୱେଚ୍ଛାସେବକଙ୍କ ବିଷୟରେ ମୁଁ ଏହା ମଧ୍ୟ ବତାଇବାକୁ ଚାହୁଁଛି କି ଏଥରକ ମଧ୍ୟ କାନାଡାରୁ ପାଖାପାଖି ୧୪୦ଜଣ ଖୁଦ୍ଦାମ୍ ୱାଇଣ୍ଡ ଅପ୍ (କାର୍ଯ୍ୟ ପରିସମାପ୍ତି) କରିବା ପାଇଁ ଆସିଥିଲେ, ଯେଉଁମାନେ ବହୁତ ଭଲ କାମ କରିଛନ୍ତି । ଏହି ସମସ୍ତ ଖୁଦ୍ଦାମ୍‌ଙ୍କ ବ୍ୟତୀତ ଯେଉଁ ଖୁଦ୍ଦାମ୍ ମାନେ ୟୁ.କେରୁ ଥିଲେ ସେମାନଙ୍କୁ ମଧ୍ୟ ଧନ୍ୟବାଦ । ଏତଦ୍‌ବ୍ୟତୀତ ତବ୍‌ଲିଗ୍ ଡିପାର୍ଟମେଂଟ୍ ୟୁ.କେ କୁ ମଧ୍ୟ ଏବର୍ଷ ସେମିନାର୍ ଓ ପ୍ରଶ୍ନୋତର ମଜଲିସ୍ ଲଗାଇବା ବ୍ୟତୀତ ପାଂଚଗୋଟି ପ୍ରଦର୍ଶନୀ ଲଗାଇବାର ଅବସର ମିଳିଲା । ଅଲ୍ କୁରଆନ୍ ପ୍ରଦର୍ଶନ । ପବିତ୍ର କୋରାନ୍‌ର ସୁନ୍ଦର ଶିକ୍ଷା ଗୁଡିକୁ ସେଥିରେ ପ୍ରଦର୍ଶୀତ କରାଯାଇଥିଲା । ବିଭିନ୍ନ ପ୍ରକାରର କୁରଆନ୍ କରିମ୍ ସେଥିରେ ରଖାଯାଇଥିଲା ଓ ସେହିପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ Speech Contest ମଧ୍ୟ କରାଯାଉଥିଲା । ହଲାଣ୍ଡର ରାଜନୈତିକ Wilders ଙ୍କ ତରଫରୁ ଯେଉଁ Hate Campaign କରାଯାଇଥିଲା ଏହାର ଉତରରେ ଏହି ସ୍ପିଚ୍ ମୁକାବିଲା ହୋଇଥିଲା । ଅନେକ ଅଣ ଅହେମଦୀ ଓ ଅଣ ୟୁରୋପୀୟ ମୁସଲିମ୍‌ମାନେ ମଧ୍ୟ ଏଥିରେ ଭାଗ ନେଇଥିଲେ । ଜଣେ ମହିଳା Katherine Mary Rohan ସାହିବା, ଯିଏ ହେଉଛନ୍ତି ଜଣେ ଇସାଇ । ସେ କହୁଛନ୍ତି- ଜଣେ ମହିଳା ହୋଇଥିବା ଯୋଗୁ ମୋର ଏଥିପ୍ରତି ଜିଜ୍ଞାସା ରହିଛି କି ମୁହମ୍ମଦ୍ ସ:ଆ:ସ ମହିଳାମାନଙ୍କ ସମ୍ବନ୍ଧରେ କଣ ମତ ରଖିଛନ୍ତି । ସେ ଏପରି ଏକ ସମୟରେ ଆସିଥିଲେ ଯେତେବେଳେ ୟୁରୋପ୍‌ରେ ସଙ୍କଟାପନ୍ନ ପରିସ୍ଥିତି ଥିଲା । ଏପରି ସମୟରେ ସେ ଏ ଘୋଷଣା କଲେ କି ଆମେ ଆମ ମହିଳାଙ୍କୁ ସମ୍ମାନର ସହିତ ବ୍ୟବହାର କରିବା । ସେହିଭଳି ଏକଦା ଜଣେ ପଚାରିବା ବାଲା ମୁହମ୍ମଦ୍ ସ:ଆ:ସଙ୍କୁ ପଚାରିଲା କି ଜୀବନରେ ସବୁଠାରୁ ଅଧିକା ସମ୍ମାନଯୋଗ୍ୟ ହେଉଛି କିଏ ? ଏଥିରେ ଆପଣ ସ:ଆ:ସ କହିଲେ ତୁମ ମା' । ପୁଣି ସେ ପଚାରିଲା ଏହାପରେ କିଏ ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ପୁନର୍ବାର କହିଲେ ତୁମ ମା' । ସେହି ବ୍ୟକ୍ତିଜଣକ ତୃତୀୟଥର ପୁଣି ସେହି କଥା ପଚାରିବାରୁ ଆପଣ ସ:ଆ:ସ କହିଲେ ତୁମ ମା' । ସେ କହୁଛନ୍ତି ଏକଥା ମୋତେ ବହୁତ ପ୍ରଭାବିତ କଲା ।

(ସହି ବୁଖାରୀ କିତାବୁଲ୍ ଅଦବ୍, ବାବ୍ ମନ୍ ଅହକନ୍‌ନାସ୍ ବେହୁସ୍‌ନେ ସୋହ୍‌ବତି, ହଦିସ୍ ନଂ- ୫୯୭୧)

ସେହିପରି ତବ୍‌ଲିଗ୍ ଡିପାର୍ଟମେଂଟ୍‌ର ଜଣେ ଅତିଥି ଥିଲେ ଲିନେଟ୍ ଗୋମିଲିଏନ୍, ସେ କହୁଛନ୍ତି ଚଳିତ ବର୍ଷ ମୋତେ ପ୍ରଥମ ଥର ଜଲ୍‌ସାରେ ଯୋଗ ଦେବାର ସୁଯୋଗ ମିଳିଲା ମୋ ମତରେ ଏପରି ବ୍ୟକ୍ତି ଯେ, ଅଲ୍ଲାଙ୍କ ଉପରେ ଖୁବ୍ କମ୍ ଜ୍ଞାନ ରଖିଥିବ ଯଦି ସେ ଜଲ୍‌ସାରେ ଯୋଗ ଦିଏ ତେବେ ଜଲ୍‌ସାର ଶେଷ ହେବା ସୁଧା ସେ ଏହି ବିଷୟରେ ଜ୍ଞାନର ସମୁଦ୍ର (ଭଣ୍ଡାର) ହାସଲ କରି ଫେରିବ ।

ଏହି ଜଲ୍‌ସାଟି ସାରା ପୃଥିବୀରେ ବିଭିନ୍ନ ମାଧ୍ୟମ ଦ୍ୱାରା ପ୍ରସାର ଓ ପ୍ରଚାର କରାଗଲା । ଏଥିରେ ମିଡିଆ ଯାହା ତ କାର୍ଯ୍ୟ କଲା ଠିକ୍ ଅଛି । ଅଲ-ଇସଲାମ ୱେବସାଇଟ୍ ମାଧ୍ୟମରେ ମଧ୍ୟ (ଲୋକେ) ୮,୬୨୦୦୦ ଥର ଭିଜିଟ୍ କରିଛନ୍ତି ଏବଂ ୨,୧୮୦୦୦ ଲୋକେ ଭିଡ଼ିଓ ଦେଖିଛନ୍ତି । ଅନ ଲାଇନ୍ ଓ ପ୍ରିଣ୍ଟ ମିଡ଼ିଆରେ ୫୩ ଗୋଟି ଖବର ପ୍ରକାଶିତ ହୋଇଛି । ରେଡ଼ିଓରେ ୨୦ଗୋଟି ଖବର ପ୍ରସାରଣ ହୋଇଛି । ଟିଭିରେ ୪ଟି ଖବର ପ୍ରସାରଣ ହୋଇଛି । ସବୁତକ ମିଶାଇ ରିପୋର୍ଟ ମୁତାବକ ୭୭ ହେଉଛି । ରିପୋର୍ଟ ମୁତାବକ ଏହା ମାଧ୍ୟମରେ ୨୬ ମିଲିୟନ୍‌ରୁ ଅଧିକ ଲୋକମାନଙ୍କ ନିକଟରେ ଆମର ବାର୍ତା ପହଂଚିଛି । ପ୍ରସିଦ୍ଧ ଟିଭି, ରେଡିଓ ଚ୍ୟାନେଲ୍ ମିଡ଼ିଆ କଭରେଜ୍ ଦେଇଥିଲେ ସେମାନଙ୍କ ମଧ୍ୟରୁ ବିବିସି ଟି.ଭି, ଆଇ.ଟିଭି, ବିବିସି ଆରବିକ୍, ଦି ଇକୋନୋମିଷ୍ଟ ପତ୍ରିକା, ଦି ଏକ୍‌ସ୍‌ପ୍ରେସ୍, ଇଣ୍ଡିପେଣ୍ଡେଂଟ୍, ହାଫିଙ୍ଗଟନ୍ ପୋଷ୍ଟ, ହେରାଲ୍‌ଡ୍, ଏବିସି, କ୍ୟାପିଟାଲ୍ ରେଡିଓ, ଅଲଟନ୍ ହେରାଲ୍‌ଡ୍, ଲଣ୍ଡନ୍ ଲାଇଭ୍, ଏତଦ୍‌ବ୍ୟତୀତ ବିବିସିର ୧୯ ଗୋଟି ରିଜିଓନାଲ୍ ରେଡିଓ ସେଂଟରରେ ରବିବାର ଦିନ ଆମ ପ୍ରତିନିଧିଙ୍କୁ ସମୟ ଦିଆଗଲା । ଏହାଦ୍ୱାରା ବହୁତ ବଡ଼ ଇଲାକା କଭର୍ ହେଲା । ସାରା ପୃଥିବୀରୁ ଜର୍ନାଲିଷ୍ଟ ଆସିଥିଲେ । ସେମାନେ ମଧ୍ୟ ଏଠାରୁ ଫେରିଯାଇ ନିଜ ଖବରକାଗଜ ଏବଂ ଇଲେକ୍‌ଟ୍ରୋନିକ୍‌ସ୍ ମିଡ଼ିଆରେ ଜଲ୍‌ସା ପ୍ରସଙ୍ଗରେ ଖବର ଓ ଡକ୍ୟୁମେଂଟାରୀ ପ୍ରସାରଣ କଲେ ।

ଗୋଟିଏ ଜାପାନୀ ନ୍ୟୁଜ୍ ଏଜେନ୍‌ସିର ପତ୍ରକାର କହୁଛନ୍ତି କି ମୁଁ ଏହି ଜଲ୍‌ସାସାଲାନାର ଶାନ୍ତିପୁର୍ଣ୍ଣ ପରିବେଶ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଏଠି ସମସ୍ତଙ୍କ ମୁହଁରେ ହସ ଝଲକୁଥିଲା, କିନ୍ତୁ ଆଲମି ବୟତ (ବିଶ୍ୱବ୍ୟାପି ବୟତ ଉତ୍ସବ) ଅବସରରେ ବହୁ ସଂଖ୍ୟକ ଲୋକେ ରହି ରହି କାହିଁକି କାନ୍ଦୁଥିଲେ ? ଏଥିରେ ତାଙ୍କୁ ପରେ ବତାଗଲା କି ସମସ୍ତ ଅହେମଦୀ ମୁସଲମାନ୍ ଖୁସି ଅନୁଭବ କରୁଥିଲେ । ଓ ସେମାନେ ସେତେବେଳେ ଏଇଥିପାଇଁ କାନ୍ଦୁଥିଲେ କି ଇଶ୍ୱରଙ୍କ ତରଫରୁ ପ୍ରଦାନ କରାଯାଇଥିବା ନେମତ୍ (ବୈଭବ/କରୁଣା)ର କୃତଜ୍ଞତା ଜ୍ଞାପନ କରୁଥିଲେ ଓ ଏ ସଂସାରରେ କିପରି ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ହେବ, ସେଥିପାଇଁ ପ୍ରାର୍ଥନା କରୁଥିଲେ ।

ଆଉଜଣେ ମହିଳା ପତ୍ରକାର ମହିଳାମାନଙ୍କର ଜଲ୍‌ସାଗାଃ ସମ୍ବନ୍ଧରେ କହୁଛନ୍ତି କି ପଚ୍ଛବର୍ଷ ମୋତେ ଏହି ଜଲ୍‌ସାରେ ସାମିଲ୍ ହେବାକୁ ଅବସର ମିଳିଥିଲା କିନ୍ତୁ ମୁଁ ମହିଳା ମାନଙ୍କ ପାଇଁ ଥିବା ନିର୍ଦ୍ଦିଷ୍ଟ ଜଲ୍‌ସାଗାଃ ଭିତରକୁ ଯାଇପାରିନଥିଲି । ଏବର୍ଷ ମୋତେ ମହିଳାମାନଙ୍କ ନିକଟକୁ ଯିବାପାଇଁ ଅବସର ମିଳିଲା । ମୋତେ ଏହା କହିବାକୁ ହେବ ଯେ ଆପଣମାନଙ୍କ ମହିଳାମାନେ ପୁରୁଷଙ୍କ ଠାରୁ ଅଧିକା ଶିକ୍ଷିତା ଓ ସେମାନେ ପ୍ରତିକ୍ଷେତ୍ରରୁ ସ୍ୱାଧିନ ଥିଲେ ଓ ନିଜ ଜମାତ୍ ସହିତ ଅତ୍ୟନ୍ତ ନିଷ୍ଠାବାନ୍ ଥିବାର ଜଣାପଡୁଥିଲେ । ଏହା ମୋ ପାଇଁ ବହୁତ ପ୍ରଭାବଶାଳୀ ଅନୁଭବ ଥିଲା ।

ଏବର୍ଷ ଆଫ୍ରିକାରେ ଜଲ୍‌ସାର କଭରେଜ୍ କରାଗଲା ଓ ୧୫ ଗୋଟି ଟିଭି ଚ୍ୟାନେଲ୍ ଇଂଲଣ୍ଡ ଜଲ୍‌ସାର କାର୍ଯ୍ୟକ୍ରମ ପ୍ରସାରଣ ହେଲା । ସେମାନଙ୍କ ମଧ୍ୟରୁ ଘାନା, ନାଇଜେରିଆ, ସିରିଆଲିଓନ୍ ଗାମ୍ବିଆ, ରୱାଣ୍ଡା, ବୁର୍କିନାଫାସୋ, ବେନିନ୍, ୟୁଗାଣ୍ଡା, ମାଲି, କଙ୍ଗୋ ବରାଜାଓ୍ୱିଲ୍ ଏବଂ ପ୍ରଥମଥର ପାଇଁ ବରୁଣ୍ଡି ଟେଲିଭିଜନ୍ ମଧ୍ୟ ଜଲ୍‌ସାର କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରସାରଣ କରିଛି । ବିଭିନ୍ନ ପତ୍ରକାରଗଣ ନିଜ ନିଜ ଚ୍ୟାନେଲ୍‌ରେ ନ୍ୟୁଜ୍ ଷ୍ଟୋରି ଦେଇଛନ୍ତି, ଯଦ୍ୱାରା ସମୁଦାୟ ୫୦ମିଲିୟନ୍ ଲୋକେ ଆଫ୍ରିକାରେ ଜଲ୍‌ସାର କାର୍ଯ୍ୟକ୍ରମ ଗୁଡ଼ିକୁ ଦେଖିଲେ । ସେମାନଙ୍କ ନିକଟରୁ ସହସ୍ର ମତାମତ ମଧ୍ୟ ମିଳୁଅଛି । ଏଥିରୁ ଜଣାପଡୁଛି କି ଲୋକମାନେ ପ୍ରୋଗ୍ରାମ୍ ଗୁଡ଼ିକୁ ଦେଖିଛନ୍ତି ।

ସେ ଯାହାହେଉ, ଏହା ଏକ ବହୁତ ଲମ୍ବା ବିବରଣୀ । ସେଥିରେ ଲୋମାନଙ୍କର ମନୋଭାବ ବ୍ୟକ୍ତ କରିବା କଥା ରହିଛି ଓ ପ୍ରେସ୍ ମଧ୍ୟ ରହିଛି । ସେହିପରି ଅନ୍ୟ ବିଭାଗ ଗୁଡିକ ମଧ୍ୟ ଅସାଧାରଣ ପ୍ରଭାବ ଛାଡ଼ିଯାଇଛନ୍ତି । ଫଟୋ ପ୍ରଦର୍ଶନୀ, ରିଭ୍ୟୁ ବ୍ୟତୀତ ଆର୍କାଇଭ୍ ଏବଂ ଅଲ୍‌ହକମ୍‌ର ପ୍ରଦର୍ଶନୀ ଇତ୍ୟାଦି ଦ୍ୱାରା ଲୋକମାନଙ୍କୁ ଜମାତ୍‌ର ଇତିହାସ ବିଷୟରେ ଜ୍ଞାନ ପ୍ରାପ୍ତ ହେଲା । ଜଲ୍‌ସାର ସମସ୍ତ ବ୍ୟବସ୍ଥା ଓ ପ୍ରଦର୍ଶନୀ ଇତ୍ୟାଦି କାର୍ଯ୍ୟଗୁଡିକ ମଧ୍ୟ, ଏହି କାର୍ଯ୍ୟଗୁଡିକୁ ସ୍ୱେଚ୍ଛାସେବକମାନେ ହିଁ କରୁଥିଲେ । ହଜୁର ଅନଓ୍ବର ଜଲ୍‌ସାର ସେବା କାର୍ଯ୍ୟରେ ନିୟୋଜିତ ସେବକମାନଙ୍କ ପ୍ରସଂଶାଗାନ କରି କହିଲେ ସମସ୍ତ ସେବକ ପିଲା, ଯୁବକ ଓ ମହିଳାମାନେ ଏକ ନିରବ ତବ୍‌ଲିଗ୍ (ପ୍ରଚାର) ମଧ୍ୟ କରୁଥିଲେ । ପିଲାମାନେ, ମହିଳାମାନେ ଓ ପୁରୁଷମାନେ ମଧ୍ୟ । ଏଥର ଯୋଗ ଦେଇଥିବା ଅତିଥିବୃନ୍ଦ ଏହି ମତବ୍ୟକ୍ତ କରୁଥିଲେ କି ସମସ୍ତ ସେବକମାନଙ୍କ ମଧ୍ୟରେ ଅସାଧାରଣ ଉତମ ଚରିତ୍ର ଦୃଶ୍ୟମାନ ହେଉଥିଲା ଏବଂ ସେବା କରିବାର ମନଭାବ ମଧ୍ୟ ଅସାଧାରଣ ଥିଲା । ହଜୁର ଅନଓ୍ବର ଅ.ବ କହିଲେ- ସମସ୍ତ ଯୋଗଦାନକାରୀଙ୍କୁ ଅଲ୍ଲାଃତାଲାଙ୍କ କୃତଜ୍ଞ ହେବା ପରେ ସେବକମାନଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଅଲ୍ଲାଃତାଲା ସେମାନଙ୍କୁ ଭବିଷ୍ୟତରେ ମଧ୍ୟ ଏହିପରି ସେବା କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ମୁଁ ମଧ୍ୟ ସମସ୍ତ କାର୍‌କୁନ୍ ଓ କାର୍‌କୁନାତ୍ (ସ୍ୱେଚ୍ଛାସେବକ ଓ ସ୍ୱେଚ୍ଛାସେବିକା) ମାନଙ୍କୁ ଧନ୍ୟବାଦ ଜଣାଉଛି, ଅଲ୍ଲାଃତାଲା ସେମାନଙ୍କୁ ପୂର୍ବଠାରୁ ବଳି ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ଆସନ୍ତାକୁ ସେବା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲାଙ୍କ ଦୟା ବିନା ସେବା କରିବାର ସୌଭାଗ୍ୟ ମିଳିବା ଅସମ୍ଭବ । ଅଲ୍ଲାଃତାଲା ସମସ୍ତଙ୍କୁ ବିନମ୍ରତାରେ ବଢ଼ିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ଏହି ସେବାଯୋଗୁ ଓ ଏହି ପ୍ରଶଂସା ଯୋଗୁ କୌଣସି ପ୍ରକାରର ଗର୍ବ ଓ ଅହଂକାର ସେମାନଙ୍କ ମନରେ ସୃଷ୍ଟି ନହେଉ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.3 Thursday 13 September 2018 Issue No.37**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ୍ ଗସ୍ତ - ଅକ୍ଟୋବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

**୭ ଅକ୍ଟୋବର ୨୦୧୫ (ବୁଧବାର)**

ସକାଳ ୬:୪୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବଇତୁଲ୍ ନୁର୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାବର୍ତନ କଲେ ।

**ଗୋଟିଏ ରିଜିଓନାଲ୍ ଖବରକାଗଜର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଇଂଟରଭ୍ୟୁ**

ଠିକ୍ ୧୨:୨୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫତର୍‌କୁ ଆସିଲେ, ଯେଉଁଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ସାକ୍ଷାତ୍‌କାର୍ ମଝିରେ ପ୍ରୋଗ୍ରାମ୍ ମୁତାବକ ଏଠିକାର ଗୋଟିଏ ସ୍ଥାନୀୟ ଖବରକାଗଜ "D E STENTOR" ର ଜଣେ ବରିଷ୍ଠ ପତ୍ରକାର JELLE BOONSTRA ସାହେବ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେବାପାଇଁ ଆସିଲେ । ଏହି ପତ୍ରକାର ଜଣକ ଆର୍ଟିକିଲ୍ ଓ ସ୍ତମ୍ଭ ଗୁଡିକ ଦେଶର ଜାତୀୟ ଖବରକାଗଜରେ ମଧ୍ୟ ପ୍ରକାଶ ପାଉଛି । ଖବରକାଗଜ "D E STENTOR" ର ପ୍ରକାଶନ ସଂଖ୍ୟା ହେଉଛି ପାଖାପାଖି ୧ଲକ୍ଷ । ୧୨:୪୦ରେ ଇଂଟରଭ୍ୟୁ ଆରମ୍ଭ ହେଲା ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମ ପ୍ରଶ୍ନ ପଚାରିଲେ କି ଆମର ଏହା ଏକ ଛୋଟିଆ ଦେଶ କିନ୍ତୁ ଆପଣ ଏଠାରେ ଗୋଟିଏ ସପ୍ତାହ ସମୟ ଦେଲେଣି । ଆପଣଙ୍କର ଏଠି କଣ ସବୁ ପ୍ରୋଗ୍ରାମ୍ ରହିଛି ଓ କଣ ସବୁ କାରଣ ରହିଛି କି ଏଠାରେ ଆପଣ ଏତେ ସମୟ ଦେଇଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ବର୍ଷକରେ ଥରେ ବା ଦୁଇଥର ଏଠାକୁ ଆସୁଛି । ଏବେ ଏଠାକୁ ଦୁଇବର୍ଷ ପରେ ଆସିଛି । ତେଣୁ ଏବେ ଏ ପ୍ରଶ୍ନ ହେବାକଥା କି ମୁଁ ଏତେ ବିଳମ୍ବରେ ଏଠାକୁ କାହିଁକି ଆସିଲି । ଏଥିରେ ଜର୍ନାଲିଷ୍ଟ୍ ଜଣକ କହିଲେ ହଁ ଏହା ଠିକ୍ ପ୍ରଶ୍ନ ହୋଇଥାଆନ୍ତା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୋର ଯେଉଁ ସବୁ କାର୍ଯ୍ୟଗୁଡିକ ରହିଛି ସେଥିରେ ଅନ୍ୟ ସିଡ୍ୟୁଲ୍ ମଧ୍ୟ ଅଛି, କାର୍ଯ୍ୟବ୍ୟସ୍ତତା ରହିଛି, ଯେଉଁଥିପାଇଁ ବିଗତ ଦୁଇବର୍ଷ ମୁଁ ଏଠାକୁ ଆସିପାରିଲି ନାହିଁ । ଏବେ ଏଠିକାର କମ୍ୟୁନିଟି ପାର୍ଲିଆମେଂଟ୍‌ରେ ଗୋଟିଏ ଉତ୍ସବର ବ୍ୟବସ୍ଥା କରିଛନ୍ତି । ତତ୍‌ସହିତ ଅଲ୍‌ମେରେ (Almere) ସହରରେ ଗୋଟିଏ ମସ୍‌ଜିଦ୍‌ର ଭିତିପ୍ରସ୍ତର ରଖିବାର ପ୍ରୋଗ୍ରାମ୍ ମଧ୍ୟ ରହିଛି । ଏହି ଦୁଇଟି ପ୍ରୋଗ୍ରାମ୍ ଯୋଗୁଁ ମୁଁ ଏଠାକୁ ଆସିଛି । ଏତଦ୍‌ବ୍ୟତୀତ ମୁଁ ଏ ସ୍ଥାନକୁ ବହୁତ ପସନ୍ଦ କରେ । ବହୁତ ସୁନ୍ଦର ଇଲାକା ଓ ଭଲ ପରିବେଷ । ତେଣୁ ଏଠାକୁ ଆସି ମୁଁ କିଛି ଆରାମ ପାଉଛି ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ ପଚାରିଲେ କି ଯେଉଁ ଅହେମଦୀମାନେ ଆପଣଙ୍କ ସହିତ ମିଶୁଛନ୍ତି ସେମାନେ କଣ ଆପଣଙ୍କଠାରୁ କିଛି ରହ୍‌ନୁମାଇ (ମାର୍ଗଦର୍ଶନ) ନେଉଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ହଁ କିଛି ଲୋକ ମୋ ଠାରୁ ରହ୍‌ନୁମାଇ ନେଉଛନ୍ତି । ଏଠାରେ ଆମର କମ୍ୟୁନିଟି ବର୍ତମାନ ବହୁତ ଛୋଟ ଅଛି । ପାକିସ୍ତାନ୍‌ରେ ଅହେମଦୀ ମାନଙ୍କ ଉପରେ ଅତ୍ୟାଚାର ହେଉଥିବା ଯୋଗୁ ଏଠାରେ ନୁଆ ନୁଆ ଲୋକେ ଆଜାଇଲମ୍ ସିକର୍ସ୍ (ଶରଣ ଚାହୁଁଥିବା ବ୍ୟକ୍ତି) ଆସିଛନ୍ତି । ଏହି ଲୋକମାନେ ୟୁ.ଏନ୍ ରିଫ୍ୟୁଜି ପ୍ରୋଗ୍ରାମ୍ ଯୋଗୁ ଏଠାକୁ ଆସୁଛନ୍ତି । ସେମାନଙ୍କ ସହିତ ଆଜି ମୁଁ ପ୍ରଥମଥର ପାଇଁ ମିଶିଛି ଓ ତାଙ୍କ ସହିତ କଥା ମଧ୍ୟ ହୋଇଛି । ଏକପ୍ରକାର ପ୍ରେମ ଓ ସ୍ନେହର ସମ୍ପର୍କ ଅଛି ଓ ମନୋଭାବର ଆଦାନପ୍ରଦାନ ରହିଛି ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି ଆଜିକାଲି ମୁସଲ୍‌ମାନ୍ ଦେଶଗୁଡିକରେ ରାଜନୈତିକ ଅବସ୍ଥା ବହୁତ ଖରାପ । ଆପଣ କହିସାରିଛନ୍ତି କି ଆମେ ଏକ ବିଶ୍ୱଯୁଦ୍ଧ ନିକଟରେ ପହଂଚିସାରିଛେ । କଣ ଏହା ଠିକ୍ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ପ୍ରଥମଥର ପାଇଁ ଏକଥା ବତାଉନାହିଁ, ଅନେକ ବର୍ଷ ହେବ ମୁଁ ଏ ଅବସ୍ଥାର ଅନୁସନ୍ଧାନ କରି ଏ କଥା କହୁଅଛି । ବହୁତ ଗୁଡିକ କାରଣ ରହିଛି ଯେଉଁଥିପାଇଁ ଏ ଦୁନିଆରେ ବିଭ୍ରାଟ ଘଟିଚାଲିଛି । ଗୋଟିଏ କାରଣ ହେଉଛି ଏହା କି ସେହି ସବୁ ମୁସଲ୍‌ମାନ୍ ଦେଶଗୁଡିକର ଲିଡର୍‌ସିପ୍ ଦୁର୍ବଳ ହୋଇଯାଇଛି ଓ ସେମାନେ ନିଜ ଦେଶର ଜନତାଙ୍କ ସହିତ ସୁବ୍ୟବହାର କରୁନାହାଁନ୍ତି । ଲୋକମାନଙ୍କର ଅଧିକାରକୁ ପ୍ରଦାନ କରାଯାଉନାହିଁ । ସେଇଥିପାଇଁ ଲୋକମାନଙ୍କ ତରଫରୁ ନିଜ ସରକାରଙ୍କ ବିରୋଧରେ ଏକ ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

ପୁଣି ଦ୍ୱିତୀୟ କାରଣ ହେଉଛି- ସେହି ସବୁ ଦେଶଗୁଡିକରେ ଶାନ୍ତି ସ୍ଥାପନ କରିବା ପ୍ରସଙ୍ଗରେ ପାଶ୍ଚାତ୍ୟ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ହସ୍ତକ୍ଷେପ କରୁଛନ୍ତି । ସେଇଥିଯୋଗୁ ମୁସଲ୍‌ମାନ ରାଷ୍ଟ୍ରଗୁଡିକ ବହୁମାତ୍ରାରେ ବିଶୃଙ୍ଖଳିତ ହୋଇଉଠିଛି ଓ ଜନତା ନିଜ ଲିଡର୍‌ମାନଙ୍କ ବିରୋଧରେ ଛିଡ଼ା ହୋଇଛନ୍ତି ।

Sadam Regime ପରେ ପରିସ୍ଥିତି ସାଧାରଣ ହୋଇନାହିଁ ବରଂ ଅଧିକା ଖରାପରୁ ଖରାପ ହୋଇଚାଲିଛି । ଏହିଭଳି ପରିସ୍ଥିତିରେ ମୁସଲ୍‌ମାନ୍ ଦେଶଗୁଡିକୁ ବହୁତମାତ୍ରାରେ ନିରାଶାର ଶିକାର ହୋଇଯାଇଛନ୍ତି କି ବୋଧହୁଏ ପାଶ୍ଚାତ୍ୟ ଦେଶଗୁଡିକ ଆମ ଉପରେ ବିଜୟଲାଭ କରିବା ପାଇଁ ଚେଷ୍ଟା କରୁଛନ୍ତି ।

ପୁଣି ସେହି ଇଲାକାରେ ବର୍ତମାନ ସିରିଆର ପରିସ୍ଥିତି ଦିନକୁ ଦିନ ଆହୁରି ଅଧିକ ଖରାପ ହୋଇଚାଲିଛି । ଅନେକ ଗୁଡିକ କଥା ଅଛି ଯାହା ତା ଅବସ୍ଥାକୁ ଖରାପ କରିବାର କାରଣ ହେଉଅଛି । ୨୦୦୮ ମସିହାରେ ଯେଉଁ ଆର୍ଥିକ ସଂକଟ ଉତ୍ପନ୍ନ ହେଲା ତାର ପ୍ରଭାବ ମଧ୍ୟ ପଡ଼ିଛି । ସେଇଥିଯୋଗୁ ପରିସ୍ଥିତି ଦିନକୁ ଦିନ ଖରାପ ହେଲା । ବର୍ତମାନ ଅନେକ ଦେଶଗୁଡିକରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଯାଇଛି । ଇରାକ୍, ସରିଆ ଓ ୟମନ୍‌ରେ ଯୁଦ୍ଧ ପରିସ୍ଥିତି ଉପୁଜିଛି । ଜୋର୍ଡାନ୍ ମଧ୍ୟ ସୁରକ୍ଷିତ ନୁହେଁ । ଏବେ ରୁଷିଆ ଏବଂ ପାଶ୍ଚାତ୍ୟ ଦେଶଗୁଡିକ ବିଭିନ୍ନ ଗ୍ରୁପ୍‌ସ୍ ଓ ବିଭିନ୍ନ ସଂଗଠନ ଗୁଡିକୁ ସାହାଯ୍ୟ କରୁଛନ୍ତି । ଯେପରି ରୁଷିଆ ସିରିଆ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ବାହାରି ପଡ଼ିଛି ଓ ସିରିଆ ସରକାରଙ୍କ ବିରୋଧି ଗୋଷ୍ଠୀ ସମୁହ ଯେଉଁମାନଙ୍କ ମଧ୍ୟରେ ISIS ଏବଂ ବିଦ୍ରୋହୀମାନେ ସାମିଲ୍ ଅଛନ୍ତି, ସେ ସମସ୍ତଙ୍କ ବିରୋଧରେ ରୁଷିଆ କାରବାଇ କରିବା ପାଇଁ ଆସିଛି । ରୁଷିଆ ସେହିସବୁ ସରକାରୀ ବିରୋଧି ଗୋଷ୍ଠୀମାନଙ୍କ ଠିକଣା ସ୍ଥାନ ଉପରକୁ ଆକ୍ରମଣ ମଧ୍ୟ କରିଛି । ଅନ୍ୟପଟେ ଆମେରିକା ରୁଷିଆର ଏହିଭଳି ହସ୍ତକ୍ଷେପକୁ ପସନ୍ଦ କରୁନାହିଁ ଓ ଆମେରିକା ସିରିଆ ସରକାରୀ ବିରୋଧି ଗୋଷ୍ଠୀମାନଙ୍କୁ ସାହାଯ୍ୟ କରୁଛି ।

ଏବେ ଏବେ ରୁଷିଆ ତୁର୍କୀର ସୀମା ନିକଟରେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଯେଉଁଥିପାଇଁ NATO ରୁଷିଆକୁ ବଡ କଠିନ ଶବ୍ଦଦ୍ୱାରା ସତର୍କ କରାଇଦେଇଛି । ଅନ୍ୟପଟେ ବଡ ବଡ ଶକ୍ତି ରାଷ୍ଟ୍ରଗୁଡିକର ବ୍ଲକ୍‌ସ୍ ସୃଷ୍ଟି ହେଉଅଛି । ଚାଇନା କହିସାରିଛି କି ଯଦି କୌଣସି ପ୍ରକାର ସଂକଟ ଦେଖାଦିଏ ତେବେ ସେ ରୁଷିଆକୁ ସାହାଯ୍ୟ କରିବ । ତେଣୁ ଏହି ସବୁ ପରିସ୍ଥିତି ଯୋଗୁ ବିଶ୍ୱଯୁଦ୍ଧର ବିପଦ ଦେଖାଦେଇଛି ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ କି ଏହିଭଳି ପରିସ୍ଥିତି କିପରି ଠିକ୍ ହୋଇପାରିବ ? ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବୁଦ୍ଧିମତାର ସହିତ କାମ ନିଅ, ପୁଣି କହିଲେ ମୁଁ ଅନବରତ ସତର୍କ କରାଉଅଛି । ବର୍ତମାନ କିଛି ଛୋଟ ଛୋଟ ଦେଶଗୁଡିକ ନିକଟରେ ମଧ୍ୟ ନ୍ୟୁକ୍ଲିଅର୍ ଶକ୍ତି ଆସିଗଲାଣି । ଆମେରିକା, ବ୍ରିଟେନ୍ ଏବଂ ରସିଆ ଜାଣିଛନ୍ତି କି ନାଲିବତୀକୁ ଦବାଓନାହିଁ ଓ ନ୍ୟୁକ୍ଲିଅର୍ ଅସ୍ତ୍ର ବ୍ୟବହାର କରନାହିଁ କିନ୍ତୁ ଯେଉଁ ଛୋଟ ଦେଶଗୁଡିକ ରହିଛି ନା ତେ ସେ ଏକଥାକୁ ବୁଝୁଛନ୍ତି ନା କୌଣସି ପ୍ରକାରର ପରବାୟ କରୁଛନ୍ତି । ସେଇଥିପାଇଁ ବିପଦ ଅଧିକ ବଢ଼ିଚାଲିଛି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ବର୍ତମାନ ୟୁରୋପୀୟ ଦେଶଗୁଡିକରେ ସିରିଆରୁ ରିଫ୍ୟୁଜି ଲୋକେ ଆସି ପ୍ରବେଶ କରୁଛନ୍ତି । (ତେଣୁ) ଏଠିକାର ଲୋକମାନେ ବହୁତ ବ୍ୟସ୍ତ ହୋଇପଡ଼ିଛନ୍ତି କି ଏହି ସବୁ ରିଫ୍ୟୁଜି ମାନଙ୍କ ମଧ୍ୟରେ ସନ୍ତ୍ରାସବାଦୀମାନେ ପ୍ରବେଶ କରିନଯାଆନ୍ତୁ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବର୍ତମାନ ସିରିଆରୁ ମୁହାଜିର୍ ଆସୁଛନ୍ତି ଓ ISIS ର ପ୍ରତିନିଧି ଏକଥା କହିସାରିଛନ୍ତି କି ପ୍ରତ୍ୟେକ ୫୦ ଜଣିଆ ସିରିଆର ମୁହାଜିରିନ୍ ମାନଙ୍କ ମଧ୍ୟରେ ଜଣେ ଲେଖାଏଁ ISIS ର ଗୁରୁତ୍ୱପୁର୍ଣ୍ଣ କର୍ମଚାରୀ ରହିଛନ୍ତି । ଏହିପରି ଯଦି ଏକଥା ଠିକ୍ ତାହାଲେ ସେହି ସନ୍ତ୍ରାସବାଦୀ ମାନଙ୍କର ବହୁ ସଂଖ୍ୟକ ପ୍ରତିନିଧି ଆସିସାରିଥିବେ । ତାହାଲେ ଏହ ପାଶ୍ଚାତ୍ୟ ଦେଶଗୁଡିକ ନିମନ୍ତେ ବହୁତ ବଡ଼ ବିପଦ । ଜଣେ ଲୋକ ଆତ୍ମଘାତି ଆକ୍ରମଣ କରି ଏ ଇଲାକାର ଶାନ୍ତି ନଷ୍ଟ କରିପାରେ ।

ବର୍ତମାନ ଯେଉଁ ସନ୍ତ୍ରାସବାଦୀମାନେ ଅଛନ୍ତି ସେମାନେ Radicalize ହୋଇଥିବା ଲୋକମାନଙ୍କୁ ବତାଉଛନ୍ତି କି ନିଜ ନିଜ ଦେଶରେ ରୁହ, ଆମେ ତୁମକୁ ତୁମ ଦେଶରେ ହିଁ ପ୍ରସ୍ତୁତ କରାଇବୁ । ତୁମକୁ ଅର୍ଥ ମଧ୍ୟ ଦେବୁ ଓ ତୁମକୁ ସାହାଯ୍ୟ ମଧ୍ୟ କରିବୁ । ଏବେ ଇଂଟର୍‌ନେଟ୍ ମାଧ୍ୟମରେ ସେହି ସବୁ ଲୋକମାନଙ୍କୁ ଘେରାଯାଉଛି ଓ କୁହାଯାଉଛି କି ସିରିଆ ଓ ଇରାକ୍ ଯିବା ପରିବର୍ତେ ନିଜ ନିଜ ଦେଶରେ ରହି ଆମ ଏଜେଣ୍ଡା ମୁତାବକ କାର୍ଯ୍ୟକର । ବର୍ତମାନ ସେମାନେ କହୁଛନ୍ତି କି ଆଗକୁ ସାଇବର୍ ଆକ୍ରମଣ ହେବ । ଏବେ ଏହାଦ୍ୱାରା ବହୁତ ବଡ ଚକ୍ରାନ୍ତ ଚାଲିଛି । ତେଣୁ ଏଥିରୁ ବଂଚିବା ଅସମ୍ଭବ । କେବଳ ଗୋଟିଏ ହିଁ ସମାଧାନର ମାର୍ଗ ଅଛି କି ସେମାନଙ୍କୁ ମୂଳରୁ ହିଁ ନିଃଶେଷ କରିଦିଆଯାଉ ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ଯେଉଁ ମୁସଲ୍‌ମାନ୍‌ମାନେ ଉଚ୍ଚ ଶିକ୍ଷା ହାସଲ କରିଛନ୍ତି ଓ ବହୁତ ପାଠ ପଢ଼ିଛନ୍ତି ସେମାନେ ଚରମପନ୍ଥୀ ଆଡକୁ ଢ଼ଳୁଛନ୍ତି । ଏହାର କଣ କାରଣ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏଥିରେ ଇଂଟର୍‌ନେଟ୍‌ର ବହୁତ ବଡ ଅଭିନୟ ଅଛି । ପଢ଼ାଲେଖା ଲୋକମାନେ ସମସ୍ତେ ଇଂଟର୍‌ନେଟ୍ ସିଷ୍ଟମ୍‌କୁ ଜାଣିଛନ୍ତି କି ଏହା କିପରି ବ୍ୟବହାର କରାଯାଏ । ସେମାନଙ୍କୁ ବତାଯାଉଛି କି ସରକାର ତୁମର ଅଧିକାରକୁ ପ୍ରଦାନ କରୁନାହାଁନ୍ତି, ତୁମକୁ ପଛରେ ପକାଇ ଦେଇଛନ୍ତି, ତୁମ ଭାଇ,ଭଉଣୀ ଅନ୍ୟ ଦେଶଗୁଡିକରେ ବହୁତ କଠିନ ପରିସ୍ଥିତିରେ ଜୀବନ ଅତିବାହିତ କରୁଛନ୍ତି । ତେଣୁ ତୁମେ କାହିଁକି ସେମାନଙ୍କୁ ସାହାଯ୍ୟ କରୁନାହଁ । ତୁମ ନିକଟରେ କୌଣସି ରୋଜଗାର ନାହିଁ । ତେଣୁ ଆମେ ତୁମକୁ ସାହାଯ୍ୟ କରୁଅଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ୨୦୦୮ ମସିହାରେ ହୋଇଥିବା ଆର୍ଥିକ ସଂକଟ ଯୋଗୁ ପ୍ରତ୍ୟେକ ଜିନିଷର ମୂଲ୍ୟ ଗୁଡିକ ବହୁତ ବଢ଼ିଯାଇଛି ଏବଂ ଅନ୍ୟପଟେ କିଣିବା ପାଇଁ ଶକ୍ତି କମ୍ ହୋଇଛି । ବ୍ୟାଙ୍କ୍ କରଜ ଦେଉନାହିଁ । ଯଦି ଦେଉଛି ତ ବହୁତ ଗୁଡିକ ସର୍ତ ରଖି ଦେଉଛି । ଘର ଯଦି କିଣିବାକୁ ଅଛି ତେବେ ଏକ ମୋଟା ଅର୍ଥ ପ୍ରଥମେ ଜମା କର । ତା ପରେ ଯାଇ କରଜ ମିଳିବ । ଏହିସବୁ କଥା ଗୁଡିକ ସେମାନଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି । ୟୁ.କେ ରେ ୧.୮ ମିଲିୟନ୍ ଲୋକେ ଏପରି ଅଛନ୍ତି, ଯେଉଁମାନଙ୍କ ନିକଟରେ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**